RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 42 ◆ISSUE-343 ◆BHUBANESWAR ◆WEDNESDAY ◆11 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୪୩ ◆ଭୁବନେଶ୍ୱର ◆ବୁଧବାର ◆୧୧ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





## ଜନଜାଗରଣ ଅଭିଯାନରେ ବର୍ଷିଲେ ନବୀନ

# ଲମ୍ବାଲମ୍ବା ଭାଷଣ, ବଡ଼ବଡ଼ ବିଜ୍ଞାପନରେ ବିକାଶ ହୁଏନି

**ଲୋକଙ୍କ ସରକାରରେ ଲୋକେ ବେଶି ହଇରାଣ**

**ବିନା ଟଙ୍କାରେ ମିଳୁନାହିଁ ଡାକ୍ତରଖାନାରେ ଚିକିତ୍ସା**

**ଭାଙ୍ଗି ଯାଇଛି ମିଶନ ଶକ୍ତି ମା'ଙ୍କ ଆତ୍ମବିଶ୍ୱାସ**

**ମିଲରଙ୍କ ଦୟା ଉପରେ ଚାଷୀ ନିର୍ଭର କରୁଛି**

**ରେକର୍ଡ ପରିମାଣ ଋଣରେ ଚାଲିଛି ସରକାର**



■ **ଭୁବନେଶ୍ୱର, ୧୦।୬ (ସମିସ):** ଲମ୍ବାଲମ୍ବା ଭାଷଣ ଓ ବଡ଼ବଡ଼ ବିଜ୍ଞାପନରେ ରାଜ୍ୟର ବିକାଶ ହୁଏ ନାହିଁ। ରାଜ୍ୟ ବିଜେପି ସରକାର ନିଜକୁ ଲୋକଙ୍କ ସରକାର କହୁଛି; ମାତ୍ର ସମାଜର ପ୍ରତିଟି ବର୍ଗର ଲୋକେ ଏହି ସରକାରରେ ହଇରାଣ ହେଉଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି, ମିଶନ ଶକ୍ତି ମାମାନଙ୍କର ଆତ୍ମବିଶ୍ୱାସ ଭାଙ୍ଗି ଯାଇଛି, ରାଜ୍ୟର ଚାଷୀ ମିଲରଙ୍କ ଦୟା ଉପରେ ନିର୍ଭର କରୁଛି ଓ ବିକାଶ ମୂଳକ କାର୍ଯ୍ୟକ୍ରମ ଏକପ୍ରକାର ଠପ୍ ହୋଇପଡ଼ିଛି। ରାଜ୍ୟ ସରକାର ଏବେ ରେକର୍ଡ ପରିମାଣର ଋଣରେ କରି ଚାଲିଛନ୍ତି। ସରକାର କେବଳ ଘୋଷଣା ଓ ପ୍ରତିଶ୍ରୁତିରେ ସୀମିତ ରହିଛି ବୋଲି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମଙ୍ଗଳବାର ▶ପୃଷ୍ଠା-୭

## ଆଜି ଦେବସ୍ନାନ ପୂର୍ଣ୍ଣିମା

# ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁଦିଅଁ

■ **ପୁରୀ, ୧୦।୬ (ସମିସ):** ବୁଧବାର ଦେବସ୍ନାନ ପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ରତ୍ନବେଦୀରୁ ସ୍ନାନମଣ୍ଡପକୁ ଓହ୍ଲାଇ ଆସିବେ ବିଶ୍ୱନିୟନ୍ତା। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁଦିଅଁ ଭକ୍ତଙ୍କ ସମ୍ମୁଖରେ କରିବେ ପ୍ରତ୍ୟକ୍ଷ ସ୍ନାନ। ପୁଣି ହାତୀବେଶରେ ସଜେଇ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏଥିପାଇଁ ସ୍ନାନବେଦୀ ପ୍ରସ୍ତୁତ ଥିବାବେଳେ ସେହି ଦିବ୍ୟ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି ଲକ୍ଷ ଲକ୍ଷ ଭକ୍ତ। ଆଉ ସ୍ନାନଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର ପୁରୀ।

ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ମଙ୍ଗଳବାର ସେନାପଟା ଲାଗି ଶେଷ ହୋଇଛି। ରତ୍ନସିଂହାସନରେ ଚାରବାଡ଼ ବନ୍ଧା ସରିଥିବାବେଳେ ଭୋର୍ ୫ଟାରୁ ସକାଳ ୭ଟା ମଧ୍ୟରେ ପହଣ୍ଡି ଲାଗି ନୀତି ନିର୍ଘଣ୍ଟ ହୋଇଛି। ପ୍ରଥମେ ଶ୍ରୀସୁଦର୍ଶନ ପରେ ବଡ଼ଠାକୁର ▶ପୃଷ୍ଠା-୭

# ଜିଡିପିରେ ଆଗୁଆ, ଆୟରେ ପଛୁଆ

**ଅର୍ଥବ୍ୟବସ୍ଥାକୁ ନେଇ ଡବ୍ଲ୍ୟୁଇଏଫ୍‌ର ପୂର୍ବତନ ମହାନିର୍ଦ୍ଦେଶକଙ୍କ ଚେତାବନୀ**

■ **ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି):** ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ପାଲଟିଛି। ଜାପାନକୁ ପଛରେ ପକାଇ ଭାରତ ଏହି କୃତିତ୍ୱ ହାସଲ କରିଛି। ଏହି ସଫଳତାକୁ ନେଇ କେନ୍ଦ୍ର ସରକାର ଆତ୍ମତୃପ୍ତି ଲାଭ କରୁଛନ୍ତି। ଏହି ସମୟରେ ଅର୍ଥନୀତିଜ୍ଞମାନେ ଭାରତକୁ ସତର୍କ କରାଇବା ସହ ଆତ୍ମସନ୍ତୋଷରେ ହର୍ଷୋତ୍‌ଫୁଲ୍ଲ ନ ହେବାକୁ ପରାମର୍ଶ ଦେଇଛନ୍ତି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ପୁର୍ବତନ ପରିଚାଳନା ନିର୍ଦ୍ଦେଶକ କ୍ଲାଉଡ଼େ ସମଦ୍‌ଜା କହିଛନ୍ତି ଯେ ଭାରତ ଅର୍ଥନୀତିରେ ଜାପାନଠୁ ସାମାନ୍ୟ ଆଗରେ ରହିଛି। ଭାରତର ମୋଟ ଘରୋଇ ଉତ୍ପାଦ

**ଆତ୍ମସନ୍ତୋଷ ଲାଭ କଲେ ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିବ**

(ଜିଡିପି) ୪୧୮୭ ବିଲିୟନ ଡଲାର ଥିବାବେଳେ ଜାପାନର ଜିଡିପି ୪୧୮୬ ବିଲିୟନ ଡଲାର ରହିଛି; କିନ୍ତୁ ମୁଣ୍ଡପିଛା ଆୟରେ ଭାରତ ଜାପାନଠୁ ବହୁତ ପଛରେ। ଭାରତର ଆର୍ଥିକ ▶ପୃଷ୍ଠା-୭

# ମୋହନଙ୍କ ବର୍ଷେ; ଆହ୍ୱାନ ଅନେକ



■ **ଭୁବନେଶ୍ୱର, ୧୦।୬ (ସମିସ):** ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଆସନ୍ତାକାଲି ୧ ବର୍ଷ ପୂରଣ କରିବ। ଘଟଣାବହୁଳ ଏହି ପ୍ରଥମ ବର୍ଷରେ ସରକାରଙ୍କ ପ୍ରଦର୍ଶନ, ଶାସନକୁ ନେଇ ବିରୋଧୀଙ୍କ କଡ଼ା ସମାଲୋଚନା ମଧ୍ୟରେ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ମୋହନଙ୍କ କାର୍ଯ୍ୟଶୈଳି ଓ ଦକ୍ଷତାକୁ ମଧ୍ୟ ରାଜ୍ୟବାସୀ ତଉଲୁଛନ୍ତି।

ଏହି ଏକ ବର୍ଷର ଶାସନଯାତ୍ରାରେ ନିର୍ବାଚନୀ ଇସ୍ତାହାର ଓ ସଂକଳ୍ପପତ୍ରକୁ ଯୋଜନାରେ ରୂପାୟଣ ନେଇ ରାଜ୍ୟ ସରକାରଙ୍କ କାର୍ଯ୍ୟ ପ୍ରଶଂସା ଓ ସମାଲୋଚନାର ଶରବ୍ୟ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶ, ସୁଶାସନକୁ ନେଇ ରାଜ୍ୟବାସୀଙ୍କ ଆଗରେ ଯେଉଁ ମଡେଲ ଉପସ୍ଥାପନ କରିଛନ୍ତି, ତାହାକୁ ଏବର ପିଢ଼ି ମୋହନଙ୍କ କାର୍ଯ୍ୟଶୈଳୀ ସହ ତଉଲିବେ ନିଶ୍ଚୟ।

ସରସ୍ୱତୀ ଶିଶୁ ମନ୍ଦିରରୁ ଅକସ୍ମାତ ରାଜନୀତିରେ ପ୍ରବେଶ। ତୃଣମୂଳ ରାଜନୀତିରେ ପ୍ରଥମେ ସରପଞ୍ଚ ଏବଂ ପରେ ୪ ଥରର ବିଧାୟକ। ଏହାପରେ ରାଜ୍ୟରେ ବିଜେପିର ପ୍ରଥମ ଥର ସରକାରରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ। ମୋହନଙ୍କର ଏହି ରାଜନୈତିକ ଯାତ୍ରା ଯେତିକି ଘଟଣାବହୁଳ, ସେତିକି ଆହ୍ୱାନପୂର୍ଣ୍ଣ କହିଲେ ▶ପୃଷ୍ଠା-୭

# ଦୁର୍ଘଟଣାରେ ୨ ମୃତ; ୨ ଗୁରୁତର

■ **ସୁକିନ୍ଦା/କାଳିଆପାଣି, ୧୦।୬ (ସମିସ):** କାଳିଆପାଣି ଥାନା ମହୁଲଖାଲ ଗାଁ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ କଲରଙ୍ଗି ଡାବାଛକ-କୁସୁମୁଣ୍ଡିଆ ରାସ୍ତାର ରାଁସୋଳ ଗାଁରୁ ଦ୍ରୁତଗତିରେ ଯାଉଥିବା ଏକ କାର୍(ଓଡ଼ି-୦୫ବିସ୍-୩୬୮୯) ମହୁଲଖାଲ ସ୍କୁଲ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ରାସ୍ତା ତଳକୁ ୩ଥର ପଲଟି ପଡ଼ିଥିଲା। ମୃତ ଯୁବକ ଦ୍ୱୟ ମହୁଲଖାଲ ଗ୍ରାମର ଚୌତନ୍ୟ ମହାନ୍ତଙ୍କ ପୁଅ ସଞ୍ଜୟ ଓରଫ୍ ଗେଡୁ(୩୬) ଓ କାଦୁଅବନ୍ଦୀ ଗ୍ରାମର ପ୍ରଫୁଲ୍ଲ ମହାନ୍ତଙ୍କ ପୁଅ ବିଶ୍ୱନାଥ ଓରଫ୍ ବିଶୁ(୨୯)। ସେହି ଗାଡ଼ିରେ ଥିବା



ମହୁଲଖାଲ ଗାଁର ରୋହିତ ମହାନ୍ତ(୩୦) ଗୁରୁତର ଅବସ୍ଥାରେ ଏକଘରୋଇ ହସପିଟାଲ୍‌ରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଗାଡ଼ି ଚଳାଉଥିବା କାର୍ ମାଲିକ ସ୍ଥାନୀୟ କାକୁଡିଆ ଗାଁର ନିରଞ୍ଜନ ମହାନ୍ତ ସାମାନ୍ୟ ଆହତ ହୋଇଥିବା ବେଳେ ଆଗରେ ବସିଥିବା ଚଟିକିପଶି ଗ୍ରାମ ପବିତ୍ର ମହାନ୍ତ(୨୭) ଗୁରୁତର ଆହତ ହୋଇ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମୃତାହତମାନଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଆଜି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# 'ସେକ୍ସ କ୍ୱିନ୍' ଶ୍ୱେତାଙ୍କ ସହ ଓଡ଼ିଆ ବ୍ୟବସାୟୀଙ୍କ ସମ୍ପର୍କ

**ପୁରୀରେ ଅଶ୍ଳୀଳ ଭିଡ଼ିଓ ସୁଟିଂ ପାଇଁ ଯୋଗାଇଛନ୍ତି ସହାୟତା**

■ **ଭୁବନେଶ୍ୱର ୧୦।୬, (ସମିସ):** 'ସେକ୍ସ କ୍ୱିନ୍' ଭାବରେ ପରିଚିତ କୋଲକାତାର ଶ୍ୱେତା ଖାତୁନ ଓରଫ୍ ଶ୍ୱେତା ଖାନ ଓରଫ୍ ମୋହସିନା ବେଗମ୍ ଓରଫ ଫୁଲତୁସୀଙ୍କ ସହ ଜଣେ ବିଶିଷ୍ଟ ଓଡ଼ିଆ ବ୍ୟବସାୟୀଙ୍କ ସମ୍ପର୍କ ଚର୍ଚ୍ଚା ପଶ୍ଚିମବଙ୍ଗରେ ହଳଚଳ ସୃଷ୍ଟି କରିଛି। ଶ୍ୱେତା ଖାନ୍‌ଙ୍କ ପୂର୍ବତନ ସ୍ୱାମୀ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ପଶ୍ଚିମବଙ୍ଗ ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି। ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସର କିଛି ନେତାଙ୍କ ସହ ସମ୍ପର୍କ ଦୃଷ୍ଟିରୁ ଶ୍ୱେତା ଓ ତାଙ୍କ ପୁଅ ଆର୍ଯ୍ୟନ୍ ଖାନ୍‌ଙ୍କୁ ଗିରଫ କରାଯାଉ ନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି।

ଶ୍ୱେତା ଓ ତାଙ୍କ ପୁଅ ଜଣେ ଯୁବତୀଙ୍କୁ ଚାକିରି ଦେବା ନାମରେ ଦୀର୍ଘଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏପରିକି ଅଶ୍ଳୀଳ ଭିଡ଼ିଓରେ ଅଭିନୟ କରିବା ପାଇଁ ଅରାଜି ହେବାରୁ ସମ୍ପୃକ୍ତ ଯୁବତୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଥିବା ପୀଡ଼ିତାଙ୍କ ପରିବାର ଶ୍ୱେତା ଓ ତାଙ୍କ ପୁଅ ବିରୋଧରେ ଶୁକ୍ରବାର ମାମଲା ରୁଜୁ କରିଛନ୍ତି। ଏହାପରେ ଉଭୟ ମା' ଓ ପୁଅଙ୍କର ପତ୍ତା ମିଳୁନାହିଁ। ଆଜି ବାଙ୍କୁରାରେ ଶ୍ୱେତାଙ୍କ ଫ୍ଲାଟ ପଛପଟରୁ କିଛି କଟା କେଶ ପୁଲିସ ଉଦ୍ଧାର କରିଛି ଓ ଏହି କେଶଗୁଡ଼ିକ ପୀଡ଼ିତାଙ୍କର ବୋଲି ତାଙ୍କ ପରିବାର ଦାବି କରିଛନ୍ତି।

ବିଜ୍ଞାପନ ଏଜେନ୍ସି ଉହାଡ଼ରେ ଶ୍ୱେତା ଅଶ୍ଳୀଳ ଭିଡ଼ିଓ ପ୍ରସ୍ତୁତ କରୁଥିଲେ ଓ ଓଡ଼ିଶାର ଜଣେ ବଡ଼ ବ୍ୟବସାୟୀଙ୍କ ସହ ତାଙ୍କର ଘନିଷ୍ଠ ସଂପୃକ୍ତି ଥିବା କୁହାଯାଉଛି। ବିଭିନ୍ନ ବଙ୍ଗଳା ସମ୍ବାଦପତ୍ରରେ ପ୍ରକାଶିତ ଖବର ଅନୁସାରେ ସମ୍ପୃକ୍ତ ବ୍ୟବସାୟୀଙ୍କର ଦୀର୍ଘଦିନ ହେଲା ଶ୍ୱେତାଙ୍କ ସହ ସମ୍ପର୍କ ▶ପୃଷ୍ଠା-୭



# ହରିୟାଣାରେ ନକଲି ଡାକ୍ତରଖାନା, ଡାକ୍ତର ବି ନକଲି

ପାନିପଥ, ୧୦।୬ (ଏଜେନ୍ସି): ରୋଗଯନ୍ତ୍ରଣାରୁ ମୁକ୍ତି ପାଇଁ ଲୋକେ ବହୁ ଆଶା ନେଇ ଡାକ୍ତରଖାନାକୁ ଆସିଥାନ୍ତି। ଯନ୍ତ୍ରଣାରୁ ଉପଶମ ମିଳିବ ବୋଲି ଭାବିଥାନ୍ତି। କିନ୍ତୁ ଅନେକ ସମୟରେ ଏହି ବିଶ୍ୱାସ ତୁଟି ଯାଉଛି। ରୋଗ ଭଲ ହେବା ପରିବର୍ତ୍ତେ ଭୟଙ୍କର ହେଇଯାଉଛି। ଶେଷରେ ଯନ୍ତ୍ରଣାରେ କଲବଲ ହୋଇ ରୋଗୀଙ୍କ ଜୀବନ ଯାଉଛି। ଜାଲ୍ ଡାକ୍ତର ଏବଂ ଡାକ୍ତରଖାନା ପାଇଁ ଏଭଳି ହେଉଛି। ଗୁଜରାଟ ପରେ ହରିୟାଣାରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। କେବଳ ଡାକ୍ତର ନୁହଁନ୍ତି, ଦୁଇଟି ହସ୍ପିଟାଲ ମଧ୍ୟ ଜାଲ୍ ବୋଲି ଜଣାପଡ଼ିଛି। ଏଠାରେ କାମ କରୁଥିବା ଡାକ୍ତର ଏବଂ କର୍ମଚାରୀଙ୍କ ଡିଗ୍ରୀ ମଧ୍ୟ ନକଲି। କେବଳ ସେତିକି ନୁହେଁ, ଏଠାରେ ମେଡିକାଲ ଇନଷ୍ଟିଚ୍ୟୁଟ ମଧ୍ୟ ଚାଲିଥିଲା। ଏଠାରେ ମୋଟା ଅଙ୍କର ଅର୍ଥ ନେଇ ପିଲାଙ୍କ ନାମ ଲେଖା ଯାଉଥିଲା। ଗୋଟିଏ ହସ୍ପିଟାଲରେ ଶିଶୁଙ୍କ ଚିକିତ୍ସା ହେଉଥିବାବେଳେ ଅନ୍ୟଟିରେ ସମସ୍ତଙ୍କ ଚିକିତ୍ସା କରାଯାଉଥିଲା। ପାନିପଥରେ ଥିବା ଏହି ୨ ହସ୍ପିଟାଲରେ ମଙ୍ଗଳବାର ସିଏମ୍ ଫ୍ଲାଇଂ ଟିମ୍ ଏବଂ ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଚଢ଼ଉ କରିବା ପରେ ଏହା ସର୍ବସମ୍ମୁଖକୁ ଆସିଥିଲା।

- ରୋଗୀଙ୍କ ଜୀବନ ବଞ୍ଚିବ ତ !
- କର୍ମଚାରୀ ବି ନକଲି
- ଚିକିତ୍ସିତ ହେଉଥିଲେ ଅନେକ ରୋଗୀ
- ଚଲାଇଥିଲେ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍

ତଦନ୍ତରୁ ଜଣାପଡ଼ିଛି ଯେ ଦୀର୍ଘ ମାସ ହେଲା ଏହି ହସ୍ପିଟାଲ ଚାଲିଥିଲା। ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବଡ଼ ବଡ଼ ଡାକ୍ତରଙ୍କ ପୋଷ୍ଟର ଲଗା ଯାଇଥିଲା। ଅନେକ ରୋଗୀ ମଧ୍ୟ ଚିକିତ୍ସିତ ହେଉଥିଲେ। ଏହି ହସ୍ପିଟାଲରୁ ଜାଲ୍ ଡାକ୍ତର ଏବଂ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଔଷଧ ଏବଂ ଅନ୍ୟ ସାମଗ୍ରୀ ବି ଜବତ




କରାଯାଇଛି। ସୂଚନା ଅନୁଯାୟୀ ଜାଟଲ ରୋଡ ସ୍ଥିତ 'ଦେବ ଇ.ଏଚ୍ କ୍ଲିନିକ' ନାମରେ ଜାଲ୍ ହସ୍ପିଟାଲ ଚାଲିଥିଲା। ଏହା ଏକ ଶିଶୁ ହସ୍ପିଟାଲ ଥିଲା। ମାତ୍ର ସମସ୍ତଙ୍କର ଚିକିତ୍ସା ଚାଲିଥିଲା। ବୋର୍ଡ ମରାଯାଇ ଶିଶୁ ଏବଂ ବୟସ୍କଙ୍କ ସବୁ ରୋଗର ଚିକିତ୍ସା କରାଯାଏ ବୋଲି ଲେଖା ଯାଇଥିଲା। ଏଠାକୁ ପିଜିଆଇର ପୂର୍ବତନ ରେଜିଷ୍ଟ୍ରାର ତଥା ଶିଶୁ ରୋଗ ବିଶେଷଜ୍ଞ ଡ. ଅରୁଣ ମହଲା ଆସୁଥିବା ଲେଖା ଯାଇଥିଲା। ଏହା ବ୍ୟତୀତ ଅନ୍ୟ ୪ ବିଶେଷଜ୍ଞ ଡାକ୍ତର ହସ୍ପିଟାଲ ସହ ଜଡ଼ିତ ଥିବା ଦାବି କରାଯାଇଥିଲା। କିନ୍ତୁ ଚଢ଼ଉ ସମୟରେ କେହି ଏମ୍‌ବିବିଏସ ଡାକ୍ତର ନ ଥିବା ଜଣାପଡ଼ିଥିଲା। ମେଡିକାଲ ଇନ୍‌ଷ୍ଟିଚ୍ୟୁଟ ନାମରେ ମଧ୍ୟ ଏହା ଚାଲିଥିଲା। ଏଠାରେ ବିଡିଏମଏସ, ବିଏଏମଏସ, ଏମଡି ଇଏଚ ସମେତ ଅଲଗା ଅଲଗା କୋର୍ସରେ ନାମ ଲେଖା ଯାଉଥିଲା। ୫୦ ଗଜରୁ କମ୍ ସ୍ଥାନରେ ଚାଲିଥିବା ଏହି ହସ୍ପିଟାଲରେ ନାମ ଲେଖାଇବା ପାଇଁ ବିପୁଳ ଟଙ୍କା ନିଆଯାଉଥିଲା।

ସେହିପରି ୮ ମରଲା ସ୍ଥିତ ଏସ୍‌କେ କ୍ଲିନିକ୍‌ରେ ମଧ୍ୟ ଏପରି ଗୋଲକ ଧନ୍ଦା ଚାଲିଥିଲା। ଜାଲ୍ ଡିଗ୍ରୀର ଆଧାରରେ ରୋଗୀଙ୍କ ଚିକିତ୍ସା କରାଯାଉଥିଲା। ଡାକ୍ତର ନକଲି ଥିବା ଜଣାପଡ଼ିଥିଲା ବୋଲି ସିଏମ୍ ଫ୍ଲାଇଙ୍ଗ ସ୍କ୍ୱାଡ୍ ଡିଏସପି ସୁଶୀଲ କୁମାର କହିଛନ୍ତି। ଚଢ଼ଉ ପରେ ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏବେ ଯାଞ୍ଚ ଜାରି ରହିଛି। ପୂର୍ବରୁ ଏ ନେଇ ଅନେକ ଅଭିଯୋଗ ମିଳିଥିଲା। ଏସ୍‌କେ କ୍ଲିନିକର ମାଲିକ ସାହିଲ କହିଛନ୍ତି ଯେ ତାଙ୍କ ବାପା ପୂର୍ବରୁ ଏଠାରେ ପ୍ରାକ୍ଟିସ କରୁଥିଲେ। କିନ୍ତୁ ଏବେ ସେ ତାଙ୍କ ପ୍ରମାଣପତ୍ର ନବୀକରଣ କରିନାହାନ୍ତି। ସେ ନିଜେ ପଞ୍ଚକୁଲାରେ ପଞ୍ଜୀକରଣ କରି ଏଠାରେ ପ୍ରାକ୍ଟିସ କରୁଥିବା କହିଛନ୍ତି।

## ଲୋକସଭା ଉପବାଚସ୍ପତି ନିର୍ବାଚନ ପାଇଁ ଖଡ଼୍‌ଗେଙ୍କ ଦାବି

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଲୋକସଭା ଉପବାଚସ୍ପତି ପଦ ପାଇଁ ନିର୍ବାଚନ କରାଇବାକୁ ଦାବି କରିଛନ୍ତି। ଦେଶରେ ଏପର୍ଯ୍ୟନ୍ତ ୧୪ ଜଣ ଲୋକସଭା ଉପବାଚସ୍ପତି ରହିଆସିଛନ୍ତି। ବିରୋଧୀ ଦଳକୁ ଉପବାଚସ୍ପତି ପଦ ପ୍ରଦାନ କରାଯିବାର ପରମ୍ପରା ତଥା ଇତିହାସ ରହିଛି। ଏହ ଦ୍ୱାରା ସଂସଦରେ ସନ୍ତୁଳନ ଓ ନିରପେକ୍ଷତା ବଜାୟ ରହିଥାଏ। ତେବେ ସାମ୍ବିଧାନିକ ଭାବେ ଏହା ବାଧ୍ୟତାମୂଳକ ନୁହଁ। ସଂସଦର କ୍ରମାଗତ ଦୁଇଟି ୨୦୧୯ ଓ ୨୦୨୪ କାର୍ଯ୍ୟକାଳରେ କାହକୁ ଉପବାଚସ୍ପତି ପଦରେ ଅଧିଷ୍ଠିତ କରାଯାଇନାହିଁ। ଯେତେଶୀଘ୍ର ସମ୍ଭବ ଉପବାଚସ୍ପତି ନିର୍ବାଚନ କରାଯାଉ ବୋଲି ଖଡ଼୍‌ଗେ ଦାବି କରିଛନ୍ତି। ସେ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି। ଭାରତୀୟ ସମ୍ବିଧାନର ଧାରା ୯୩ ଅନୁସାରେ ଲୋକସଭାର ବାଚସ୍ପତି ଓ ଉପବାଚସ୍ପତି ଦୁଇଟି ପଦ ପାଇଁ ନିର୍ବାଚନ କରାଇବାର ଆବଶ୍ୟକତା ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଗତ ୧୮ତମ ଲୋକସଭା ନିର୍ବାଚନରେ କଂଗ୍ରେସ୍ ୯୯ଟି ସିଟ୍ ହାସଲ କରି ଦ୍ୱିତୀୟ ସର୍ବବୃହତ୍ ପାର୍ଟି ତଥା ମୁଖ୍ୟ ବିରୋଧୀ ଦଳ ବିବେଚିତ ହେଉଛି। କିନ୍ତୁ ୨୦୧୯ରେ ଅନୁଷ୍ଠିତ ୧୭ତମ ଲୋକସଭା ନିର୍ବାଚନରେ କଂଗ୍ରେସ ୫୫ଟି ସିଟ୍ ଜିତିଥିଲା। ଉପବାଚସ୍ପତିଙ୍କର ମଧ୍ୟ ସଂସଦ ପରିଚାଳନାରେ ଉଲ୍ଲେଖନୀୟ ଭୂମିକା ରହିଛି। ଓମ୍ ବିର୍ଲା ଲୋକସଭାର ବାଚସ୍ପତି ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି।

## ଅପରେସନ ହନିମୁନ୍ — ବିବାହ ପରେ ସ୍ୱାମୀଙ୍କୁ ହତ୍ୟା ପାଇଁ କରିଥିଲା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ହନିମୁନ ବେଳେ ମେଘାଳୟରେ ନିଜର ପତିଙ୍କୁ ହତ୍ୟା କରିଥିବା ପତ୍ନୀ ସୋନମ ରଘୁବଂଶୀ ଏବଂ ଅନ୍ୟ ଚାରି ଜଣ ଗିରଫ ହେବାପରେ ହତ୍ୟାକାଣ୍ଡ ସଂପର୍କରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ମିଳିବାରେ ଲାଗିଛି। ପତି ରାଜାଙ୍କୁ ହତ୍ୟା କରିବା ଲାଗି ହନିମୁନ ପୂର୍ବରୁ ଯୋଜନା ହୋଇଥିଲା ଏବଂ ଏଥିପାଇଁ ସୁପାରିକିଲରଙ୍କୁ ୨୦ ଲକ୍ଷ ଟଙ୍କା ଦେବାଲାଗି ମୁଲଚାଲ ହୋଇଥିଲା। ହତ୍ୟାକାଣ୍ଡ ପରେ ସୋନମ ଇନ୍ଦୋର ଫେରି ସେଠାରେ ନିଜର ପ୍ରେମିକ ସହିତ ରହିଥିଲା। ଏହାପରେ ପ୍ରେମିକ ତାକୁ ଉତ୍ତର ପ୍ରଦେଶକୁ ନେଇ ସେଠାରେ ଛାଡ଼ିଦେଇଥିଲା।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମେ ମାସ ୧୧ ତାରିଖରେ ବିବାହ ପରେ ପତି ରାଜାଙ୍କୁ କେମିତି ହତ୍ୟା କରାଯିବ ସେଥିପାଇଁ ସୋନମ ତାର ପ୍ରେମିକ ରାଜ କୁଶୱାହା ସହିତ ମିଶି ଯୋଜନା ପ୍ରସ୍ତୁତ କରିଥିଲା। ରାଜାଙ୍କୁ ହତ୍ୟା କରିବା ଲାଗି ତିନି ଜଣ ସୁପାରି କିଲରଙ୍କୁ ଯୋଗାଡ଼ କରାଯାଇଥିଲା। ହନିମୁନରେ ମେଘାଳୟ ଯିବାଲାଗି ରାଜା ଓ ସୋନମଙ୍କ ଟିକଟ ହୋଇଥିଲା। ଯୋଜନା ଅନୁଯାୟୀ ହତ୍ୟା ଅଭିଯୁକ୍ତ ସିଲଂ ଯାଇଥିଲେ। କିନ୍ତୁ ସୋନମଙ୍କ ପ୍ରେମିକା ରାଜ ଇନ୍ଦୋରରେ ରହି ହତ୍ୟା ଅଭିଯୁକ୍ତମାନଙ୍କ ସହ ସଂପର୍କରେ ରହିଥିଲା।

ନବ ବିବାହିତ ଦଂପତି ରାଜା ଓ ସୋନମ ଇନ୍ଦୋରରୁ ଯାଇ ୨୧ ତାରିଖରେ ଗୌହାଟିରେ ପହଞ୍ଚିଥିଲେ। ସେମାନଙ୍କର ପିଛା କରି ତିନି ହତ୍ୟା ଅଭିଯୁକ୍ତ ମଧ୍ୟ ଗୌହାଟୀ ଯାଇଥିଲେ। ସେମାନେ ରାଜା ଓ ସୋନମ ରହୁଥିବା ହୋଟେଲ ପାଖରେ ରହୁଥିଲେ। ପରବର୍ତ୍ତୀ ଦିନ ଅର୍ଥାତ୍ ୨୨ ତାରିଖରେ ସେମାନେ ସିଲଂ ଯାଇଥିଲେ। ହତ୍ୟା ଅଭିଯୁକ୍ତ ମଧ୍ୟ ସେମାନଙ୍କର ପିଛା କରି ସିଲଂ ଯାଇଥିଲେ। ୨୩ ତାରିଖରେ ଝରଣା ଦେଖିବା ଲାଗି ନବ ବିବାହିତ ଦଂପତି ଜଙ୍ଗଲ ଭିତରକୁ ଯାଇଥିଲେ। ଯୋଜନା ମୁତାବକ ହତ୍ୟା ଅଭିଯୁକ୍ତ ମଧ୍ୟ ସେମାନଙ୍କର ପିଛା କରୁଥିଲେ। ରାଜା ଆଗରେ ଯାଉଥିବା ବେଳେ ତାଙ୍କ ପଛରେ ରହିଥିଲା ସୋନମ। ଏହି ସମୟରେ ସେଠାରେ ହତ୍ୟା ଅଭିଯୁକ୍ତ ପହଞ୍ଚିଥିଲେ। ସୋନମର ନିର୍ଦ୍ଦେଶ ମୁତାବକ ଅଭିଯୁକ୍ତମାନେ ରାଜାଙ୍କୁ ଆକ୍ରମଣ କରିଥଲେ। ହତ୍ୟା କରିବା ପରେ ରାଜାଙ୍କର ମୃତଦେହକୁ ଏକ ଗଭୀର ଖାତ ଭିତରକୁ ପକାଇ ଦେଇଥିଲେ। ଏଥିରେ ହତ୍ୟା ଅଭିଯୁକ୍ତଙ୍କୁ ସାହାଯ୍ୟ କରିଥିଲା ସୋନମ।



- ମେଘାଳୟରେ ହତ୍ୟା ପରେ ଇନ୍ଦୋର ଫେରିଥିଲା ସୋନମ
- ପ୍ରେମିକା ସହିତ ଭଡ଼ା ଘରେ ରହୁଥିଲା

ହତ୍ୟାର ଦୁଇ ଦିନ ପରେ ସୋନମ ସିଲିଗୁଡ଼ି ଦେଇ ୨୫ ତାରିଖରେ ଇନ୍ଦୋର ଫେରି ଆସିଥିଲା। ସେଠାରେ ସୋନମ ତାର ପ୍ରେମିକ ରାଜ ସହିତ ଏକ ଭଡ଼ା ଘରେ ରହିଥିଲା। ଜୁନ ୮ ତାରିଖରେ ସୋନମ ଉତ୍ତର ପ୍ରଦେଶ ଯାଇ ଗାଜିଆବାଦରେ ପହଞ୍ଚିଥିଲା। ସେଠାରେ ପୁଲିସ ତାକୁ ଗିରଫ କରିଥିଲା।

ତେବେ ଜୁନ ୨ ତାରିଖରେ ରାଜାଙ୍କର ମୃତଦେହ ମିଳିବା ପରେ ତିନି ତାରିଖରେ ମେଘାଳୟ ପୁଲିସକୁ ସୁରାକ୍ ମିଳିଥିଲା ଯେ ଏହି ହତ୍ୟାକାଣ୍ଡ ପଛରେ ସୋନମର ହାତ ରହିଛି। ମେଘାଳୟ ପୁଲିସ ପକ୍ଷରୁ କୁହାଯାଇଛି ଯେ ସୁରାକ ମିଳିବା ପରେ ରାଜ କୁସୱାହା ସମେତ ଅନ୍ୟ ତିନି ଜଣ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏଥିପାଇଁ ମେଘାଳୟ ପୁଲିସ ପକ୍ଷରୁ ଯେଉଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା, ତାର ନାମ ଦିଆଯାଇଥିଲା 'ଅପରେସନ୍ ହନିମୁନ୍।' ଏମାନେ ଧରାପଡ଼ିବା ପରେ ସୋନମ୍ ଉତ୍ତରପ୍ରଦେଶ ଯାଇ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲା। ୨୩ ତାରିଖ ହତ୍ୟାକାଣ୍ଡ ପରେ ସୋନମ ଫେରାର ଥିଲା।

ସୋନମ ଓ ଅନ୍ୟ ହତ୍ୟା ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ରାଜାଙ୍କ ପରିବାର ଦାବି କରିଥିବା ବେଳେ ସୋନମର ପିତା ନିଜ ଝିଅ ସପକ୍ଷରେ ଓକିଲାତି କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଝିଅ ନିର୍ଦ୍ଦୋଷ ଏବଂ ପୁଲିସ ମନଗଢ଼ା କାହାଣୀ ଶୁଣାଉଛି। ସୋନମର ପ୍ରେମିକ ରାଜର ମା' ମଧ୍ୟ ନିଜ ପୁଅକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ଏଭଳି ଅପରାଧ କରିବାକୁ ତାଙ୍କ ପୁଅ ଅସମର୍ଥ ବୋଲି ସେ କହିଛନ୍ତି।

## ୬୮୦୦ରେ ପହଞ୍ଚିଲା କରୋନା ସଂକ୍ରମଣ
## ୨୪ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ମାମଲା

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଦେଶରେ କରୋନା ସ୍ଥିତି ଉତ୍କଟ ହେବାରେ ଲାଗିଛି ଓ ଏଥିରେ ଅହେତୁକ ବୃଦ୍ଧି ଘଟିଛି। କରୋନାର ସକ୍ରିୟ ମାମଲା ସଂଖ୍ୟା ଏବେ ୬୮୦୦ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ୩୨୪ଟି ନୂଆ ମାମଲା ସାମ୍ନାକୁ ଆସିଛି। କେରଳରେ ସର୍ବାଧିକ ୨୦୫୩ ରହିଛି। କରୋନା ନୂଆ ଭେରିଏଣ୍ଟ ଦ୍ୱାରା ସଂକ୍ରମିତ ହୋଇ ୧୨ଟି ରାଜ୍ୟରେ ମୋଟ୍ ୬୮ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି। ସୋମବାର କେରଳ, ଦିଲ୍ଲୀ ଓ ଝାଡଖଣ୍ଡରେ ଜଣେ ଲେଖାଏ ରୋଗୀ ମୃତ୍ୟୁ ବରଣ କରିଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୧୮ଜଣ ରୋଗୀ ପ୍ରାଣ ହରାଇଛନ୍ତି। ମଧ୍ୟପ୍ରଦେଶର ଗ୍ୱାଲିୟରରେ ସୋମବାର ୩ ଜଣ ଡାକ୍ତରଙ୍କ ସମେତ ୬ଟି ନୂଆ ମାମଲା ସାମ୍ନାକୁ ଆସିଛି। ସେହିପରି ମଧ୍ୟପ୍ରଦେଶରେ ଏପର୍ଯ୍ୟନ୍ତ ୪୩ଟି ଆକ୍ଟିଭ କେସ୍ ଦେଖିବାକୁ ମିଳିଛି। ଉଲ୍ଲେଖଥାଉ କି, ଦେଶରେ କୋଭିଡ-୧୯ ର ୪ଟି ନୂଆ ଭ୍ୟାରିଏଣ୍ଟ ଦ୍ୱାରା ସଂକ୍ରମଣ ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି।

## ଅଷ୍ଟ୍ରିଆ ହାଇସ୍କୁଲ୍‌ରେ ଗୁଳିମାଡ଼; ୧୧ ଛାତ୍ର ମୃତ

ଭିଏନା, ୧୦।୬(ଏଜେନ୍ସି): ୟୁରୋପୀୟ ଦେଶ ଅଷ୍ଟ୍ରିଆର ଦ୍ୱିତୀୟ ବୃହତ୍ତମ ସହର ଗ୍ରାଜ୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ସକାଳେ ଏହି ସହରର ଏକ ହାଇସ୍କୁଲରେ ଗୁଳିମାଡ଼ ଘଟଣା ହୋଇଛି। ଏଥିରେ ୧୧ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। କେତେ ଲୋକଙ୍କର ମୁଣ୍ଡରେ ଗୁଳି ବାଜିଛି। ପୁଲିସ ଏହି ଅଞ୍ଚଳରେ ଏକ ବଡ଼ ଧରଣର ଅପରେସନ ଆରମ୍ଭ କରିଛି ଓ ଏହି ସ୍ଥାନଠାରୁ ଦୂରେଇ ରହିବାକୁ ସମସ୍ତଙ୍କୁ କହିଛି। ସକାଳ ୧୦ଟାରେ ବୋର୍ଗ ଡ୍ରେୟର୍ସଚୁଟଜେନଗେସ୍ ହାଇସ୍କୁଲ୍‌ର ଭିତରେ ଗୁଳିର




ଶବ୍ଦ ଶୁଣିବାକୁ ମିଳିଥିଲା। ଏହାପରେ ପୁଲିସ ସେଠାରେ ପହଞ୍ଚିଥିଲା। ଆକ୍ରମଣକାରୀ ସେହି ସ୍କୁଲର ଛାତ୍ର ବୋଲି ପୁଲିସ ଜାଣିବାକୁ ପାଇଛି। ଆକ୍ରମଣ କରିବା ପରେ ସେ ନିଜକୁ ଗୁଳିମାରି ଆତ୍ମହତ୍ୟା କରିଛି। ସ୍କୁଲର ବାଥରୁମ୍‌ରେ ଆକ୍ରମଣକାରୀ ଛାତ୍ରର ମୃତଦେହ ପଡ଼ିଛି ବୋଲି ସୂଚନା ମିଳିଛି। ଏହି ଘଟଣା ଘଟିବା ପରେ ପୁଲିସ ସାର ଇଲାକାକୁ ଘେରାଉ କରିଥିଲା। ଲୋକଙ୍କୁ ଶାନ୍ତି ବଜାୟ ରଖିବା ସହ ଗୁଜବକୁ ବିଶ୍ୱାସ ନ କରିବାକୁ ପୁଲିସ ନିବେଦନ କରିଛି। ୧୧ଜଣ ଛାତ୍ର ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଥିଲେ ମଧ୍ୟ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି।

## ୫ ଦେଶର ଯାତ୍ରାରୁ ଫେରିଲା ଥରୁରଙ୍କ ପ୍ରତିନିଧିମଣ୍ଡଳ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଅପରେସନ ସିନ୍ଦୂର ଓ ଆତଙ୍କବାଦ୍ ନେଇ ଭାରତର ଅଭିମୁଖ୍ୟକୁ ସ୍ପଷ୍ଟ କରିବା ସହ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ବିଦେଶ ଯାଇଥିବା କଂଗ୍ରେସ ସାଂସଦ ଶଶି ଥରୁରଙ୍କ ପ୍ରତିନିଧିମଣ୍ଡଳୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ଏହି ଗସ୍ତରେ ଥରୁରଙ୍କ ନେତୃତ୍ୱରେ ଏହି ପ୍ରତିନିଧିମଣ୍ଡଳ ୫ଟି ଦେଶ ଯାତ୍ରା କରିଥିଲା। ଆମେରିକାର, ପାନାମା, ଗୁଏନା, ବ୍ରାଜିଲ ଓ କଲମ୍ବିଆରେ ଏହି ପ୍ରତିନିଧିମଣ୍ଡଳକୁ ଅତି ସୁନ୍ଦରଭାବେ ସ୍ୱାଗତ କରାଯାଇଥିଲା ବୋଲି ଥରୁର କହିଛନ୍ତି। ଏହି ଦେଶଗୁଡିକରେ ଆମେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପ-ରାଷ୍ଟ୍ରପତି ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ମିଳିତ ହୋଇଥିଲୁ। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୂର କାହିଁକି କରିଥିଲା ସେ ନେଇ ସମସ୍ତଙ୍କୁ ଅବଗତ କରାଇଥିଲୁ ଓ ସେମାନେ ମଧ୍ୟ ଏହାକୁ ବେଶ୍ ଭଲଭାବେ ବୁଝିବାରେ ସଫଳ ହୋଇଥିଲେ ବୋଲି ଫେରିବା ପରେ ଦିଲ୍ଲୀ ବିମାନବନ୍ଦରରେ ଥରୁର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ରାଜନୈତିକ ସଂକୀର୍ଣ୍ଣତାକୁ ପଛରେ ପକାଇ କେନ୍ଦ୍ର ସରକାର ଭାରତର ଏକତାର ବାର୍ତ୍ତା ଦେବାକୁ ସବୁ ଦଳର ସାଂସଦଙ୍କୁ ବିଦେଶ ପଠାଇଥିଲା। ଆମକୁ ଯାହା କରିବାକୁ କୁହାଯାଇଥିଲା, ଆମେ ତାହା ସଫଳଭାବେ ସମ୍ପାଦନ କରିଛୁ। ବହୁତ୍ ସନ୍ତୋଷ ଓ ଆନନ୍ଦର ସହ ଆମେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେ ଭେଟିଛୁ। ଏହା ଆମପାଇଁ ଏକ ଖୁସିର କଥା। ମୋଦୀ ସନ୍ଧ୍ୟା ୭ଟାରେ ଅଲପାର୍ଟି ଡେଲିଗେସନଙ୍କୁ ସାକ୍ଷାତ କରିଛନ୍ତି। ଉଲ୍ଲେଖଥାଉ କି, ବିଭିନ୍ନ ଦଳର ୫୯ ସାଂସଦ ୭ଟି ପ୍ରତିନିଧିମଣ୍ଡଳରେ ବିଭକ୍ତ ହୋଇ ୩୩ଟି ଦେଶ ଯାତ୍ରା କରିଥିଲେ।

## ଦିଲ୍ଲୀ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ — ସପ୍ତମ ମହଲାରୁ ଡେଇଁ ୨ ପିଲାଙ୍କ ସହ ପିତା ମୃତ

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ଦିଲ୍ଲୀର ଦ୍ୱାରକା ସେକ୍ଟର-୧୩ସ୍ଥିତ ଶବ୍ଦ ଆପାର୍ଟମେଣ୍ଟରେ ସପ୍ତମ ମହଲାରେ ମଙ୍ଗଳବାର ସକାଳେ ନିଆଁ ଲାଗିଛି। ଫ୍ଲାଟ୍‌ରେ ଜଣେ ପିତା ନିଜର ଦୁଇ ପିଲାଙ୍କ ସେଠାରେ ଫସି ରହିଛନ୍ତି। ଏଥିରୁ ବର୍ତ୍ତିବା ପାଇଁ ୧୦ ବର୍ଷର ଦୁଇଟି ପିଲା ସହ ବାପା ଜୀବନ ବିକଳରେ ବାଲକୋନୀରୁ ଡେଇଁ ପଡ଼ିଛନ୍ତି। ଏଥିରେ ୩ଜଣଙ୍କ ମୃତ୍ୟୁ ହୋଇଛି। ନିଆଁ ଲାଗିବା ଖବର ପାଇବା ପରେ ତୁରନ୍ତ ୮ଟି ଦମକଳ ଗାଡି ସେଠାରେ ପହଞ୍ଚିଥିଲେ। ଆପାର୍ଟମେଣ୍ଟର ରହୁଥିବା ଲୋକଙ୍କୁ ସେଠାରୁ ବାହାର କରାଯାଇଛି। ସକାଳ ୧୦.୦୧ରେ ଦିଲ୍ଲୀ ଫାୟାର ସର୍ଭିସକୁ ଏ ନେଇ ସୂଚନା ମିଳିଥିଲା। ଏହି ଘଟଣାରେ ଦୁଇଜଣ ଆହତ ହୋଇଛନ୍ତି। ଉଲ୍ଲେଖଥାଉ କି, ଦିଲ୍ଲୀର ଆପାର୍ଟମେଣ୍ଟରେ ନିଆଁ ଲାଗିବା ଘଟଣା ଆଦୌ ନୂଆ ନୁହଁ। ଗତ ଫେବୃଆରୀ ମାସରେ ଦିଲ୍ଲୀର ନାଙ୍ଗଲୋଇରେ ଏକ ଦୁଇତାଲା ଘରେ ନିଆଁ ଲାଗିଥିଲା। ଦ୍ୱିତୀୟ ମହଲାରୁ ଡେଇଁ ୬ ଜଣ ଲୋକ ଜୀବନ ବଞ୍ଚାଇଥିଲେ। ଦିଲ୍ଲୀ ଡେଭଲପମେଣ୍ଟ ଅଥରିଟୀ (ଡିଡିଏ) ଓ ମ୍ୟୁନିସପାଲ କର୍ପୋରେସନ ଅଫ୍ ଦିଲ୍ଲୀ (ଏମ୍‌ସିଡି) ଏହି ଆପାର୍ଟମେଣ୍ଟର ଦୃଢତା ନେଇ ଆକଳନ କରିବାକୁ ନୋଟିସ୍ ଦିଆଯାଇଛି ବୋଲି ପୁଲିସ୍ ତରଫରୁ କୁହାଯାଇଛି।



## କେନ୍ଦ୍ରର ଅସାବଧାନତା ଯୋଗୁଁ ପହଲଗାମ୍ ଆକ୍ରମଣ ହୋଇଥିଲା: ମମତା

କୋଲକାତା, ୧୦।୬(ଏଜେନ୍ସି): ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣି ଟାର୍ଗେଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅସାବଧାନତା ଯୋଗୁଁ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ହୋଇଛି ବୋଲି ସେ ବିଧାନସଭାରେ ମଙ୍ଗଳବାର କହିଛନ୍ତି। ଆକ୍ରମଣ ହୋଇଥିବା ସ୍ଥାନରେ ସୁରକ୍ଷାକର୍ମୀ କାହିଁକି ନଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଭାରତୀୟ ସେନାବାହିନୀର ବିରତା ଓ ପରାକାଷ୍ଠାକୁ ନେଇ କେନ୍ଦ୍ର ରାଜନୀତି କରୁଛି। ନାଗରିକଙ୍କୁ ସୁରକ୍ଷା ଦେବାରେ କେନ୍ଦ୍ର ବିଫଳ ହୋଇଛି। ତେଣୁ ବିଜେପି ସରକାରକୁ ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ନିଜ ବିଷୟରେ ବିଜ୍ଞାପନ ଦେବାରେ ବ୍ୟସ୍ତ ରହୁଛନ୍ତି। ଅପରେସନ ସିନ୍ଦୂର ମାଧ୍ୟମରେ ଆମ ପାଖରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ପୁଣି ଫେରାଇ ନେବାର ସୁଯୋଗ ରହିଥିଲା। ଯେତେବେଳେ ନିର୍ବାଚନ ସମୟ ପାଖେଇଆସେ, ସେତେବେଳେ ବିଜେପି ପୁଲୱାମା ଭଳି ଘଟଣା ଘଟାଇବାକୁ ଷଡ଼ଯନ୍ତ୍ର କରିଥାଏ। ତେଣୁ ଦେଶବାସୀ ଏ ନେଇ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଏନ୍‌ସିପି ଭାଙ୍ଗିବ ବୋଲି ଭାବି ନ ଥିଲି: ପାୱାର

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଭାଙ୍ଗିବ ବୋଲି କେବେ ଭାବି ନ ଥିଲି। ଦଳର ୨୬ତମ ସ୍ଥାପନା ଦିବସରେ ମଙ୍ଗଳବାର ପୁଣେରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସୁପ୍ରିମୋ ଶରଦ ପାୱାର ଏହି ମନ୍ତବ୍ୟ ଦେଇଛନ୍ତି। ଗତ ୨୬ ବର୍ଷ ମଧ୍ୟରେ ପାର୍ଟି ଏକାଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି ବୋଲି ସେ ଏହି ଅବସରରେ ସ୍ୱୀକାର କରିଛନ୍ତି। କିନ୍ତୁ ଆପଣମାନେ ଧୈର୍ଯ୍ୟ ଓ ଉତ୍ସାହ ନ ହରାଇ ପାର୍ଟିକୁ ଆଗକୁ ବଢ଼ାଇବାକୁ ପ୍ରୟାସ ଜାରି ରଖନ୍ତୁ ବୋଲି ପାୱାର ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇ କହିଛନ୍ତି। କିଛି ଲୋକ ଅନ୍ୟ ବିଚାରଧାରାକୁ ନେଇ ଦଳ ଛାଡି ଚାଲିଯାଇଛନ୍ତି। କିନ୍ତୁ ଯେଉଁମାନେ ପାର୍ଟି ପ୍ରତି ନିଜର ନିଷ୍ଠା ବଜାୟ ରଖିଛନ୍ତି, ସେମାନ ଦଳରେ ଏବେ ରହିଛନ୍ତି। ଦଳ ଭାଙ୍ଗି ଯାଇଥିବା କଥା ଓ ଯାହା ଅତୀତ ସେ ବିଷୟରେ ଚିନ୍ତା ନ କରିବାକୁ ସେ ସମସ୍ତଙ୍କୁ କହିଛନ୍ତି। ଅନ୍ୟପଟେ ପୁଣେରେ ଏହି କାର୍ଯ୍ୟକ୍ରମରେ ଏନ୍‌ସିପି-ଏସ୍‌ପି ମହାରାଷ୍ଟ୍ର ଅଧ୍ୟକ୍ଷ ଜୟନ୍ତ ପାଟିଲ ପଦ ଛାଡିବା ନେଇ ସୂଚନା ଦେଇଛନ୍ତି। ଗତ ୭ ବର୍ଷ ହେବ ସେ ଏହି ଦାୟିତ୍ୱ ସମ୍ଭାଳୁଛନ୍ତି। କିନ୍ତୁ ଏବେ ଜଣେ ନୂଆ ବ୍ୟକ୍ତିଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## କ୍ୟାଟ୍ରିନା ମାଳଦୀପ ପର୍ଯ୍ୟଟନର ଗ୍ଲୋବାଲ୍ ଆମ୍ବାସାଡର

ନୂଆଦିଲ୍ଲୀ, ୧୦।୬(ଏଜେନ୍ସି): ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଏବେ ମାଳଦୀପ ପର୍ଯ୍ୟଟନର ଗ୍ଲୋବାଲ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ଭାରତୀୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ମାଳଦୀପ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଇଛି। ଏ ନେଇ ସାମାଜିକ ଗଣମାଧ୍ୟମରେ 'ଭିଜିଟ୍ ମାଳଦୀପ' ଘୋଷଣା କରିଛି। କ୍ୟାଟ୍ରିନା ଭାରତୀୟ ବିଜ୍ଞାପନ ଜଗତରେ ଏକ ବଡ଼ ଚେହେରା ବିବେଚିତ ହେଉଛନ୍ତି। ତାଙ୍କୁ ଗ୍ଲୋବାଲ ଆମ୍ବାସାଡର



ରୂପେ ପାଇଁ ଆମେ ବେଶ୍ ଆନନ୍ଦିତ ବୋଲି 'ଭିଜିଟ୍ ମାଳଦୀପ' ତରଫରୁ କୁହାଯାଇଛି। ମାଳଦୀପ ହେଉଛି ବିଶ୍ୱ ପର୍ଯ୍ୟଟନର ଅନ୍ୟତମ ଶ୍ରେଷ୍ଠ କେନ୍ଦ୍ରସ୍ଥଳୀ। ଏଠାରେ ଆଡମ୍ବରପୂର୍ଣ୍ଣ ସୁବିଧା ସୁଯୋଗ ସହ ଶାନ୍ତ ପରିବେଶ ଉପଲବ୍ଧ। ଆମ୍ବାସାଡର ନିଯୁକ୍ତ ପାଇଥିବାରୁ ଗର୍ବ ଅନୁଭବ କରୁଛି ବୋଲି କ୍ୟାଟ୍ରିନା କହିଛନ୍ତି। ଗତବର୍ଷ ଜାନୁଆରୀ ପରେ ଭାରତ ଓ ମାଳଦୀପ ମଧ୍ୟରେ କୂଟନୈତିକ ସମ୍ପର୍କ ସେତେଟା ଭଲ ନଥିବା ବେଳେ କ୍ୟାଟ୍ରିନାକୁ ଆମ୍ବାସାଡର ନିଯୁକ୍ତ କରିବା ସମସ୍ତଙ୍କ ହଜମ ହେବ ନାହିଁ। ୨୦୨୪ ଜାନୁଆରୀ ୭ରେ ବଏକଟ୍ ମାଳଦୀପ ଟ୍ରେଣ୍ଡ ହୋଇଥିଲା।

## ଗ୍ରେଟାଙ୍କୁ ସ୍ୱିଡେନ ଫେରାଇଲା ଇସ୍ରାଏଲ୍

ତେଲ ଅଭିଭ୍, ୧୦।୬(ଏଜେନ୍ସି): ପର୍ଯ୍ୟାବରଣ କାର୍ଯ୍ୟକର୍ତ୍ତା ଗ୍ରେଟା ଥନ୍‌ବର୍ଗଙ୍କୁ ଇସ୍ରାଏଲ୍ ପୁଣି ତାଙ୍କ ଦେଶ ସ୍ୱିଡେନ୍‌କୁ ପଠାଇଛି। ତାଙ୍କୁ ଫ୍ରାନ୍ସକୁ ଯାଉଥିବା ଏକ ବିମାନରେ ବସାଇ ସ୍ୱିଡେନ ପଠାଇବାକୁ ଇସ୍ରାଏଲ ତରଫରୁ ବ୍ୟବସ୍ଥା କରାଯାଇଛି। ଏ ନେଇ ଇସ୍ରାଏଲ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସୂଚନା ଦିଆଯାଇଛି। ସୋମବାର ଇସ୍ରାଏଲ ସେନା ଗ୍ରେଟା ଓ ତାଙ୍କ ୧୧ ସହଯୋଗୀଙ୍କ ସମେତ ଜାହାଜ ମେଡଲିନ୍‌କୁ ଅଟକ ରଖିଥିଲା। ମେଡଲିନ୍‌କୁ ଇସ୍ରାଏଲ୍‌ର ଅଶଦୋଦ ବନ୍ଦରକୁ ନିଆଯାଇଥିଲା। ଗ୍ରେଟା ଜୁନ୍ ୧ରେ ଗାଜାର ଲୋକଙ୍କ ପାଇଁ ସହାଯ୍ୟ ସାମଗ୍ରୀ ନେଇ ଯାତ୍ରା ଆରମ୍ଭ କରିଥିଲା। ବିମାନରେ ଗ୍ରେଟା ବସିଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଗ୍ରେଟା ଓ ତାଙ୍କ ସହଯୋଗୀଙ୍କୁ ହମାସର ବର୍ବରତା ନେଇ ବିଭିନ୍ନ ଭିଡିଓ ଦେଖିବାକୁ ଦିଆଯାଇଥିଲା।

## ପତ୍ନୀ ସହ ଝଗଡ଼ା; ଲାଞ୍ଚ ମାଗିଲା ପୁଲିସ୍: ୫ ହଜାର ଦେଇ ନ ପାରି ଯୁବକଙ୍କ ଆତ୍ମହତ୍ୟା

କାନପୁର, ୧୦।୬ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁର କୋଟରା ଗ୍ରାମରୁ ପୁଲିସ ନିର୍ଯାତନାର କରୁଣ ଦୃଶ୍ୟ ସାମ୍ନାକୁ ଆସିଛି। ଆଇନ ଶୃଙ୍ଖଳା ନେଇ ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ରାଜ୍ୟରେ ପୁଲିସ ପାଇଁ ଜଣେ ଯୁବକଙ୍କ ଜୀବନ ଚାଲି ଯାଇଛି। ମାମଲାର ସମାଧାନ ପାଇଁ ପୁଲିସର ଥାର୍ଡ ଡିଗ୍ରୀ ଏବଂ ଲାଞ୍ଚକୁ ନେଇ ଚିନ୍ତିତ ଜିତୁ ନିଶାଦ ଶେଷରେ ଘରେ ଫାଶୀ ଲଗାଇ ଜୀବନ ହାରି ଦେଇଛନ୍ତି। ବିଧାୟକଙ୍କ ହସ୍ତକ୍ଷେପ ପରେ ଥାନା ପ୍ରଭାରୀ ଏବଂ ହେଡ୍ କନଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି। ଏକ ନୂଆ ପୁଲିସ ଟିମ୍ ମାମଲାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ ତିନି ମାସ ତଳେ ଜିତୁ ଏବଂ ତାଙ୍କ ପତ୍ନୀ ସୁମନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗାଁରେ ବିବାଦର ସମାଧାନ ସତ୍ତ୍ୱେ ପତ୍ନୀ ପିଲାଛୁଆଙ୍କୁ ଧରି ବାପ ଘରକୁ ପଳାଇ ଥିଲେ। ସେଠାରେ ପତ୍ନୀଙ୍କ ଅଭିଯୋଗ ଏବଂ ଶ୍ୱଶୁରଙ୍କ ଚାପରେ ସଜେତି ଥାନା ପୁଲିସ ଜିତୁଙ୍କୁ ଉଠାଇ ନେଇ ପ୍ରବଳ ମାଡ଼ ମାରିଥିଲେ ଏବଂ ପରେ ଛାଡ଼ି ଥିଲା। ଏପରି ଭାବେ ଅନେକ ଥର ଥାନାକୁ ନେଇ ପୁଲିସ ତାଙ୍କୁ ମାଡ଼ ମାରିଥିଲା। ଛାଡ଼ିବା ପାଇଁ ପୁଲିସ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲା। ଶେଷରେ ୨୫ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏହି ଟଙ୍କା ଦେବା ପାଇଁ ଜିତୁ ଘରେ ଥିବା ଗହମ ବିକି ଦେଇଥିଲେ। ଏଥିରୁ ମିଳିଥିବା ୨୦ ହଜାର ଟଙ୍କା ପୁଲିସକୁ ଦେଇଥିଲେ। ଏହା ସତ୍ତ୍ୱେ ବାକି ୫ ହଜାର ଟଙ୍କା ପାଇଁ ଥାନା ବାଲା ବାରମ୍ବାର ଚାପ ପକାଇ ଚାଲିଥିଲେ। ଟଙ୍କା ଦେବା ପାଇଁ ଜିଦ୍ ଧରିଥିଲେ। ଏହି ଜିଦ୍ ଆଗରେ ଜିତୁ ହାରି ଯାଇଥିଲେ। ଶେଷରେ ୫ ହଜାର ଟଙ୍କା ଏବଂ ପତ୍ନୀଙ୍କଠାରୁ ଅଲଗା ହେବାର ଦୁଃଖରେ ଜିତୁ ସୋମବାର ଜୀବନ ହାରି ଦେଇଥିଲେ। ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ଏବେ ପୁଲିସ ଅଭିଯୁକ୍ତ ପତ୍ନୀ ସୁମନ ଏବଂ ଶଶୁର ରାମ କିଶୋରଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ କରୁଛି।



ସକାଳ THE SAKALA
ବୁଧବାର ୧୧ ଜୁନ୍, ୨୦୨୫


# ପ୍ରକାଶ ପାଇଲା ଓଜେଇଇ ପରୀକ୍ଷାଫଳ

## ଏମ୍‌ଟେକ୍‌ରେ ମନ୍ମଥ, ଏମ୍‌ଫାର୍ମରେ ହିତେଶ ଟପ୍ପର




ଭୁବନେଶ୍ୱର,୧୦।୬(ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ମଙ୍ଗଳବାର ପ୍ରକାଶ ପାଇଛି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫,୩୬୨ ଜଣଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି। ବି-ଫାର୍ମରେ ଯତିନ୍ ମେହେର ଟପ୍ପର ହୋଇଥିବା ବେଳେ ଏଲ୍‌ଇଟେକ୍‌ରେ ସାକ୍ଷୀ କୁମାରୀ, ଏଲ୍‌ଇଫାର୍ମରେ ସାଗରିକା ଦାଶ, ଏମ୍‌ବିଏରେ ଅନୁରାଗ ମିଶ୍ର, ଏମ୍‌ସିଏ/ଏମ୍‌ଏସ୍‌ସିରେ ଏସ୍ ସିଶେଦ୍ରୀ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏରେ ଅଂଶୁମାନ ପତି, ବିକ୍ୟାଟ୍ (ସିନେମାଟୋଗ୍ରାଫି)ରେ ନେହା ପ୍ରିୟଦର୍ଶିନୀ, ବିକ୍ୟାଟ୍ (ଫିଲ୍ମ ଏଡିଟିଂ)ରେ ସାନିଧ୍ୟା ନାୟକ, ଏମ୍‌ଫାର୍ମରେ ହିତେଶ କୁମାର ଧଳ, ଏମ୍‌ଆର୍କିଟେକ୍‌ରେ ଅସ୍ମିତା ସୁବୁଦ୍ଧି ଏବଂ ଏମ୍‌ପ୍ଲାନ୍‌ରେ ଉର୍ମିକାନ୍ତ ମାନିନନ୍ଦନ ସାହୁ ପ୍ରମୁଖ ଟପ୍ପର ହୋଇଛନ୍ତି। ସେହିପରି ଏମ୍‌ଟେକ୍‌ରେ ମନ୍ମଥ ବେହେରା ସମସ୍ତ ବିଭାଗ ମଧ୍ୟରୁ ଟପ୍ପର ହୋଇଛନ୍ତି। ସେହିପରି ସିଭିଲ୍ ଇଞ୍ଜିନିୟରିଂରେ ସୂରଜ କୁମାର ଦାଶ ଟପ୍ପର ହୋଇଥିବାବେଳେ, ମେକାନିକାଲରେ ଶୁଭଙ୍କର ଜେଠୀ, କମ୍ପ୍ୟୁଟର ସାଇନ୍ସରେ ପ୍ରାଚୀ ପ୍ରଜ୍ଞା, ଇଲେକ୍‌ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂରେ କୃଷ୍ଣଚନ୍ଦ୍ର ନାୟକ, କେମିକାଲ୍ ଇଞ୍ଜିନିୟରିଂରେ ଜିତୁ ପାତ୍ର, ମେଟାଲୁର୍ଜିକାଲ୍‌ରେ ତ୍ରିଲୋଚନ ପ୍ରଧାନ, ଏନ୍‌ଭାଇରମେଣ୍ଟାଲ୍‌ରେ ଅଶ୍ୱିନୀ କୁମାର ପାଣିଗ୍ରାହୀ, ବାୟୋଟେକ୍ନୋଲୋଜିରେ ଦେବୋପ୍ରିୟ ପାଲ୍, ପ୍ଲାଷ୍ଟିକ୍ ଇଞ୍ଜିନିୟରିଂରେ ସର୍ବଜିତ୍ ଦାସ୍ ଏବଂ ଟେକ୍ସଟାଇଲ୍ ଇଞ୍ଜିନିୟରିଂରେ ମନିଷା ରାଉଳ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଚଳିତବର୍ଷ ୯୨,୪୮୮ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବାବେଳେ ୮୦,୩୨୪ ଜଣ ଅର୍ଥାତ ୮୬.୮୪% ପିଲା ପରୀକ୍ଷା ଦେଇଥିଲେ। ର୍‍ୟାଙ୍କ ପାଇଥିବା ପିଲାମାନେ ଚଳିତ ଶିକ୍ଷାବର୍ଷରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ୧୭ ଗୋଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଓଜେଇଇ କାଉନସେଲିଂରେ ଅଂଶଗ୍ରହଣ କରିପାରିବେ। ଫଳାଫଳ ପୁସ୍ତିକାକୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉନ୍ମୋଚନ କରି ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ସମର୍ଥ ବର୍ମା, ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ, ଓଜେଇଇ ଅଧ୍ୟକ୍ଷ ଦେବ ପ୍ରକାଶ ଶତପଥି ଓ ସମ୍ପାଦକ ରଞ୍ଜନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ କାଉଁସେଲିଂ ସରିବା ପରେ ବଳକା ସିଟ୍‌ରେ ନାମଲେଖା ପାଇଁ ଜୁଲାଇ ୧୫ ଓ ୧୬ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଅନୁଷ୍ଠିତ ହେବ।

## ରେମୁଣାରେ ବାଲି ମାଫିଆଙ୍କ ଆତଙ୍କରାଜ

# ଖଣି ଅଧିକାରୀଙ୍କୁ ଗାଡ଼ିରୁ ଟାଣିଆଣି ପିଟିଲେ

### ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି





ବାଲେଶ୍ୱର,୧୦।୬(ସମିସ): ବାଲେଶ୍ୱର ଜିଲ୍ଲାରେ ଦିନକୁ ଦିନ ବାଲି ମାଫିଆଙ୍କ ଆତଙ୍କରାଜ୍ ବଢ଼ିଚାଲିଛି। ଏପରିକି ଚଢ଼ଉବେଳେ ପ୍ରଶାସନିକ ଅଧିକାରୀ ମଧ୍ୟ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ବିଗତ ଦିନରେ ଜିଲ୍ଲାର ଜଳେଶ୍ୱର ଅଞ୍ଚଳରେ ଖଣି ଅଧିକାରୀ ଚଢ଼ଉ ପାଇଁ ଯାଇ ବାଲି ମାଫିଆଙ୍କ ଆକ୍ରମଣରେ ଲହୁଲୁହାଣ ହେବାର ନଜିର ରହିଛି। ମଙ୍ଗଳବାର ରେମୁଣା ଅଞ୍ଚଳରେ ମଧ୍ୟ ସମାନ ଏକ ଘଟଣା ଘଟିଛି। ରେମୁଣା ବ୍ଲକ୍‌ର ବୁଢ଼ାବଳଙ୍ଗ ନଦୀ କାଠସଙ୍ଗଡ଼ାଠାରେ ବେଆଇନ ବାଲି ଉତ୍ତୋଳନ ହେଉଥିବାବେଳେ ଚଢ଼ଉ କରିବାକୁ ଯାଇଥିବା କନିଷ୍ଠ ଖଣି ଅଧିକାରୀଙ୍କ ସମେତ ଅନ୍ୟମାନଙ୍କୁ ବାଲି ମାଫିଆମାନେ ଗାଡ଼ିରୁ ଟାଣି ଆଣି ମାଡ଼ ମାରିଛନ୍ତି। ଏଥିରେ ଗୁରୁତର ଆହତ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଏବଂ ଗାଡ଼ି ଚାଳକ ଦେବାଶିଷ ମହାନ୍ତିଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ବାବଦରେ ଖଣି ଅଧିକାରୀ ରେମୁଣା ଥାନାରେ ଅଭିଯୋଗ କରିଛନ୍ତି।

କାଠସଙ୍ଗଡ଼ା ନିକଟରେ ଥିବା ୧୨୩ ଏବଂ ୧୪୫ ନମ୍ବର ପ୍ଲଟ୍‌ରେ ବାଲି ଉତ୍ତୋଳନ ପାଇଁ ସରକାର ଲିଜ୍ ପ୍ରଦାନ କରିଛନ୍ତି। ମାତ୍ର ୬୮ ନମ୍ବର ପ୍ଲଟ୍‌ରେ ବେଆଇନ ଭାବେ ବାଲି ଉତ୍ତୋଳନ ହେବା ନେଇ ଅଭିଯୋଗ ହେଉଥିଲା। ଏହି ଅଭିଯୋଗକୁ ଆଧାର କରି ମଙ୍ଗଳବାର ଜିଲ୍ଲା ଖଣି ବିଭାଗ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ଶ୍ରୀ ବେହେରାଙ୍କ ନେତୃତ୍ୱରେ ଏକ ୭ଜଣିଆ ଟିମ୍ ରେମୁଣା ବ୍ଲକ୍ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀପଠାସ୍ଥିତ କାଠସଙ୍ଗଡ଼ାକୁ ଯାଞ୍ଚ ପାଇଁ ଯାଇଥିଲେ। ହେଲେ ସେଠାରେ କିଛି ବାଲି ମାଫିଆ ପ୍ରଥମେ ସେମାନଙ୍କୁ ରାସ୍ତାରେ ଅଟକାଇବା ସହ ଗାଡ଼ିରୁ ଟାଣି ଆଣି ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ଯାହାଫଳରେ ଶ୍ରୀ ବେହେରା ଏବଂ ତାଙ୍କ ଡ୍ରାଇଭର ଶ୍ରୀ ମହାନ୍ତି ଗୁରୁତର ଆହତ ହୋଇଥିଲେ। ଖବରପାଇ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଡାକ୍ତରଖାନାରେ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଯେଉଁଠାରେ ବାଲି ଉଠାଇବା ପାଇଁ ଟେଣ୍ଡର ହୋଇଛି ସେଠାରେ ଅନ୍ୟ ଲୋକ ବାଲି ଉଠାଇବାରୁ ସମସ୍ୟା ଉପୁଜୁଛି। ଅପରପକ୍ଷେ ଚଢ଼ଉ ସମୟରେ ପୁଲିସର ସହଯୋଗ ନେବା ଜରୁରୀ। ତେବେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ରେମୁଣା ଥାନାରେ ଅଭିଯୋଗ ହୋଇଥିବା ଜିଲ୍ଲା ଖଣି ଅଧିକାରୀ ସନ୍ତୋଷୀପ୍ରଭା ସେଠୀ କହିଛନ୍ତି।

# ୧୨ ଜିଲ୍ଲାକୁ ବ୍ୟାପିଲାଣି କରୋନା: ୫୬ ଆକ୍ରାନ୍ତ

ଭୁବନେଶ୍ୱର, ୧୦।୬(ସମିସ): ମେ' ପ୍ରଥମ ସପ୍ତାହରେ ରାଜଧାନୀ ଭୁବନେଶ୍ୱରରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲା। ମାସକ ଭିତରେ ଏବେ ଏହା ୧୨ଟି ଜିଲ୍ଲାକୁ ବ୍ୟାପିଗଲାଣି। ସୋମବାର ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୁବର୍ଣ୍ଣପୁର ଆଦି ଜିଲ୍ଲାରୁ ସଂକ୍ରମଣ ଚିହ୍ନଟ ହୋଇଛନ୍ତି। ସୋମବାର ସୁଦ୍ଧା ରାଜ୍ୟରୁ ଚିହ୍ନଟ ହୋଇଥିବା ମୋଟ ୫୬ କରୋନା ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୩ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କଟକରୁ ୧୮ ଜଣ ଚିହ୍ନଟ ହୋଇଥିବାବେଳେ ପୁରୀରୁ ୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର, ଜଗତସିଂହପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ୨ଜଣ ଲେଖାଏଁ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେହିଭଳି କେନ୍ଦୁଝର, ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ଲେଖାଏଁ କୋଭିଡରେ ଆକ୍ରାନ୍ତ ହୋଇଛନ୍ତି। ଚଳିତ ବର୍ଷ ରାଜ୍ୟର ମୋଟ୍ କୋଭିଡ୍ ରୋଗୀଙ୍କ ସଂଖ୍ୟା ୫୬ରେ ପହଞ୍ଚିଛି। ସାମବାର ୫ ଜଣ ରୋଗୀ ସୁସ୍ଥ ହେବା ସହ ବର୍ତ୍ତମାନ ସୁଦ୍ଧା ମୋଟ ୨୦ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଫଳରେ ରାଜ୍ୟରେ ଏବେ ୩୬ଜଣ ସକ୍ରିୟ ରୋଗୀ ଅଛନ୍ତି। କରୋନା କିମ୍ବା ଥଣ୍ଡା, କାଶ ଭଳି ରୋଗର ଲକ୍ଷଣ ଥିଲେ, ଘରେ ରୁହନ୍ତୁ। ଲକ୍ଷଣ ଅନୁଭବ କଲେ, ବିଭିନ୍ନ ସମାବେଶରୁ ଦୂରେଇ ରହିବା ସହ ନିଜକୁ ଅଲଗା ରଖିବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ନୂତନ ଷ୍ଟ୍ରେନ ଅଧିକ ବିପଦପୂର୍ଣ୍ଣ ହୋଇ ନଥିଲେ ବି ସତର୍କ ରହିବା ସମସ୍ତଙ୍କ ପାଇଁ ଭଲ ବୋଲି ବିଭାଗ କହିଛି।

# ପ୍ରତିଶ୍ରୁତି ପାଳନରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ: ଯୁବ କଂଗ୍ରେସ

- ମୋଦୀ ଓ ମୋହନ ସରକାର ଜନବିରୋଧୀ
- ବର୍ଷକରେ ୫ ହଜାର ନିଯୁକ୍ତି ଦେଇନାହାନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୧୦।୬(ସମିସ): ମୋଦୀ ସରକାରର ୧୧ ବର୍ଷ ଓ ମୋହନ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବିଜେପି ନେତୃବର୍ଗ ସଫଳତାର ଡିଣ୍ଡିମ ପିଟୁଛନ୍ତି। ମାତ୍ର ବାସ୍ତବରେ ୧୧ ବର୍ଷର କେନ୍ଦ୍ର ସରକାର ଓ ୧ ବର୍ଷର ମୋହନ ସରକାର ଜନବିରୋଧୀ ବୋଲି ପ୍ରମାଣିତ ହୋଇଛି। ଉଭୟ ସରକାର ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛନ୍ତି ବୋଲି କହିଛି ଯୁବ କଂଗ୍ରେସ। ମଙ୍ଗଳବାର ଯୁବ କଂଗ୍ରେସ ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ ଓ ସଭାପତି ରଣଜିତ ପାତ୍ର ଏକ ମିଳିତ ପ୍ରେସ ବାର୍ତ୍ତାରେ କହିଛନ୍ତି ଯେ ଦେଶର ଯୁବ ସମାଜକୁ ମୋଦୀ ସରକାର ସମ୍ପୂର୍ଣ୍ଣ ପ୍ରତାରିତ କରିଛନ୍ତି। ୨ କୋଟିର ନିଯୁକ୍ତି ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ବିଶ୍ୱ କ୍ଷୁଧା ସୂଚକାଙ୍କରେ ୧୨୭ଟି ଦେଶ ମଧ୍ୟରୁ ଭାରତ ୧୦୫ତମ ସ୍ଥାନ ଅଧିକାର କରିଛି। ୧୯୪୭ ମସିହାଠାରୁ ୨୦୧୪ ମଧ୍ୟରେ ଦେଶର ଋଣଭାର ୫୫ ଲକ୍ଷ କୋଟି ଥିଲା; ମାତ୍ର ୧୧ ବର୍ଷର ମୋଦୀ ସରକାରରେ ଏହା ୨୦୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ତିନି କଳା ଆଇନ ଆଣି ଚାଷୀଙ୍କର ସର୍ବନାଶ କରିବାକୁ ଉଦ୍ୟମ ହେବା ସହ ଏହା ବିରୋଧରେ ଆନ୍ଦୋଳନ କରି ୭୦୦ ଚାଷୀ ଜୀବନ ଯାଇଛି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ପୁଅ ୮ ଜଣ ଚାଷୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଛନ୍ତି। ଦରଦାମ ଆକାଶଛୁଆଁ ହୋଇଛି, ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ସଖୀ କଣ୍ଢେଇ ପାଲଟିଛନ୍ତି ଓ ୧୧ ବର୍ଷର ଶାସନ ବ୍ୟବସ୍ଥାରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ବିଶ୍ୱାସଘାତକତା ଭରିରହିଛି। ଏହାହିଁ ଦୁଇ ସରକାରର ଉପଲବ୍ଧି ବୋଲି ଯୁବ କଂଗ୍ରେସ କହିଛି।

ଶ୍ରୀ ପାତ୍ର କହିଛନ୍ତି ଯେ ଓଡ଼ିଶାର ଏକବର୍ଷର ମୋହନ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛନ୍ତି। ୩୦୦ ୟୁନିଟ ମାଗଣା ବିଜୁଳି ବଦଳରେ ସ୍ମାର୍ଟ ମିଟର ଲଗାଇ ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରିବାକୁ ଚକ୍ରାନ୍ତ ହୋଇଛି। ମହିଳାମାନଙ୍କୁ ୫୦ ହଜାରର ଭାଉଚର ଦେବେ ବୋଲି କହି ଭୋଟ ହାତେଇବା ପରେ ୬ ମାସରେ ମାତ୍ର ୫ ହଜାର ଟଙ୍କା ଦିଆଯାଇଛି। ନିର୍ବାଚନୀ ଇସ୍ତାହାରରେ ୫ ବର୍ଷରେ ୩ ଲକ୍ଷ ୫୦ ହଜାର ନିଯୁକ୍ତି ଦେବେ ବୋଲି ଘୋଷଣା କରିଥିବାରୁ ଏହି ହାରରେ ବର୍ଷକୁ ୭୦ ହଜାର ସରକାରୀ ନିଯୁକ୍ତି ମିଳିବା କଥା। ମାତ୍ର ମୋହନ ସରକାର ୫ ହଜାର ନିଯୁକ୍ତି ଦେଇପାରି ନାହାଁନ୍ତି। ଯାହା ବି ନିଯୁକ୍ତି ବ୍ୟବସ୍ଥା ହେଉଛି ତାହା ପୂର୍ବ ସରକାର ସମୟରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେଉଥିବା ବେଳେ ଏହାକୁ ସରକାର ନିୟନ୍ତ୍ରଣ କରିପାରୁ ନାହାନ୍ତି। ଆଦିବାସୀ ଓ ଦଳିତମାନଙ୍କୁ ସୁରକ୍ଷା ଦେବା ବଦଳରେ ସେମାନଙ୍କର ଜମି କୌଶଳକ୍ରମେ କିଣି ନେଇ ମୋହନ ସରକାର ସେମାନଙ୍କୁ ସଂପୂର୍ଣ୍ଣ ବିପଦଗ୍ରସ୍ତ କରିବାପାଇଁ ବ୍ୟବସ୍ଥା କରିଛନ୍ତି। ସେହିଭଳି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନାମ ପରିବର୍ତ୍ତନ କରିଦିଆଯାଇଛି। ହେଲେ ଆୟୁଷ୍ମାନ ପ୍ରାଇଭେଟ ହସପିଟାଲମାନେ ଗ୍ରହଣ କରୁନାହାନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ କେବଳ ଶିକ୍ଷା ବ୍ୟବସ୍ଥାକୁ ଗୈରୀକରଣ କରିବାପାଇଁ ଉଦିଷ୍ଟ ବୋଲି ଶ୍ରୀ ପାତ୍ର କହିଛନ୍ତି।

ପ୍ରଦେଶ ଯୁବ କଂଗ୍ରେସର ମିଡିଆ ବିଭାଗର ମୁଖ୍ୟ ସୁଦିପ ସାମଲ କହିଛନ୍ତି ଯେ ଓଡ଼ିଶାର ଆଇନ ଶୃଙ୍ଖଳା ପରିସ୍ଥିତି ଏକ ବର୍ଷରେ ଅତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳାମାନେ ସଂପୂର୍ଣ୍ଣ ଅସୁରକ୍ଷିତ। ଓଡ଼ିଆ ଅସ୍ମିତା ଏକ ଶବ୍ଦ ମାତ୍ର ହୋଇଛି। ପଛୁଆବର୍ଗ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ଦେବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି।

# ଏଆଇ କ୍ୟାମେରାରେ ପୁଣି ଧରାପଡ଼ିଲେ ୨ ଶିକାରୀ



ବାରିପଦା,୧୦।୬(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ଶିକାର ନିମନ୍ତେ ଅନୁପ୍ରବେଶ କରିଥିବା ୨ଜଣ ଶିକାରୀଙ୍କୁ ବନ ବିଭାଗ ଧରିବାରେ ସଫଳ ହୋଇଛି। ଶିକାରୀ ଦାଉରୁ ବନ୍ୟଜନ୍ତୁଙ୍କୁ ସୁରକ୍ଷା ନିମନ୍ତେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରାରେ ଉଭୟ ଶିକାରୀ ଧରାପଡ଼ିଛନ୍ତି। ଗିରଫ ଶିକାରୀଦ୍ୱୟ ହେଲେ ଶରତ ଥାନା ଅନ୍ତର୍ଗତ କାଶୀଝରଣ ଗ୍ରାମର ଜାନଡୋକ ସିଂ(୩୩) ଓ ଲାଦୁରା ସିଂ(୪୫)। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୧ଟି ଧନୁ, ୨ଟି ତୀର ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରାଯାଇଛି। ବନ୍ୟଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ୫/୬ ଜଣ ଦଳବଦ୍ଧ ହୋଇ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳକୁ ପ୍ରବେଶ କରିଥିଲେ। ଯାହାକୁ ନେଇ ଏଆଇ କ୍ୟାମେରା ଯାଞ୍ଚ କରି ୨ ଜଣଙ୍କୁ ଧରିଛନ୍ତି। ଶିକାରୀଦ୍ୱୟଙ୍କୁ ଗିରଫ କରି ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

# ଦାଦନଗଡ଼ରେ ବିଧାୟକଙ୍କ ଭାଇଙ୍କ ଦାଦାଗିରି

## ଶ୍ରମିକଙ୍କୁ ଅପହରଣ କରି ମାଡ଼ ମାରିଲେ

ବଲାଙ୍ଗୀର/କଣ୍ଟାବାଞ୍ଜି,୧୦।୬(ସମିସ): ବଲାଙ୍ଗିର ଜିଲ୍ଲାର ଦାଦନଗଡ଼ରେ କମୁନାହିଁ ଦାଦନ ଶ୍ରମିକଙ୍କ ଦୁଃଖ। ରାଜ୍ୟ ବାହାରକୁ ଗଲେ ଇଟାଭାଟି ମାଲିକ ନିର୍ଯାନତା ଦେଉଥିବା ବେଳେ ଭିଟାମାଟିରେ ରହିଲେ ଦାଦା ସର୍ଦ୍ଦାର ନିର୍ଯାତନା କରୁଥିବା ଅଭିଯୋଗ ହେଉଛି। ବଲାଙ୍ଗିର ଜିଲ୍ଲା ଦାଦନ ପ୍ରବଣ ପଛୁଆ ଅଞ୍ଚଳ ଦାଦନଗଡ ତୁରେକେଲା ବ୍ଲକ୍ ଅଞ୍ଚଳରୁ। ଗୌତମ ବାଗ ପୁଲିସ ଚାକିରିରୁ ଅବସର ନେବା ପରେ ଏବେ ପାଲଟିଛନ୍ତି ଅଞ୍ଚଳର ପ୍ରଭାବଶାଳି ଦାଦନ ସର୍ଦ୍ଦାର ପାଲଟିଛନ୍ତି। ସଂପୃକ୍ତ ଦାଦନ ସର୍ଦ୍ଦାର ଗୌତମ ବାଗ କଣ୍ଟାବାଞ୍ଜି ବିଜେପି ବିଧାୟକ ଲକ୍ଷ୍ମଣ ବାଗଙ୍କ ବଡ ଭାଇ। ମଙ୍ଗଳବାର ତୁରେକେଲା ଥାନା ଅନ୍ତର୍ଗତ ଗୁର୍ଲାଉଡା ଗାଁର ଦାଦନ ଶ୍ରମିକ ଦେବଙ୍ଗ ପୋଢ କଣ୍ଟାବାଞ୍ଜି ଆସିଥିବା ବେଳେ ସେହି ସମୟରେ ଖୁଟୁଲୁମୁଣ୍ଡା ଗାଁର ଦାଦନ ସର୍ଦ୍ଦାର ଗୌତମ ବାଗ ଦାଦନ ଶ୍ରମିକ ଦେବଙ୍ଗଙ୍କୁ ଉଠାଇ ନେଇ ତାଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ନିର୍ମମ ଭାବରେ ମାଡ ମାରିବା ପରେ ଶ୍ରମିକ ଜଣକ ତାଙ୍କ ପୁଅ ଜିତେନ୍ ପୋଢକୁ ଫୋନ କରିଥିଲେ। ଏହା ପରେ ଦାଦନ ସର୍ଦ୍ଦାର ଗୌତମ ବାଗ ନିର୍ଦ୍ଦିଷ୍ଟ ସ୍ଥାନକୁ ଦାଦନ ଶ୍ରମିକଙ୍କୁ ଛଡ଼ାଇବାକୁ ତାଙ୍କ ସ୍ତ୍ରୀ ଓ ପୁଅ ଯିବାରୁ ଦାଦନ ସର୍ଦ୍ଦାର ଗୌତମ ବାଗ ଦାଦନ ଶ୍ରମିକଙ୍କ ସ୍ତ୍ରୀଙ୍କୁ ମଧ୍ୟ ଏକ ଘରେ ତାଲା ପକାଇ ରଖି ଗାଳିଗୁଲଜ କରିଥିଲେ। ଦାଦନ ଶ୍ରମିକଙ୍କୁ ବାଡିରେ ମାଡ୍ ମାରିବା ସହ ଗୋଇଠା ମାରିବା ଯୋଗୁଁ ଦାଦନ ଶ୍ରମିକଙ୍କ ନାକରୁ ରକ୍ତ ସ୍ରାବ ହେବା ସହ ଗୋଟିଏ ହାତରେ ମଧ୍ୟ ଆଘାତ ଲାଗିଛି। ବାପା ମାଆଙ୍କୁ ଉଦ୍ଧାର କରିବାକୁ ପୁଅ ଜିତେନ ପୋଢ ତୁରେକେଲା ଥାନାରେ ଲିଖିତ ଅଭିଯୋଗ ଥିଲେ। ଏତଲାକୁ ଆଧାର କରି ତୁରେକେଲା ପୁଲିସ ଖୁଟୁଲୁମୁଣ୍ଡା ଗାଁର ଦାଦନ ସର୍ଦ୍ଦାର ଗୌତମ ବାଗଙ୍କ ନିର୍ଦ୍ଦିଷ୍ଟ ସ୍ଥାନରୁ ଦାଦନ ଶ୍ରମିକ ଦେବଙ୍ଗ ପୋଢ ଓ ତାଙ୍କ ସ୍ତ୍ରୀକୁ ଉଦ୍ଧାର କରି ସମ୍ପୃକ୍ତ ଦାଦନ ସର୍ଦ୍ଦାର ତଥା ବିଧାୟକଙ୍କ ଭାଇଙ୍କ ବଡ଼ଭାଇ ଗୌତମ ବାଗଙ୍କୁ ତୁରେକେଲା ଥାନାକୁ ଆଣି ଅଟକ ରଖିଥିଲେ। ତୁରେକେଲା ପୁଲିସ ଶ୍ରମିକଙ୍କ ଡାକ୍ତରୀ ମାଇନା କରିଛନ୍ତି। ଦାଦନ ଚାଲାଣର ଅଗ୍ରୀମ ଟଙ୍କା କାରବାରକୁ ନେଇ ଶ୍ରମିକଙ୍କୁ ଦାଦନ ସର୍ଦ୍ଦାର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଯେଉଁ ଦାଦନ ପ୍ରବଣ ଅଞ୍ଚଳ ଶ୍ରମିକଙ୍କ ଦୁଃଖ ଦୂର କରିବାକୁ ଲୋକେ ଜନ ପ୍ରତିନିଧି ଭାବରେ ତାଙ୍କ ଭାଇଙ୍କୁ ଭୋଟ ଦେଇ ନିର୍ବାଚିତ କରୁଛନ୍ତି ତାଙ୍କ ଭାଇ ଶ୍ରମିକଙ୍କୁ ମାଡ଼ ମାରିବା ଘଟଣାକୁ ସବୁ ମହଲରେ ନିନ୍ଦା କରାଯାଉଛି। ଏବେ ଦାଦନଗଡ଼ରେ ବିଧାୟକଙ୍କ ଭାଇଙ୍କ ଦାଦାଗିରି ବୋଲି ଚର୍ଚ୍ଚା ହେଉଛି।

# ଯବାନଙ୍କ ଜୀବନ ନେଲା ଅନ୍‌ଲାଇନ୍ ଗେମ୍

ଗରଦପୁର,୧୦।୬(ସମିସ): ଅନ୍‌ଲାଇନ୍ ଗେମ୍‌ରେ ଲକ୍ଷ ଲକ୍ଷ ଟଙ୍କା ହରାଇ ଆତ୍ମହତ୍ୟା କରିଛନ୍ତି ଜଣେ ବିଏସ୍‌ଏଫ୍ ଯବାନ। ଯବାନ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ପହଣା ଗ୍ରାମର ଅଭିରାମ ଦାଶଙ୍କ ପୁଅ ସୂର୍ଯ୍ୟକାନ୍ତ ଦାଶ(୩୬)। ସେ ବିଏସ୍‌ଏଫ୍‌ର କୋଲକାତା ହେଡ୍‌କ୍ୱାର୍ଟରରେ କାର୍ଯ୍ୟରତ ଥିଲେ। ଗତ କିଛିଦିନ ଧରି ସେ ଅନ୍‌ଲାଇନ୍ ଗେମ୍ ମାୟାଜାଲରେ ପଡ଼ିଯାଇଥିଲେ ବୋଲି ଅଞ୍ଚଳବାସୀ କହିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି। ଖବର ପ୍ରଚାରିତ ହେବା ପରେ ସମଗ୍ର ଗରଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର କୋଲକାତାରୁ ତାଙ୍କ ମରଶରୀର ଆସିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ନିଲମ୍ବିତ ହେଲେ ଆଇଏଏସ୍ ଚକମା, ଜେଲ୍‌ରେ ଅସୁସ୍ଥ

ଭୁବନେଶ୍ୱର,୧୦।୬(ସମିସ): ୧୦ଲକ୍ଷ ଲାଞ୍ଚ ନେଇ ଗିରଫ ହୋଇ ଜେଲ ଯାଇଥିବା ଆଇଏଏସ୍ ଅଫିସର ତଥା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମାଙ୍କୁ ରାଜ୍ୟ ସରକାର ଆଜି ନିଲମ୍ବିତ କରିଛନ୍ତି। ଇତିମଧ୍ୟରେ ଜେଲରେ ଥିବା ଚକମାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଛି। ତାଙ୍କୁ ଜେଲରେ ଚିକିତ୍ସା ଦେଉଛନ୍ତି ଡାକ୍ତରୀ ଟିମ୍। ଏହି ଟିମ୍ ତାଙ୍କ ସ୍ୱାସ୍ଥ୍ୟ ଉପରେ କଡ଼ା ନଜର ରଖିଛନ୍ତି। ଗତକାଲି ଜାମିନ ନାମଞ୍ଜୁର ହବାପରେ ତାଙ୍କୁ ଭବାନୀପାଟଣା ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଥିଲା। ଆଜି ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିବା ସୂଚନା ମିଳିଛି। ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ୍ ଚକମା ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହାପରେ ତାଙ୍କ ସରକାରୀ ବାସଭବନରୁ ୪୭ଲକ୍ଷ ୪୭ ହଜାର ୬୦୦ ଟଙ୍କା ଜବତ ହୋଇଥିଲା। ଏକାଧିକ ସ୍ଥାନରେ ଚଢାଉ ବେଳେ ସମୁଦାୟ ୫୭ ଲକ୍ଷ ୪୬ ହଜାର ୬୦୦ ଟଙ୍କା ଜବତ ହୋଇଥିଲା।

୨୦୨୧ ବ୍ୟାଚର ଆଇଏଏସ୍ ଧୀମାନ ତ୍ରିପୁରାର ଏକ ଆଭ୍ୟନ୍ତରୀଣ ଅଞ୍ଚଳ କାଞ୍ଚନପୁରର ବାସିନ୍ଦା। ତାଙ୍କ ବାପା ଜଣେ ସ୍କୁଲ ଶିକ୍ଷକ। ଅଗରତାଲା ଏନ୍‌ଆଇଟିରୁ କମ୍ପ୍ୟୁଟର ସାଇନ୍ସରେ ଡିଗ୍ରି ହାସଲ କରିବା ପରେ ସେ ୟୁପିଏସି ପରିଚାଳିତ ଭାରତୀୟ ପ୍ରାଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଲାଞ୍ଚ ନେବା ମାମଲାରେ ଗତକାଲି ପୁଣି ଭିଜିଲାନ୍ସର ଏକ ଟିମ୍ ଧର୍ମଗଡ଼ ଯାଇ ଉପଜିଲ୍ଲାପାଳଙ୍କ ଅଫିସରେ ଛାନଭିନ୍ କରିଥିଲେ। ଯାହାଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ତଦନ୍ତ କରିଥିବା ଜଣା ପଡ଼ିଛି।

# ଭିଜିଲାନ୍ସ ଜାଲରେ ମହିଳା କନିଷ୍ଠ ଯନ୍ତ୍ରୀ



ଗାଇସିଲେଟ,୧୦।୬(ସମିସ): ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ବରଗଡ଼ ଜିଲ୍ଲା ଗାଇସିଲେଟ୍ ବ୍ଲକ୍ ଡାଙ୍ଗବାହାଲ ପଞ୍ଚାୟତର ମହିଳା କନିଷ୍ଠ ଯନ୍ତ୍ରୀ ସସ୍ମିତା ଓରାମ। ମଙ୍ଗଳବାର ସେ ଜଣେ ପୂର୍ବତନ ସରପଞ୍ଚଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ସସ୍ମିତା ଗତ ୧ ବର୍ଷ ହେବ ଗାଇସିଲେଟ ବ୍ଲକ୍ ଡାଙ୍ଗବାହାଲ ପଞ୍ଚାୟତରେ ଚାକିରିରେ ଯୋଗଦେଇଥିଲେ। ସେ 'ମନରେଗା' କାର୍ଯ୍ୟର ଏକ ରାସ୍ତା କାମ ପାଇଁ ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁଙ୍କୁ ୮ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ପୂର୍ବତନ ସରପଞ୍ଚ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଟିମ୍ ଲାଞ୍ଚ ଟଙ୍କା ଗ୍ରହଣବେଳେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଲାଞ୍ଚ ଟଙ୍କା ସହ ତାଙ୍କୁ କାବୁ କରିଥିଲେ।

# ଯାଜପୁରରେ ଝାଡ଼ାବାନ୍ତି; ୨ ମୃତ, ଶତାଧିକ ଆକ୍ରାନ୍ତ



ଦାନଗଦୀ/ବ୍ୟାସନଗର/ଧର୍ମଶାଳା,୧୦।୬(ସମିସ): ସୋମବାରଠାରୁ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତିର ପ୍ରକୋପ ଦେଖାଦେଇଛି। ଦାନଗଦୀ, କୋରେଇ, ବ୍ୟାସନଗର ଏବଂ ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ ଏହାର ପ୍ରଭାବ ଯୋଗୁଁ ଶତାଧିକ ଲୋକ ଅସୁସ୍ଥ ହୋଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମେତ ଅନ୍ୟାନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦାନଗଦି ବ୍ଲକ୍ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୟୂରଭଞ୍ଜ ଜିଲ୍ଲା ସୁନାପଶି ଅଞ୍ଚଳର ସନାତନ ପାତ୍ର (୩୪)ଏବଂ ବ୍ୟାସନଗର ଡାକବଙ୍ଗଳା ଅଞ୍ଚଳର ତୁଳାରାମ ଶର୍ମା(୭୦)ଙ୍କ ମୃତ୍ୟୁ ଘଟିଛି। ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ୧୧ଜଣଙ୍କୁ ଆଜି ରାତିରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଘଟଣା ସଂକ୍ରାନ୍ତରେ ସିଡିଏମ୍‌ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସହାୟତା ଲୋଡିଛନ୍ତି। ସୋମବାର ଅତ୍ୟଧିକ ବର୍ଷା ହେବା ଏବଂ ବଜାରରେ ବିକ୍ରି ହେଉଥିବା ଆମ୍ବ, ପଣସ ଓ ବିଭିନ୍ନ ହୋଟେଲର ଖାଦ୍ୟ ଖାଇ ଝାଡ଼ାବାନ୍ତି ବ୍ୟାପିଥିବା ସିଡିଏମଓ ପ୍ରକାଶ ବଳ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଧବଳଗିରି, ମଙ୍ଗଳପୁର, ଜୋକଡିଆ, କେନ୍ଦୁଢ଼ିପି, ସୋଲେଇ, କଣ୍ଟିପୁର, ମାନ୍ତିରା, ମର୍ଜିତାପୁର ଆଦି ଅନେକ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ରୋଗୀ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବ୍ୟାସନଗର ପୌର ପରିଷଦର ବିଭିନ୍ନ ୱାର୍ଡରେ ଏବେ ଡାଇରିଆ ବ୍ୟାପିବାରେ ଲାଗିଛି। କେବଳ ବ୍ୟାସନଗର ନୁହେଁ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ଡାଇରିଆ ବ୍ୟାପୁଥିବାରୁ ଅଞ୍ଚଳରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଅଶୋଧିତ ତଥା ଦୂଷିତ ଜଳ ହିଁ ଝାଡାବାନ୍ତି ବ୍ୟାପିବାର ପ୍ରମୁଖ କାରଣ ଭାବେ ଆକଳନ କରାଯାଉଛି। ଖବର ଅନୁଯାୟୀ ପ୍ରାୟ ୭୦ରୁ ଝାଡ଼ାବାନ୍ତି ରୋଗୀ ଚିକିତ୍ସା ନିମନ୍ତେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଚିଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଢ଼ିଲାପଣ ଯୋଗୁଁ ରୋଗୀମାନଙ୍କୁ ମୌଳିକ ଚିକିତ୍ସା ସୁବିଧା ମିଳିପାରିନାହିଁ। କଳିଙ୍ଗନଗରର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ବେଡ୍ ନମିଳିବାରୁ ରୋଗୀ ତଳେ ଶୋଇ ଚିକିତ୍ସା ସୁବିଧା ପାଇଥିଲେ। ଏପରିକି ଝାଡାବାନ୍ତିରେ ବ୍ୟାସନଗର ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ନିଜେ ଆକ୍ରାନ୍ତ ହୋଇ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ରୋଗୀଙ୍କୁ ଉନ୍ନତ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ଏଭଳି ଘଟଣା ସମ୍ପର୍କରେ ଖବର ପାଇ ଯାଜପୁର ସିଡିଏମଓ ପ୍ରକାଶ ବଳ, କୋରେଇବାସୀଙ୍କ ସୁଖ ଦୁଃଖର ସାଥୀ ତଥା ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ, କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଏବଂ ଅନେକ ରାଜନେତା ଘଟଣାସ୍ଥଳରେ ପହଁଚି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ ଉନ୍ନତମାନର ସେବା ଯୋଗାଇ ଦେବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ମଙ୍ଗଳବାର ସକାଳୁ ଧର୍ମଶାଳା ବ୍ଲକର ବିଭିନ୍ନ ଗ୍ରାମରୁ ବହୁ ରୋଗୀ ମେଡିକାଲୁ ଆସି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ଏଠାରେ ଡାକ୍ତରଖାନା ପକ୍ଷରୁ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଓ ଆବଶ୍ୟକ ଔଷଧ ମିଳି ନଥିବାରୁ ରୋଗୀ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଜି ଧର୍ମଶାଳା ବ୍ଲକର ଗୋଡିପାଟିଆ, ଭେଜିଗୋଠ, ବାଲିସାହି, ଗଡମଧୁପୁର, ପାଖର, ଅଞ୍ଜିରା, ଚହଟା ଏବଂ ରସୁଲପୁର ବ୍ଲକ ଗୋପାଳପୁର ଓ ପ୍ରଥମାଖଣ୍ଡି ଗ୍ରାମର ଲୋକମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଧର୍ମଶାଳା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଧର୍ମଶାଳା ମେଡିକାଲ ଷ୍ଟାଫ ଓ ଯାଜପୁରରୁ ଆସିଥିବା ମେଡିକାଲ ଟିମ୍ ମିଳିତ ଭାବେ ରୋଗୀମାନଙ୍କ ଚିକିତ୍ସା ଚଳାଇଥିବା ଦେଖିବାକୁ ମିଳିଛି।


# ଜାତୀୟ ରାଜପଥରୁ ୨ ବନ୍ଧୁକ, ୪ କଟୁରି ଜବତ

**କବାଟବନ୍ଧ, ୧୦।୬(ସମିସ)**

ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ବ୍ରିଜ୍ ନିକଟସ୍ଥ ବଜାରରୁ ୨ ବନ୍ଧୁକ ସହ ୪ଟି କଟୁରି ମିଳିବା ଘଟଣା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ମଙ୍ଗଳବାର ପୂର୍ବାହ୍ନ ୧୦ଟା ବେଳେ ଏଭଳି ଘଟଣା ଦେଖି ସୁରକ୍ଷା ପାଇଁ ଚିନ୍ତିତ ହୋଇପଡ଼ିଛନ୍ତି ଅଞ୍ଚଳବାସୀ । ଖବର ପାଇ ଘଟଣାସ୍ଥଳରେ ଜେନାପୁର ପୁଲିସ ପହଞ୍ଚିଥିଲା; ମାତ୍ର ଦୁର୍ବୃତ୍ତଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ଏକ ବାଇକରେ ୩ ଜଣ ଯୁବକ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଯାଉଥିବା ବେଳେ ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ବ୍ରିଜ ନିକଟରେ ହମ୍ପସ ଅତିକ୍ରମ କରିବା ସମୟରେ ସେମାନଙ୍କ ନିକଟରୁ ଏକ ବ୍ୟାଗ ଖସି ପଡ଼ିଥିଲା । ବ୍ୟାଗ ଖସିବାସହ ଏକ ଶବ୍ଦ ହୋଇ ସେଥିରେ ନିଆଁ ଲାଗିଯାଇ ନିକଟରେ ଥିବା ଦୋକାନ ଆଡ଼କୁ ଛିଟିକି ଯାଇଥିଲା । ଯାହାକୁ ନେଇ ଦୋକାନୀ ମଧ୍ୟ ଭୟଭୀତ ହୋଇଥିଲେ । ପରେ ଦୁର୍ବୃତ୍ତମାନେ ହଠାତ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରେ ଖସି ଯାଇଥିଲେ । ସ୍ଥାନୀୟ ଲୋକେ ବ୍ୟାଗରେ ପାଣି ପକାଇ ନିଆଁ ଲିଭାଇ ଥିଲେ । ତା'ଭିତରୁ ୨ବନ୍ଧୁକ, ୪ଟି କଟୁରି ଏବଂ କିଛି ପୋଷାକ ଦେଖିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ଜେନାପୁର ଥାନାକୁ ଖବର ଦେବାରୁ ଥାନା ଅଧିକାରିଣୀ ନିରୂପମା ଜେନା, ସବଇନ୍ସପେକ୍ଟର ଶଶୀଭୂଷଣ ପରିଡ଼ା, ଏଏସ୍ଆଇ ପ୍ରଦୀପ ସାହୁ, କନେଷ୍ଟବଳ ଭବାନୀ ମାଝୀ, ଯୁଗଳ ଆଇଚ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେଠାରେ ପଡ଼ିଥିବା ୨ବନ୍ଧୁକ, ୪ଟି କଟୁରି ଆଦି ମାରଣାସ୍ତ୍ର ଏବଂ ପୋଷାକକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲେ । ଯଦିଓ ପ୍ରାରମ୍ଭିକ ତଦନ୍ତରୁ ବନ୍ଧୁକ ଦୁଇଟିକୁ ପୁଲିସ ପ୍ଲାଷ୍ଟିକ ବା ଖେଳନା

- **ଖସିଗଲେ ୩ ଦୁର୍ବୃତ୍ତ; ସୁରକ୍ଷା ପାଇଁ ଚିନ୍ତାରେ ଅଞ୍ଚଳବାସୀ**
- **ତଦନ୍ତରେ ଜଣାପଡ଼ିଲା ପ୍ଲାଷ୍ଟିକ୍ ବନ୍ଧୁକ**

ବନ୍ଧୁକ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ପୁଲିସ ତଦନ୍ତ କରି ଦୁର୍ବୃତ୍ତମାନେ ଯାଇଥିବା ରାସ୍ତାରେ ପିଛା କରିଥିଲା । ବ୍ରାହ୍ମଣୀ ବ୍ରିଜ-ମଞ୍ଜୁରୀପଡ଼ା ନଦୀବନ୍ଧ ରାସ୍ତାରେ ପୁଲିସ ପ୍ରାୟ୧୫ କିଲୋମିଟର ପିଛାକରି ଯାଜପୁର ଜିଲ୍ଲା ସୀମା ଅତିକ୍ରମ କରି ଢେଙ୍କାନାଳ ଜିଲ୍ଲାର ପିଙ୍ଗୁଆ ପର୍ଯ୍ୟନ୍ତ ପହଞ୍ଚି ବିଭିନ୍ନ ସ୍ଥାନରେ ଛାନଭିନ କରିଥିଲେ । ରାସ୍ତାରେ ରହିଥିବା ବିଭିନ୍ନ ଦୋକାନର ସିସିଟିଭିକୁ ଯାଞ୍ଚ କରିଥିବା ବେଳେ ଦୁର୍ବୃତ୍ତଙ୍କର କୌଣସି ସନ୍ଧାନ ନ ପାଇ ଖାଲି



ହାତରେ ଫେରିଥିଲେ । ଜବତ କରିଥିବା ବନ୍ଧୁକକୁ ପୁଲିସ ପ୍ଲାଷ୍ଟିକ ତଥା ଖେଳଣା ବନ୍ଧୁକ ବୋଲି ପ୍ରକାଶ କରିବା ପରେ ବ୍ୟାଗରେ କାହିଁକି ନିଆଁ ଲାଗିଲା ବୋଲି ପ୍ରଶ୍ନ ଉଠିଛି । ବ୍ୟାଗ ଭିତରେ କିଛି ଦହନଯୁକ୍ତ ସାମଗ୍ରୀ କିମ୍ବା ବିସ୍ଫୋରକ ଥିଲା କି । ଘଟଣାକୁ ପୁଲିସ ଗମ୍ଭୀର ଭାବେ ଗ୍ରହଣ କରି ତଦନ୍ତ କରିବାର ଆବଶ୍ୟକତା ରହିଛି । ଦୁର୍ବୃତ୍ତମାନେ ହାଫ୍‌ପ୍ୟାଣ୍ଟ ଏବଂ ଧଳାରଙ୍ଗର ଟି-ସାର୍ଟ ପିନ୍ଧିଥିବା ସ୍ଥାନୀୟ ଲୋକେ କହିଛନ୍ତି । କୌଣସି ସ୍ଥାନରେ ଅପରାଧ ଘଟାଇ ପୋଷାକ ବଦଳାଇ ଖସିଯିବାକୁ ଚେଷ୍ଟା କରିଥିଲେ କିମ୍ବା ସେମାନେ ଏହି ରାସ୍ତା ସହିତ ଆଗରୁ ପରିଚିତ କି ଏମିତି ଅନେକ ପ୍ରଶ୍ନ ନଜରକୁ ଆସୁଛି । ଜାତୀୟ ରାଜପଥ ଉପରେ ନ ଯାଇ ହଠାତ ରାସ୍ତା ବଦଳାଇ ନଦୀ ବନ୍ଧଦେଇ ଖସିଯିବାକୁ ସେମାନେ ନିରାପଦ ଭାବିଲେ କି ତାହା ମଧ୍ୟ ଆଶଙ୍କା କରାଯାଇପାରେ । ସେମାନେ ଅପରାଧ ଘଟାଇଥାଆନ୍ତୁ କିମ୍ବା ଅପରାଧ ଘଟାଇବାକୁ ଯୋଜନା କରିଯାଉଥାନ୍ତୁ । ଦୁର୍ବୃତ୍ତମାନେ ସେହି ରାସ୍ତା ତଥା ଜେନାପୁର ଥାନା ଅଞ୍ଚଳକୁ ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଛନ୍ତି ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି । ପ୍ଲାଷ୍ଟିକ ବନ୍ଧୁକ ଦେଖାଇ ଭୟଭୀତ କରି ଚୋରି କିମ୍ବା ଛିନତାଇ ଭଳି ଅପରାଧ କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି । ମାତ୍ର ଜିଲ୍ଲା ପୁଲିସ ଏହାକୁ ଗୁରୁତର ସହ ଗ୍ରହଣ କରି ଦିନ ଦ୍ୱିପ୍ରହରରେ ଏଭଳି ମାରଣାସ୍ତ୍ର ଏବଂ ଅପରାଧୀଙ୍କ ଗତିବିଧି ଉପରେ ନଜର ଦେବାକୁ ଦାବି ହୋଇଛି ।

## ଦୁର୍ଘଟଣାରେ ଟ୍ୟାଙ୍କର ଚାଳକ ମୃତ

**ଧର୍ମଶାଳା, ୧୦।୬(ସମିସ):** ଧର୍ମଶାଳା ଥାନା ୧୬ ନଂ ଜାତୀୟ ରାଜପଥ ଜାରକା ବସ୍‌ଷ୍ଟପ ନିକଟରେ ସଡ଼କ ଦୁର୍ଘଟଣାରେ ତେଲ ଟ୍ୟାଙ୍କର ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ଟ୍ୟାଙ୍କର ଚାଳକ ଜଣକ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଗୋର୍ଡିଙ୍ଗ ଅଞ୍ଚଳର ବଳରାମ ଜେନାଙ୍କ ପୁଅ ଅମୀୟ କୁମାର ଜେନା (୪୩) ବୋଲି ଜଣାପଡ଼ିଛି । ସୋମବାର ରାତି ପ୍ରାୟ ୧୧ଟା ବେଳେ (ଓଆର ୦୫ଏଏଲ- ୯୭୪୯) ତେଲ ଟ୍ୟାଙ୍କରଟି ପାଣିକୋଇଲି ଅଭିମୁଖେ ଯାଉଥିବା ବେଳେ ୧୬ନଂ ଜାତୀୟ ରାଜପଥ କଲିକତା ଯାଉଥିବା ବସ ଜାରକା ବସ୍‌ଷ୍ଟପରେ ଛିଡ଼ା ହୋଇଥିବା ଉକ୍ତ ଟ୍ୟାଙ୍କର ପଛପଟୁ ଧକ୍କା ଦେଇଥିଲା । ଧକ୍କା ହେବା ଫଳରେ ଟ୍ୟାଙ୍କର ଚାଳକ ଗୁରୁତର ଆହତ ହୋଇଥିଲେ । ତେବେ ବସଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଖବର ପାଇ ଧର୍ମଶାଳା ପୁଲିସ ଆହତ ଚାଳକଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଚାଳକଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି । ଧର୍ମଶାଳା ପୁଲିସ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି । ଅନ୍ୟପଟେ ଚାଳକଙ୍କ ମୃତ୍ୟୁକୁ ନେଇ ସାଧାରଣରେ ଅନେକ କଥା ଆଲୋଚନା ହେଉଛି । ଗୁରୁତର ଚାଳକଙ୍କୁ ଯଥାଶୀଘ୍ର କଟକ ମେଡିକାଲକୁ ନପଠାଯିବାରୁ ତାର ମୃତ୍ୟୁ ହୋଇଥିବା ଶୁଣାଯାଉଛି । ଏହି ଅଭିଯୋଗକୁ କିନ୍ତୁ ଯାଜପୁର ସିଡିଏମଓ ପ୍ରକାଶ ଚନ୍ଦ୍ର ବଳ ଖଣ୍ଡନ କରିଛନ୍ତି ।

## ୨ବାଲି ବୋଝେଇ ହାଇୱା ଜବତ







**ପାଣିକୋଇଲି, ୧୦।୬(ସମିସ):** ପାଣିକୋଇଲି ଥାନା ଅଞ୍ଚଳରେ ଦିବାରାତ୍ରି ଚୋରା ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳରୁ ରାଜପଥ ଓ ନଦୀବନ୍ଧରେ ପ୍ରତ୍ୟେକ ରାସ୍ତାରେ ବେନିୟମ ଭାବେ ଭାରୀଯାନରେ ବାଲି ଚାଲାଣ କରାଯାଉଛି । କେତେବେଳେ କେମିତି ଖଣି ବିଭାଗ ଓ ପୁଲିସ ଗାଡ଼ି ଧରି ତାର କାମ ସାରୁଛି । ସମୁଦ୍ରକୁ ଶଙ୍ଖେ ଭଳି ବାଲି ଗାଡି ଧରୁଛି ଖଣି ବିଭାଗ । ମଙ୍ଗଳବାର ମଧ୍ୟାହ୍ନ ସମୟରେ ଖଣି ବିଭାଗ ପକ୍ଷରୁ ପାଣିକୋଇଲି ଥାନା ଅଧୀନ ମୂଳାପାଳ ବରୁଣ୍ଡାଇ ରାସ୍ତାର ବୈତରଣୀ ନଦୀ ବନ୍ଧରେ ଚଢ଼ଉ କରାଯାଇ ଦୁଇଟି ବାଲି ହାଇୱାକୁ (ଓଡି୨୨ୱାଇ ୦୯୩୭, ଓଡି୦୯କେ ୦୬୦୩) ଖଣିବିଭାଗ ଧରିବାରେ ସକ୍ଷମ ହୋଇଛି । ଚଢ଼ଉ ସମୟରେ ବାଲିର କୌଣସି ଟିପି ନଥିବାରୁ ବେଆଇନ ଚାଲାଣ ହେଉଥିବା ଜଣାପଡ଼ିଥିଲା । ଜୁନିଅର ଖଣି ଅଧିକାରୀ ଦିପ୍ତା ସୁନ୍ଦର ସେଠୀ ଓ ପୁଲିସ ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ ।

## ଦୁର୍ବୃତ୍ତ ଲୁଟିନେଲେ ମୋବାଇଲ

**ପାଣିକୋଇଲି, ୧୦।୬(ସମିସ):** ପାଣିକୋଇଲି ଥାନା ଅଧୀନ ୨୦ ନମ୍ବର ଜାତୀୟ ରାଜପଥର ଯାଜପୁରରୋଡ୍ ପାଣିକୋଇଲି ରାସ୍ତାର କୃପାଳୁ ରାଇସ ମିଲ୍ ସମ୍ମୁଖ ରାସ୍ତାରେ ସୋମବାର ବାଇକରେ ଆସୁଥିବା ଜଣେ ଯୁବକଙ୍କ ପକେଟରୁ ମୋବାଇଲେ ଝାମ୍ପିନେଲେ ଲୁଟେରା । ଅଭିଯୋଗ ମୁତାବକ ଯାଜପୁର ବଳିଘାଇର ଦୈତାରୀ ରାଉତଙ୍କ ପୁଅ ସନ୍ତୋଷ ରାଉତ ଏକ ସ୍କୁଟିରେ କଳିଙ୍ଗନଗର ଶିଳ୍ପାଞ୍ଚଳରୁ କାମସାରି ଘରକୁ ଫେରୁଥିବା ବେଳେ ରାଇସ ମିଲ ସମ୍ମୁଖରେ ୨ ଜଣ ଯୁବକ ଏକ କଳାରଙ୍ଗର ବାଇକରେ ଆସି ବାମପଟରେ ପଶି ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ । ଏନେଇ ଅଭିଯୋଗ ପରେ ତଦନ୍ତ ଜାରି ରହିଛି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ



**ଦଶରଥପୁର, ୧୦।୬(ସମିସ):** ଦଶରଥପୁର ବ୍ଲକ ଅଧୀନ ଡାହାଣିହତା ପଞ୍ଚାୟତ ଡାହାଣିହତା ଗ୍ରାମରେ ଏବଂ ଗୋପାଳପୁର ପଞ୍ଚାୟତର ଗୋପାଳପୁର ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଭାରତୀୟ କୃଷି ଗବେଷଣା ପରିଷଦ ସଙ୍ଗୀତ ଗାନ କରାଯିବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପରିବେଷଣ କରାଯାଇଥିଲା । ଶିବିରରେ କେନ୍ଦ୍ରୀୟ କୃଷିରତ ମହିଳା ଗବେଷଣା ସଂସ୍ଥାରେ ପ୍ରଧାନ ବୈଜ୍ଞାନିକ ଡ. ଲିପି ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କୃଷି ବିଜ୍ଞାନକେନ୍ଦ୍ର ଯାଜପୁରର ବୈଜ୍ଞାନିକ ଡ.ବବିତା ମିଶ୍ର, ବିଜୟ କୁମାର ରାଉତରାୟ, ବ୍ଲକ କୃଷି ଅଧିକାରୀ ସ୍ୱାଗତିକା ମିଶ୍ର, ସହକାରୀ କୃଷି ଅଧିକାରୀ ସୁଭ୍ରଜିତ ବେହେରା, ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ଗୋପାଳପୁର ସରପଞ୍ଚ ଏସ୍‌କେ ନାଦର, ବ୍ଲକ ଅଧ୍ୟକ୍ଷ ଅନ୍ନଦ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । କୃଷି ରଥ ମାଧ୍ୟମରେ କୃଷକ ବନ୍ଧୁମାନଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ମାମିନା ମଲ୍ଲିକ, ପଞ୍ଚାୟତ ସମିତି ସଭ୍ୟ ସସ୍ମିତା ଜେନା, କୃଷକ ସାଥୀ ଅକ୍ଷୟ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ଦୀପକ ମହାପାତ୍ର ଏଟିମ୍ ଅଭିରାମ ସେଠୀ, ସୁଧାଂଶୁ ଭୂଷଣ ନାୟକ ଓ ମହାପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

## ଧରତିଆବା ଜନଜାତି ଅଭିଯାନ ପାଇଁ ବୈଠକ



**ଯାଜପୁର, ୧୦।୬(ସମିସ):** ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଅଧ୍ୟକ୍ଷତା କରି କହିଲେ ଧରତିଆବା ଜନ ଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯାଜପୁର ଜିଲ୍ଲା ଅନ୍ତର୍ଗତ ସୁକିନ୍ଦା, ଦାନଗଦି, କୋରେଇ, ଧର୍ମଶାଳା ଓ ବଡ଼ଚଣା ବ୍ଲକର ୬୭ଟି ଆଦିବାସୀ ବହୁଳ ଗ୍ରାମରେ ଆରମ୍ଭ କରାଯାଇଛି । ଏହି ଗ୍ରାମଗୁଡ଼ିକ ମଧ୍ୟରୁ ସୁକିନ୍ଦା ବ୍ଲକରେ ୩୪ ଟି ଗ୍ରାମ, ଦାନଗଦି ବ୍ଲକରେ ୧୬ଟି ଗ୍ରାମ, କୋରେଇ ବ୍ଲକରେ ୫ ଟି ଗ୍ରାମ, ଧର୍ମଶାଳା ବ୍ଲକରେ ୫ଟି ଗ୍ରାମ ଓ ବଡ଼ଚଣା ବ୍ଲକରେ ୭ଟି ଗ୍ରାମ ଅନ୍ତର୍ଭୁକ୍ତ ଅଟେ । ଏହି ଗ୍ରାମଗୁଡ଼ିକରେ ୧୩ଟି ବିଭାଗ ଓ ୧୭ଟି ମନ୍ତ୍ରଣାଳୟର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯିବା ସହିତ ସମସ୍ତ ଆଦିବାସୀ ଲୋକମାନଙ୍କର ଅର୍ଥନୈତିକ, ସାମାଜିକ ଏବଂ ବୌଦ୍ଧିକ ବିକାଶ କରାଯିବା ପାଇଁ ଲକ୍ଷ ରଖାଯାଇଛି । ଏହାର ସଫଳ ରୂପାୟନ ପାଇଁ ଆସନ୍ତା ତା ୧୨ରୁ ୨୭ତାରିଖ ପର୍ଯ୍ୟନ୍ତ ଉପରୋକ୍ତ ୬୭ଟି ଆଦିବାସୀ ବହୁଳ ଗ୍ରାମ ମାନଙ୍କରେ ଧରତିଆବା ଜନ ଭାଗିଦାରୀ ଅଭିଯାନ ଆରମ୍ଭ କରାଯାଉଛି । କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାରେ ପାଇବାରୁ ବଞ୍ଚିତ ଥିବା ବ୍ୟକ୍ତି ବିଶେଷଙ୍କୁ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଚିହ୍ନଟ କରାଯାଇ ସମ୍ପୃକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ ନିଆଯିବ । ତେଣୁ ଉକ୍ତ ସଚେତନତା ଏବଂ ହିତାଧିକାରୀ ପରିପୂର୍ଣ୍ଣତା ଶିବିରରେ ସର୍ବସାଧାରଣ ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନାରେ ସାମିଲ ହେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଅମିୟ ପ୍ରସାଦ ତ୍ରିପାଠୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**ପାଣିକୋଇଲି, ୧୦।୬(ସମିସ):** କୋରେଇ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ପାଣିକୋଇଲି ପଞ୍ଚାୟତ କଲ୍ୟାଣମଣ୍ଡପରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଖାଦ୍ୟ ପ୍ରତିଯୋଗିତାରେ ବ୍ଲକର ମୋଟ ୨୮ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ । କୋରେଇ ବିଡିଓ ଅବନୀକାନ୍ତ ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଜେତା ଗୋଷ୍ଠୀଙ୍କୁ ପୁରସ୍କୃତ କରିଥିଲେ । ଏବିଡିଓ ଭରତ କୁମାର ବେହେରା, ସିଡିପିଓ ଦେବକୀ ମାଝୀ, ବିପିସି ଗୀତା ପଣ୍ଡା, ବିପିଏମ ରାମଚନ୍ଦ୍ର ବାରିକ, ବିଏଲସି ସରୋଜିନୀ ଦାଶ ଓ ଅଯୋଧ୍ୟାନାଥ ରାୟସାମନ୍ତ, ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ପ୍ରମୁଖ ଯୋଗଦେଇଥିଲେ । ବିଚାରକ ମଣ୍ଡଳୀ ପକ୍ଷରୁ ପ୍ରଥମ ବା ବିଜେତା ପାଣିକୋଇଲିର ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନଗଦ ୫ ହଜାର ଟଙ୍କା ସହ ପ୍ରମାଣପତ୍ର, ଦ୍ୱିତୀୟ ସ୍ଥାନ ବା ରନରସଅପ ବ୍ୟାସନଗର ପୌରପରିଷଦର ମା' ଚାରିଆଖିଆ ସ୍ୱୟଂ ସହାୟକ ଗୋଷ୍ଠୀକୁ ନଗଦ ୪ହଜାର ସହିତ ପ୍ରମାଣପତ୍ର ଓ ସାନ୍ତ୍ୱନାମୂଳକ ଭାବେ ମକୁନ୍ଦପୁର ବିରିଡିର ଦିବ୍ୟଜନନୀ





ସ୍ୱୟଂ ସହାୟକ ଗୋଷ୍ଠୀକୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଏଥିସହିତ ଭାଗନେଇଥିବା ପ୍ରତ୍ୟେକ ଗୋଷ୍ଠୀ ଓ ସେମାନଙ୍କ ସଦସ୍ୟଙ୍କୁ ମଧ୍ୟ ପ୍ରମାଣପତ୍ର ଦିଆଯାଇଥିଲା ।

## ଜନ ଆରୋଗ୍ୟ ସମିତି ବୈଠକ

**କୁଆଖିଆ, ୧୦।୬(ସମିସ):** ରସୁଲପୁର ବ୍ଲକ ଅଧୀନ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜନଆରୋଗ୍ୟ ସମିତି ବୈଠକ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଞ୍ଚାୟତର ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରସ୍ତୁତ କାର୍ଯ୍ୟ ଖସଡ଼ା ନେଇ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ବସନ୍ତ ପଣ୍ଡା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ୨୦୨୫ବର୍ଷ ଶେଷ ସୁଧା ଟିବିମୁକ୍ତ ଭାରତ ଗଠନ କରିବା ପାଇଁ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଉକ୍ତ ଯୋଜନାରେ ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ଥିବା ସନ୍ଦିଗ୍ଧମାନଙ୍କୁ ସାମିଲ କରିବାକୁ ଆହ୍ୱାନ ଦିଆଯାଇଛି । ଏହାଛଡ଼ା ବୟସ୍କ ଯେଉଁମାନଙ୍କର ରକ୍ତଚାପ, ରକ୍ତ ସର୍କରା, ୟୁରିକଏସିଡି, ହାଇପରଟେନସନ, ହୃଦ୍‌ଜନିତ, ଯକୃତ, ଫୁସଫୁସ୍ ଆଦି ରୋଗର ଶିକାର ହୋଇଥିବା ବ୍ୟକ୍ତିମାନଙ୍କର ସାଇଟିୟୁ(ସିୱାଇଟିୟୁ) ପରୀକ୍ଷାରେ ସାମିଲ କରାଇବାକୁ ପରାମର୍ଶ ଦିଆଯାଇଛି । ଉକ୍ତ ପରୀକ୍ଷା କରାଗଲେ ରୋଗୀଠାରେ ଲକ୍ଷଣ ନଥାଇ ଟିବି ଦ୍ୱାରା ଆକ୍ରାନ୍ତ ହୋଇଥିଲେ ଜଣାପଡ଼ିବ । ରୋଗୀ ଚିହ୍ନଟ ହୋଇ, ତାର ଚିକିତ୍ସା ପଦ୍ଧତି ଅନୁସରଣ କଲେ ରୋଗମୁକ୍ତ ହେବା ସହ ଭାରତ ଟିବି ମୁକ୍ତ ଲକ୍ଷ୍ୟ ସାଧାନ ହୋଇପାରିବ ବୋଲି କୁହାଯାଇଥିଲା । ଏହାଛଡ଼ା ବର୍ଷାଦିନର ଆଗମନରେ ଥଣ୍ଡା, ଜ୍ୱର, କାଶ, ମାଲେରିଆ, ଡାଏରିଆ, ଡେଙ୍ଗୁ ଭଳି ମାରାଗକ ରୋଗ ବ୍ୟାପିବାର ସମ୍ଭାବନା ରହିଛି । ବାୟୁ ଓ ଜଳ ବାହିତ ରୋଗର ନିରାକରଣ ପାଇଁ ଜଳଉତ୍ସକୁ ବିଶୋଧନ କରିବା, ବାସଗୃହ, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଡାକ୍ତରଖାନା, ସକରାରୀ କାର୍ଯ୍ୟାଳୟ ଭଳି ସର୍ବସାଧାରଣ ସ୍ଥାନକୁ ସଫାସୁତୁରା ରଖିବା, ବର୍ଷାପାଣିକୁ ଦୀର୍ଘଦିନ ପର୍ଯ୍ୟନ୍ତ ଜମିବାକୁ ନଦେବା, ଅଳିଆଆବର୍ଜନା, ପଚାସଢା, ନାଳନର୍ଦ୍ଦମା ଆଦି ସ୍ଥାନକୁ ସଫାସୁତୁରା କରିବା ଉପରେ ଗୁରୁତ୍ୱ ଦେବାକୁ ଆଶା, ଅଙ୍ଗନବାଡ଼ି କର୍ମୀ, ପଞ୍ଚାୟତର ଜନପ୍ରତିନଧିମାନଙ୍କୁ ପରାମର୍ଶ ଦିଆଯାଇଛି । ଏଦିଗରେ ସରକାରୀ ବିଧିବ୍ୟବସ୍ଥାରେ ଥିବା ଅର୍ଥ ଖର୍ଚ୍ଚ କରି ସଫେଇ କାର୍ଯ୍ୟ କରିବା ସହ ଜନସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ବଡରମ୍ପେଇ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ରଞ୍ଜିତା ଦାଶ ବୈଠକରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଏଏନଏମ ସାବିତ୍ରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଆଶାକର୍ମୀ ମମତା ମହାନ୍ତି, ଶ୍ରଦ୍ଧାଞ୍ଜଳି ପାଣି, ସୁଲୋଚନା ଦାସ, ଶାନ୍ତିଲତା ଦାସ, ଅଙ୍ଗନବାଡ଼ି କର୍ମୀ ନିରୁପମା କର, ଶାନ୍ତିଲତା ପଣ୍ଡା, ସଞ୍ଜୁକ୍ତା ସ୍ୱାଇଁ, ସବିତା ସାହୁ, ୱାର୍ଡ ସଭ୍ୟା ସୁକାନ୍ତି ସାହୁ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।





## ବିକଶିତ ବାହାନ ଗଡ଼ିବାନେଇ ପ୍ରସ୍ତୁତି ବୈଠକ



**ବରୀ, ୧୦।୬(ସମିସ):** ବରୀ ବ୍ଲକ ପ୍ରଶାସନ ପକ୍ଷରୁ ବିକଶିତ ବାହନ ଗଡ଼ିବାନେଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବରୀବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ୍ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ସଫଳ କରିବା କ୍ଷେତ୍ରରେ ଲୋକପ୍ରତିନିଧି ମାନଙ୍କର ପ୍ରମୁଖ ଭୂମିକା ରହିଛି । ଏକ୍ଷେତ୍ରରେ ସମସ୍ତଙ୍କର ସହଯୋଗ ରହିଲେ କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି କହିଛନ୍ତି । ନିର୍ଦ୍ଧାରିତ ସମୟ ଅନୁଯାୟୀ ଧାର୍ଯ୍ୟ ତାରିଖରେ ଏହି ବିକଶିତ ବାହାନ ନିଜ ପଞ୍ଚାୟତରେ ପହଞ୍ଚିବାପରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ ସଭ୍ୟାଙ୍କ ସମେତ ଅନ୍ୟ ଲୋକ ପ୍ରତିନିଧି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହେବାକୁ କହିଥିଲେ । ବିକଶିତ ବାହାନ ପ୍ରତ୍ୟେକ ଦିନ ୩ଟି ପଞ୍ଚାୟତରେ ପହଞ୍ଚିବ ଏବଂ ପ୍ରତି ପଞ୍ଚାୟତରେ ୨ ଘଣ୍ଟାର କାର୍ଯ୍ୟକ୍ରମ ରହିବ । ସେଠାରେ ବିଭିନ୍ନ ବିଭାଗର ଅଧିକାରିମାନେ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ସୁବିଧା ସୁଯୋଗ ଉପଲବ୍ଧ କରାଇବେ । ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତାବଣ୍ଟନ, ଦିବ୍ୟାଙ୍ଗ ଉପକରଣ ବଣ୍ଟନ, ଆବାସ ଯୋଜନାରେ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ, ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ହିତାଧିକାରୀମାନଙ୍କୁ ରାସନ କାର୍ଡ ପ୍ରଦାନ, ଇ କେୱାଇସି କରିବା, ଆଧାର ସଂଶୋଧନ କରିବା ଭଳି କାର୍ଯ୍ୟ ଉକ୍ତ ଶିବିରରେ ଉପଲବ୍ଧ ରହିବ ବୋଲି ଜଣାପଡ଼ିଛି । ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ ସହିତ ପାଲା, ଦାସକାଠିଆ ଓ ଘୋଡ଼ାନାଚ ପରିବେଷଣ କରାଯାଇ ସରକାରଙ୍କ ଦ୍ୱାରା କରାଯାଉଥିବା ଲୋକାଭିମୁଖୀ କାର୍ଯ୍ୟ ବିଷୟରେ ସଚେତନତା ସୃଷ୍ଟି କରାଯିବ ।

### ବରପୁତ୍ରଙ୍କ ନାମରେ ନାମିତ ୧୨୦ ବର୍ଷର ଶିକ୍ଷାନୁଷ୍ଠାନ

# ଜରାଜୀର୍ଣ୍ଣ ଅବସ୍ଥାରେ ବ୍ରଜସୁନ୍ଦର ଉପ୍ରା ବିଦ୍ୟାଳୟ

**ପ୍ରୀତିପୁର, ୧୦।୬(ସମିସ)**

ରାଜ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ବହୁ ପ୍ରାଚୀନ ୧୨୦ ବର୍ଷର ଶିକ୍ଷାନୁଷ୍ଠାନ ବିଂଝାରପୁର ନିକଟସ୍ଥ ସୟଦପୁର ବ୍ରଜସୁନ୍ଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ବିଦ୍ୟାଳୟଟିର ଐତିହ୍ୟ ସତ୍ୟବାଦୀ ବନ ବିଦ୍ୟାଳୟଠାରୁ କମ ନଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ଉତ୍କଳପ୍ରାଣ ବ୍ରଜସୁନ୍ଦରଙ୍କ ନାମରେ ନାମିତ ବିଦ୍ୟାଳୟଟି ୧୯୦୫ ମସିହାରେ ରଘୁନାଥପୁର ମୌଜାର ୧ ଏକର ୮୦ ଡିସିମିଲ ଜମି ଉପରେ ନିର୍ମାଣ କରାଯାଇଥିଲା । ଓଡ଼ିଶାର ସ୍ୱନାମଧନ୍ୟ ଗାନ୍ଧିବାଦୀ ଚିନ୍ତାମଣୀ ଗୁରୁଜୀ ନିଜେ ମୁଣ୍ଡଝାଳ ତୁଣ୍ଡରେ ମାରି ଏହି ବିଦ୍ୟାଳୟର ଢାଞ୍ଚାକୁ ମୌଳିକ ଆଦର୍ଶ ବିଦ୍ୟାଳୟରେ ପରିଣତ କରିଥିଲେ । ଏଠାରେ ତାଙ୍କ ଉଦ୍ୟମରେ ହଷ୍ଟେଲ ମଧ୍ୟ ନିର୍ମାଣ କରିଥିଲେ । ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଉପରେ ୧୯୪୭ରେ ମାଇନର ସ୍କୁଲ, ୧୯୫୬ରେ ପାଶ୍ୱବର୍ତ୍ତି ଆଉ ୫ ଏକର ଜମିରେ ହାଇସ୍କୁଲ ଗଠିତ ହୋଇଥିଲା । ଏବେ ହାଇସ୍କୁଲଟି ସରକାରୀ ହୋଇଯାଇଥିବା ବେଳେ ମୂଳଭିତ୍ତିଭୂମି ପ୍ରାଥମିକ ବିଦ୍ୟାଳୟଟି ସଙ୍କୁଚିତ ହୋଇ ଅତିଦୟନୀୟ ଅବସ୍ଥାକୁ ଚାଲିଆସିଛି । ଏହି ବିଦ୍ୟାଳୟଟି ତାର ପୂର୍ବ ଜମି ୧ ଏକର ୮୦ ଡେସିମିଲରୁ କିଛି ହରାଇଛି । ଏବେ ୩ ଶହରୁ ୪ ଶହ ପିଲା ନାମ ଲେଖାଇ ଶ୍ରେଣୀ ଗୃହ ଅଭାବରୁ ସ୍କୁଲକୁ ଆସୁନାହାନ୍ତି । ଶ୍ରେଣୀ ଗୃହର ଅଭାବ ଥିବା ସାଙ୍ଗକୁ ଚାରିଆଡ଼େ ଲତାବୁଦା ଉଠି ବଣ ଜଙ୍ଗଲରେ ପରିଣତ ହେଲାଣି । ପାଠପଢ଼ା ଗୃହରେ କବାଟ ଝରକା ନାହିଁ । ବିଦ୍ୟାଳୟର ଶୌଚାଳୟ ଭାଙ୍ଗିଗଲାଣି । ଅସରାଏ ବର୍ଷାରେ ବିଦ୍ୟାଳୟରେ ପାଣି ଭର୍ତ୍ତି ହେବାସହ ଚାରିଆଡ଼େ କାଦୁଅ । ପିଇବା ପାଣିର ଅଭାବ ଏବଂ ହାଇସ୍କୁଲର ଚାପରେ ବିଦ୍ୟାଳୟର ପରିସର ଅତି ସଙ୍କୁଚିତ ହୋଇଯାଇଛି । ଏହି ବିଦ୍ୟାଳୟଟି ୧୨୦ ବର୍ଷରେ ପହଞ୍ଚିଥିଲେ ବି ଏହାର ଶତବାର୍ଷିକୀ ପାଳନ ହୋଇନାହିଁ । ସ୍ଥାନ ଅଭାବରୁ ବାର୍ଷିକୋତ୍ସବ ମଧ୍ୟ ହେଉନାହିଁ । ପିଲାଙ୍କ ପାଇଁ ପାଠ୍ୟ ସାମଗ୍ରୀ, ଖେଳ ଏ ସବୁର କୌଣସି ବ୍ୟବସ୍ଥା ନାହିଁ ।

ହାଇସ୍କୁଲ ମଧ୍ୟାହ୍ନ ଭୋଜନ ରୋଷେଇ କଲାବେଳେ ପିଲାଙ୍କ ଶ୍ରେଣୀ ଗୃହ ଧୂଆଁରେ ଭର୍ତ୍ତି ହୋଇଯାଉଛି । ଏଭଳି ଦୟନୀୟ ପରିସ୍ଥିତି ବୋଧହୁଏ ଓଡ଼ିଶାର କୌଣସି ବିଦ୍ୟାଳୟରେ ଦେଖାଯାଉ ନଥିବା କଥା ପୁରାତନ ଛାତ୍ର ହରେକୃଷ୍ଣ ପଣ୍ଡା କହିଛନ୍ତି । ଆହୁରୀ ମଧ୍ୟ ସେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ବିଦ୍ୟାଳୟ ରେକର୍ଡରେ ଥିବା ୧ ଏକର ୮୦ ଡେସିମିଲ ଜମି ଏବଂ ପୂର୍ବ ଶ୍ରେଣୀ ଘରକୁ ହାଇସ୍କୁଲ ଦଖଲରେ ରଖି ମୂଳଭିତ୍ତିଭୂମିକୁ ନଷ୍ଟ କରିବାକୁ ବସିଥିବା ବେଳେ ବ୍ଲକର ବିଇଓ, ଜିଲ୍ଲାର ଡିଇଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ନୀରବ କାହିଁକି? ତାହା ଜିଲ୍ଲାପାଳ ଏହି କ୍ଷେତ୍ରରେ ପହଞ୍ଚି ଅନୁଧ୍ୟାନ କରିବାକୁ ସେ ନିବେଦନ କରିଛନ୍ତି ।

- **ଶ୍ରେଣୀ ଗୃହ ଅଭାବରୁ ସ୍କୁଲ ଆସୁନାହାନ୍ତି ଛାତ୍ରଛାତ୍ରୀ**
- **ଅସରାଏ ବର୍ଷା ହେଲେ ସ୍ଥିତି ବେହାଲ**



# ଦିବ୍ୟାଙ୍ଗ ପ୍ରଭାତୀଙ୍କୁ କେବେ ମିଳିବ ଆବାସ

ଅସୁରାଳି,୧୦।୬(ସମିସ):



ଜନ୍ମରୁ ଦୁନିଆ ଦେଖି ନାହାଁନ୍ତି ପ୍ରଭାତୀ ଦାସ (୪୫)। ଜନ୍ମରୁ ଦିବ୍ୟାଙ୍ଗ। ସେ ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତ କଲ୍ୟାଣୀ ନଗରୀ ଗ୍ରାମର ବାସିନ୍ଦା। ସେ ମାଧବା ନନ୍ଦ ଦାସ (୭୮) ଓ ମାତା ସୁମତୀ ଦାସ (୭୨)ଙ୍କ କନ୍ୟା। "ସକାଳ' ସମ୍ବାଦପତ୍ର ରେ ଦିବ୍ୟାଙ୍ଗ ପ୍ରଭାତୀ ଦାସଙ୍କ ବିଷୟରେ ଖବର ପ୍ରକାଶ ହେବା ପରେ ଜିଲ୍ଲାପାଳଙ୍କ ପକ୍ଷରୁ ୧୦ ହଜାର ଟଙ୍କାର ଆର୍ôଥକ ରାଶି ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପିଇଓ ହିମାଂଶୁ ଶେଖର ରାଉତ ରାୟ ମଧ ଅନ୍ତଦୋୟ ଯୋଜନା ଓ ବାସଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ; ମାତ୍ର ତାହା ପୂରଣ ହୋଇନାହିଁ। ଏବେ ଭରଣପୋଷଣର ଦାୟିତ୍ୱ ତାଙ୍କ ପିତାମାତାଙ୍କ ଉପରେ ନ୍ୟସ୍ତ। ମାତ୍ର ସମ୍ପ୍ରତି ତାଙ୍କ ଦାୟିତ୍ୱ ନେବା ପାଇଁ ତାଙ୍କ ପିତାମାତା ଅସମର୍ଥ। ଯେହେତୁ ସୁମତି ଓ ମାଧବାନନ୍ଦ ଆସି ଜୀବନର ଶେଷ ସୋପାନରେ ପହଞ୍ଚିଲେଣି। ଚୁଲି ଜଳିବା ପାଇଁ ମାଧବା ନନ୍ଦଙ୍କୁ କରିବାକୁ ପଡ଼େ ପର ଘରେ ମୂଲ। ଯେଉଁ ଦୁଇ ପଇସା ରୋଜଗାର ହେଲା ଘରର ତେଲ ତିଅଣରେ ଯାଏ। ବହୁ ଦୌଡିବା ପରେ ମାତ୍ର ୩ ମାସ ହେଲା ପ୍ରଭାତୀଙ୍କୁ ଦିବ୍ୟାଙ୍ଗ ଭତ୍ତା ମିଳୁଛି।; ମାତ୍ର ଏଯାଏଁ ମିଳିନି ଘର ଖଣ୍ଡିଏ। ପୁଣି ୩୫ କିଲୋ ଜାଗାରେ ପାଉଛନ୍ତି ୫ କିଲୋ। ବାପା ମାଆଙ୍କ ଦୁଃଖ ଆହୁରି ଅଧିକ। ତେଣୁ ଅନୁକମ୍ପା ମହିଳା ସଂଗଠନ ତଥା ସଭାପତି କବିତା ସାହୁ, ସମ୍ପାଦିକା ଅଞ୍ଜନା ମହାକୁଡ, ଉପ ସଭାପତି ବିମଳା ନାଥ, ଉପଦେଷ୍ଟା ଦୀପ୍ତି ରଞ୍ଜନ ନାୟକ, ଉପଦେଷ୍ଟା ରତିକାନ୍ତ ନାୟକ, ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର ପ୍ରମୁଖ ଆର୍ôଥକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଚାରିଗାଁରେ ବିକଶିତ କୃଷି ସଂକଳ୍ପ ଅଭିଯାନ



ବନ୍ତ/ଆଗରପଡ଼ା,୧୦।୬(ସମିସ): ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ଚାରିଗାଁରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର,ଭଦ୍ରକ,ରାଣୀତାଲ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ବିଶ୍ୱରଜଂନ ସାମନ୍ତରାୟ, ଭୁବନେଶ୍ୱରସ୍ଥିତ ଆଇସିଏଆର ସିଆଇଡବ୍ଲ୍ୟୁଏ ବୈଜ୍ଞାନିକ ତାନିଆ ସେଠ୍, କୃଷି ଉଦ୍ୟାନ ପରିଚାଳକ ମଣ୍ଟୁ ଚୋ÷ଧୁରୀ, ସରପଞ୍ଚ ପ୍ରତିନିଧି ବନମାଳୀ ବେହେରା, ପୂର୍ବତନ ସମିତି ସଭ୍ୟ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ବୈଷୟିକ ପରିଚାଳକ ମଦନମୋହନ ରାଉତ, ତାପସ ବେହେରା, ଅମ୍ଳାନ ମଲ୍ଲିକ, ଗ୍ରାମ୍ୟ କୃଷି କର୍ମଚାରୀ ନୀଳକଣ୍ଠ ବାରିକ, ଶିବଶଙ୍କର ମୁର୍ମୁ, ଦିପ୍ତି ରଂଜନ ନାୟକ,ତପନ କୁମାର ସେଠୀ, ଚିନ୍ମୟୀ ଜେନା, ବିମ୍ବାଧର ସେଠୀ, ରଶ୍ମିରଞ୍ଜନ ଜେନା ଉପସ୍ଥିତ ଥିଲେ।

## ରେଲଷ୍ଟେସନରୁ ୩୦ କିଲୋ ଗଞ୍ଜେଇ ଜବତ; ୨ ଗିରଫ

ଭଦ୍ରକ,୧୦।୬(ସମିସ): ଗଞ୍ଜେଇ ଚୋରା ଚାଲାନ ବେଳେ ମାଡି ବସିଲା ଭଦ୍ରକ ରେଳବାଇ ପୁଲିସ। ଟ୍ରେନରେ ଯିବାକୁ ଅପେକ୍ଷା କରିଥିବା ଦୁଇ ଯୁବକଙ୍କୁ ସନ୍ଦେହ କରି ବ୍ୟାଗ ଯାଞ୍ଚ କରିବା ପରେ ୩୦ କେଜିରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ରେଳବାଇ ପୁଲିସ ଦୁଇ ଯୁବକଙ୍କୁ ଅଟକ ରଖି ପଚରା ଉଚୁରା କରୁଛି। ହେଲେ ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି। ଅଟକ ଅଭିଯୁକ୍ତଙ୍କୁ ପଚରା ଉଚୁରା ଜାରିରହିଛି।

## ସାପ କାମୁଡ଼ାରେ ଶିଶୁପୁତ୍ର ମୃତ

ବନ୍ତ/ଆଗରପଡ଼ା,୧୦।୬(ସମିସ): ଆଗରପଡ଼ା ଥାନା ଅନ୍ତର୍ଗତ କାଦବରାଙ୍ଗ ପଞ୍ଚାୟତ ବନ୍ତଲା ଗ୍ରାମରେ ସାପ କାମୁଡାରେ ଜଣେ ୪ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଗ୍ରାମର ପ୍ରତୀପ ପ୍ରଧାନ ସପରିବାର ଶ୍ୱଶୁର ଘର ଶେଣ୍ଢତିରାକୁ ଯାଇଥିଲେ। ଗତକାଲି ଉକ୍ତ ଶିଶୁ ପୁତ୍ର ଅନ୍ୟ ପିଲାମାନଙ୍କ ସାଙ୍ଗରେ ବାଡ଼ିରେ ଖେଳୁଥିବା ସମୟରେ ଏକ ନାଗସାପ ଶିଶୁକୁ ଚୋଟ ମାରିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଭଦ୍ରକ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ବାରିକପୁର,୧୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଣିଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବେଲଗଡିଆ ଗ୍ରାମ ନିବାସୀ ଶିବଚରଣ ସ୍ୱାଇଁ (୬୫)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଛାତ୍ର ବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ପରିଚିତ ଥିଲେ। ଅବସର ପରେ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଜଡିତ ଥିଲେ। କିଛିଦିନ ହେବ ଅସୁସ୍ଥ ଥିବା ବେଳେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ବେହେରା, ପ୍ରଶାନ୍ତ ସାମଲ, ଶିକ୍ଷକ ଲକ୍ଷ୍ମୀଧର ପଲେଇ, ନିର୍ମଳ ଧଳ, ଚୈତନ୍ୟ ରାଉତ, ବିଶ୍ୱରଞ୍ଜନ ସାମଲ, ଜୟନ୍ତ ପ୍ରଧାନ ଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର



ବନ୍ତ/ଆଗରପଡ଼ା,୧୦।୬(ସମିସ): ବନ୍ତ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକଙ୍କ ପଦୋନ୍ନତି ନିମନ୍ତେ ଓଟିଇଟି ପ୍ରମାଣପତ୍ର ଦାଖଲ ସମ୍ବନ୍ଧୀୟ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରିଣୀ ପ୍ରଦାନ କରାଯାଇଛି। ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ଅଭିଯୋଗ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀ ଓଟିଇଟି ପ୍ରମାଣପତ୍ର ହାସଲ କରିଛନ୍ତି କାର୍ଯ୍ୟାଳୟ ତରଫରୁ ସେମାନଙ୍କ ପ୍ରମାଣପତ୍ର ସଂଗ୍ରହ କରାଯାଇ ପଦୋନ୍ନତି ତାଲିକା ପ୍ରସ୍ତୁତ କରାଯାଉଥିବା ବେଳେ ୨୦୧୧ ମସିହା ପୂର୍ବରୁ ଯେଉଁମାନେ ଚାକିରିରେ ଯୋଗଦାନ କରିଛନ୍ତି ସେମାନେ ଉକ୍ତ ପଦୋନ୍ନତିରୁ ବଞ୍ଚିତ ହେବେ; ଯାହାକି ସମ୍ପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ। ତେଣୁ ବରିଷ୍ଠତାକୁ ବିଚାରକୁ ନେଇ ପଦୋନ୍ନତି ତାଲିକା ପ୍ରସ୍ତୁତ କରିବା ପାଇଁ ବିଇଓଙ୍କୁ ଦାବିପତ୍ର ପ୍ରଦାନ ପୂର୍ବକ ନିବେଦନ କରାଯାଇଛି।

## ବାପୁଜୀ ଉଚ୍ଚ ବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀଙ୍କ ସମାବେଶ



ଅସୁରାଳି,୧୦।୬(ସମିସ): ମହତାବ ନଗର ବାପୁଜୀ ଉଚ୍ଚ ବିଦ୍ୟାଳୟରେ ୧୯୮୨ମସିହା ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାପୁଜୀ ବିଦ୍ୟାଳୟର ଗୁରୁ ନାରାୟଣ ଚନ୍ଦ୍ର ପଣ୍ଡା, ହୃଦାନନ୍ଦ ସାହୁ ଏବଂ ପିଅନ ବାବାଜି ଚରଣ ନାୟକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରମାକାନ୍ତ ବାରିକ୍, କାଳନ୍ଦୀ ବେହେରା, ଜଗବନ୍ଧୁ ବେହେରା, ମିନତିବାଳା ମହାନ୍ତି, କାଦମ୍ବିନୀ ବଳ, ମଞ୍ଜୁଲତା ଜେନା, ରେଣୁବାଳା ବଳ, ଲୋରିଆ ବଳ, ଅଶୋକ ଦାସ, ଭଗବତ୍ ଖଟୁଆ, ଗୋଲକ ବାରିକ୍, ବିଷ୍ଣୁ ମୋହନ ଦାସ, ଅକ୍ଷୟ ଗିରି, ସୁବାଷ ଦାସ, ନାରାୟଣୀ ପ୍ରଧାନ, ନିତ୍ୟାନନ୍ଦ ସାହୁ, ପ୍ରଦୀପ ଦାସ, ବିଦ୍ୟୁତ୍ ଦାସ, ପ୍ରତିମା ସାହୁ, ହରିହର ସାହୁ, ଅଶ୍ୱିନ ମହାନ୍ତି, ପ୍ରେମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନା କରିଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର




ବାରିକପୁର,୧୦।୬(ସମିସ): ଭଣ୍ଡାରିପୋଖରୀର ବ୍ଲକ ବିଷ୍ଣୁପୁର ପଞ୍ଚାୟତ ରାଜୀବ ଗାନ୍ଧୀ ବୈଠକ ଗୃହ ଠାରେ ଏକ ୨ଦିନିଆ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥି ସରପଞ୍ଚ ଅମୂଲ୍ୟ କୁମାର ନାୟକ ଉଦଘାଟନ କରିଥିଲେ। ଏଥିରେ ବରିଷ୍ଠ ନାଗରିକ ଭାସ୍କର ଚନ୍ଦ୍ର ସାମଲ,ଜଳଧର ବରାଳ, ନିରଞ୍ଜନ ନାୟକ, ରଶ୍ମିରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜୈନିକ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିବା ଶିବିରରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ସମାଜସେବୀଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



ବ୍ୟାସନଗର,୧୦।୬(ସମିସ):ବ୍ୟାସନଗର ଅଞ୍ଚଳ ବୀଣାପାଣି ସାହିର ବାସିନ୍ଦା ସ୍ୱର୍ଗତ ଧନଞ୍ଜୟ ଶତପଥୀଙ୍କ ଦ୍ୱାଦଶାହ କ୍ରିୟା ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱରେ ସଭାରେ ବ୍ୟାସନଗର ତଥା ଯାଜପୁର ଜିଲ୍ଲାର ବହୁ ପ୍ରତିଷ୍ଠିତ ରାଜନେତା ଦଳମତ ନିର୍ବିଶେଷରେ ବହୁ ଗୁଣିଜ୍ଞାନୀ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ସେବା ଏବଂ ସମାଜପ୍ରତି ଉତ୍ସର୍ଗବାଦର ଗୁଣଗାନ କରିଥିଲେ। କୋରାଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ବିଧାୟକ ଅଶୋକ କୁମାର ବଳ, ପୂର୍ବତନ ପୌରାଧକ୍ଷା ସବିତା ରାଉତ, ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ନାୟକ, ଡା. ଗୌରୀ ଶଙ୍କର ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବୀ ନିଗମାନନ୍ଦ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡା, ବ୍ରଜକିଶୋର ପତି ସଭାରେ ଯୋଗଦେଇଥିଲେ। କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସ୍ୱର୍ଗତ ଶତପଥୀଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ଡ. ଜଗଦାନନ୍ଦ ମିଶ୍ର, ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ଘଡ଼ାଇ, ବ୍ୟଙ୍ଗକବି ମହେଶ୍ୱର ନାୟକ, ଅକ୍ଷୟ ମୁଦୁଲି, ଶଙ୍କର୍ଷଣ ଶତପଥୀ, କାହ୍ନୁଚରଣ ଭୂତିଆ, ଦାମୋଦର ପଣ୍ଡା, ଅଭିଳାଷ ସାହୁ, ସୁଶାନ୍ତ ନନ୍ଦ, ମାଧବାନନ୍ଦ ଶତପଥୀ, ଭକ୍ତିକାନ୍ତ ତ୍ରିପାଠୀ, ଅନଙ୍ଗ ମଞ୍ଜରୀ ମିଶ୍ର, ଇନ୍ଦିରା ଦାସ, ପୁଷ୍ପାଞ୍ଜଳି ମିଶ୍ର, ଆଭାଞ୍ଜଳି ଶତପଥୀ, ସମାପିକା ଶତପଥୀ ଯୋଗଦେଇଥିଲେ। ପୁତ୍ର ଅଶୋକ ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ହୃଦଘାତରେ ବନ କର୍ମଚାରୀଙ୍କ ପରଲୋକ



ସିଂହପୁର,୧୦।୬(ସମିସ): ବିଂଝାରପୁର ବ୍ଲକ ଅଧୀନ ସିଂହପୁର ଗ୍ରାମର କୈଳାସ ନାଥ ସାମଲ (୭୯)ଙ୍କ ହୃଦଘାତରେ ପରଲୋକ ଘଟିଛି। ସେ କଳାହାଣ୍ଡିରେ ବନ କର୍ମଚାରୀ ଭାବେ ଦକ୍ଷତାର ସହିତ କାର୍ଯ୍ୟକରି ଅବସର ନେଇଥିଲେ। ସେ ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ପରଲୋକ ଖବର ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ରାତିରେ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରଯାଇଥିଲା। ସ୍ୱର୍ଗତ ସାମଲଙ୍କ ବିୟୋଗରେ ଜିଲ୍ଲାପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ସମାଜସେବୀ କୈଳାସ ସେଠୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ବେଉରିଆ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସୁଶାନ୍ତ କୁମାର ନାୟକ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସାମ୍ବାଦିକ ସୁରେନ୍ଦ୍ର କୁମାର ସାମଲ ଓ ଗୋପାଳ ସୂତାରଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତିମାନେ ଶୋକ ବ୍ୟକ୍ତ କରିଛନ୍ତି।

● ଓଡ଼ିଶା ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ସାଧାରଣ ଅଧିବେଶନ

## ଅସାମ୍ବିଧାନିକ ପ୍ରସ୍ତାବ ଓ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ

ଭଦ୍ରକ,୧୦।୬(ସମିସ): ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର ସମ୍ମିଳନୀ କକ୍ଷରେ ସଂଘର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଧିବେଶନରେ ଅସାମ୍ବିଧାନିକ ପ୍ରସ୍ତାବ ଏବଂ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରାଯାଇଥିଲା। ଏପରିକି ବହୁସଂଖ୍ୟକ ସଭ୍ୟ ଓ ସଭ୍ୟା ନିର୍ବାଚନ ପୂର୍ବରୁ କକ୍ଷ୍ୟତ୍ୟାଗ କରିଥଲେ । ସୂଚନା ଥାଉକି ଏହି ସଂଘ ଓପିଟିସିଏଲ, ଓଏଚ୍‌ପିସି, ଟିପିସିଓଡିଏଲ, ଟିପିଏସଓଡିଏଲ ଓ ଟିପିଡବ୍ଲୁଓଡିଏଲ ରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର କୁ ନେଇ ଗଠିତ ଓ ଏହି ସଙ୍ଘର ସଭ୍ୟ ଓ ସଭ୍ୟା ସଂଖ୍ୟା ୮୦୦। ଅଧିବେଶନରେ ୧୫୦ ଜଣ ସଭ୍ୟ ଉପସ୍ଥିତ ଥିଲେ। ସଙ୍ଘର ସମ୍ବିଧାନର ନିୟମ ୮(ସି) ଅନୁଯାୟୀ କୌଣସି ପ୍ରସ୍ତାବ ଆଲୋଚନା ଏବଂ ସ୍ୱୀକୃତି ପାଇଁ ୪୦% (ଅନ୍ୟୁନ ୩୨୦ ଜଣ) ସଭ୍ୟ ସମ୍ମିଳନୀର ଉପସ୍ଥିତି ଆବଶ୍ୟକ। ଯେହେତୁ କୋରମ୍‌ର ଅଭାବ ଥିଲା ତେଣୁ ଅପରାହ୍ନ ଅଧିବେଶନରେ ଆଲୋଚନା ଏବଂ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ପ୍ରସ୍ତାବ ଆସିଥିଲା। କିନ୍ତୁ କିଛି ସଭ୍ୟ ଜୋର୍ ଜବରଦସ୍ତ କର୍ମକର୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥଲେ। ତେଣୁ ବହୁ ସଂଖ୍ୟକ ସଭ୍ୟସଭ୍ୟା ଏହି ସଙ୍ଘ ବିରୋଧୀ କାର୍ଯ୍ୟକୁ ବିରୋଧ କରି କକ୍ଷତ୍ୟାଗ କରିଥଲେ।

## ରକ୍ତଦାନ ଶିବିର; ୪୦ ୟୁନିଟ୍ ସଂଗ୍ରହ



ଯାଜପୁର,୧୦।୬ (ସମିସ): ଯାଜପୁର ମୁଖ୍ୟ ଡାକ ବିଭାଗ ପରିସରରେ ପୋଷ୍ଟାଲ୍ ଡିଭିଜନ ଓ ଲାୟନ୍ସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଡାକ ଅଧିକ୍ଷକ ସୁଭ୍ରକାଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରେ ଜିଲ୍ଲାର ବିଭିନ୍ନ ଡାକ ସବଡିଭିଜନର ଅଧିକାରୀ, କର୍ମଚାରୀ ଓ ମୁଖ୍ୟ ଡାକଘରର ଅଧିକାରୀ, କର୍ମକର୍ତ୍ତା ଓ ଲାୟନ୍ସ କ୍ଲବର ସଦସ୍ୟମାନେ ରକ୍ତଦାନ କରିଥିଲେ। ଶିବିରରୁ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଡାକ ବିଭାଗ ପକ୍ଷରୁ ଉପ ଅଧିକ୍ଷକ ସଞ୍ଜୟ କୁମାର, ହରିଶଙ୍କର ସୁବୁଦ୍ଧି, ସୁପରଭାଇଜର ପ୍ରକାଶ ଜେନା, ପୋଷ୍ଟମାଷ୍ଟର ଜ୍ଞାନଚାନ୍ଦ ପରିଡ଼ା, ଅମିୟ କୁମାର ପାଢ଼ୀ, ଜୟ ପ୍ରକାଶ ନାୟକ, ଅଜୟସାହୁ, ରାଜେନ୍ଦ୍ର ସାହୁ, ଅମିୟ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଲାୟନ୍ସ କ୍ଲବ ପକ୍ଷରୁ କ୍ଲବ୍‌ର ସଭାପତି ସମର ବିଜୟ ଶରଣ, ସମ୍ପାଦକ ଅପରାଜେୟ ପଣ୍ଡା, ଅବଦୁଲ ସାଜିଦ୍ ଓ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ରକ୍ତଭଣ୍ଡାର ପକ୍ଷରୁ ଡା. ପ୍ରଶାନ୍ତ ବିଶ୍ୱାଳ, ଲାବ୍ରୋଟୋରି ଟେକ୍ନିସିଆନ ପାର୍ଥସାରଥି ପୁହାଣ, ହୃଷୀକେଶ ଜେନା ତରୁଣ ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନ

ବିଞ୍ଝାରପୁର,୧୦।୬(ସମିସ): ବିଞ୍ଝାରପୁର ବ୍ଲକ କୃଷି ପରାମର୍ଶ କେନ୍ଦ୍ର ପକ୍ଷରୁ ଅରେଇ ଏବଂ ଘଣ୍ଟିଆଳି ପଞ୍ଚାୟତ ଚାଷୀଙ୍କୁ ନେଇ ବରୁଣେଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଜ୍ଞାନ ପ୍ରକାଶ ସାହୁଙ୍କ ସଞ୍ଚାଳନ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ଭାବେ କେନ୍ଦ୍ରୀୟ ମହିଳା କୃଷିରତ ସଂସ୍ଥାନର ବୈଜ୍ଞାନିକ ଡଃ ବିଶ୍ୱନାଥ ସାହୁ, ବଡ଼ଚଣା କୃଷି କେନ୍ଦ୍ର ବୈଜ୍ଞାନିକ ଡ. ସୁବ୍ରତ କୁମାର ପ୍ରାଣିଗ୍ରାହୀ, ବୈଜ୍ଞାନିକ ଡ. ଲଳିତ କୁମାର ମହାନ୍ତି ଧର୍ମଶାଳା ଉଦ୍ୟାନ ବିଭାଗ ଅତିରିକ୍ତ ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ, ଘଣ୍ଟିଆଳି ପଞ୍ଚାୟତର ସରପଞ୍ଚ କାର୍ତ୍ତିକ ଧଳ ଯୋଗଦେଇଥିଲେ। କେନ୍ଦ୍ରିୟ ମହିଳା କୃଷିରତ ସଂସ୍ଥାର ବୈଜ୍ଞାନିକ ଡ. ସାହୁ ଅଧିକ ଫସଲ ଅମଳ ପାଇଁ ଆଧୁନିକ ଜ୍ଞାନ କୌଶଳ ଚାଷର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୃଷକ ନେତା ନିତ୍ୟାନନ୍ଦ ରାଉତ, ଗ୍ରାମ୍ୟ କୃଷି କର୍ମଚାରୀ ସଞ୍ଜୀବ ସାମଲ, ବିକାଶ ବେହେରା, ପ୍ରଭାସ ମହାଳିକ, ବିଟିଏମ ସୁନସେଫ ରଥ ଓ ଏଟିଏମ ଅନିଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନର ସମୀକ୍ଷା ବୈଠକ

ଭଦ୍ରକ,୧୦।୬(ସମିସ):



ଭଦ୍ରକ ଜିଲ୍ଲାର ୯ଟି ଶିଶୁ ଯତ୍ନ ଅନୁଷ୍ଠାନ ଗାନ୍ଧି ଓଡ଼ିଶା ବାଳାଶ୍ରମ, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ଯୋଗୀଋଷି ଲଚ୍ଛମନ୍ ଦାସ ଶିଶୁ ଆଶ୍ରମ, ମହାପୁରୁଷ ଆଶ୍ରମ, ଶାନ୍ତି ଆଶ୍ରମ, ଆସୀୟାନା ଓପେନ୍ ସେଲ୍‌ଟର ହୋମ୍, ମାନବ ସେବା କନ୍ୟା ଆଶ୍ରମ, ବାତ୍ସଲ୍ୟ ଓ ଫେଲୋସିପ୍‌କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ଏଥିସହିତ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧିର ରଂଜନ ନାୟକ, ଶିଶୁ ମଙ୍ଗଳ ସମିତିର ଅଧୀକ୍ଷକ ଡ.ଦେବରାଜ ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ, ଡି.ଏସ୍.ପି. ଆଇ.ୟୁ.ସି.ଏ.ଡବ୍ଲ୍ୟୁ. ବିଶ୍ୱପତି ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ନାୟକ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଅମର କୁମାର ବାରିକ ଓ ସଦସ୍ୟା ମୌସୁମି ମାଇତି ପ୍ରମୁଖ ଉପସ୍ଥିତ ଥିଲେ। ପିତାମାତା ଥିବା ଶିଶୁଙ୍କ ଗୃହ ପ୍ରତ୍ୟାବର୍ତ୍ତନ, ଆଧାରକାର୍ଡ଼, ଜାତିଗତ ପ୍ରମାଣପତ୍ର, ସେବା ମାନଦଣ୍ଡ ଉପରେ ଜିଲ୍ଲାପାଳ ସମୀକ୍ଷା କରି ନିର୍ଦ୍ଧାରିତ ସମୟ ଭିତରେ କାର୍ଯ୍ୟ କରିବା ପାଇଁ ସୂଚନା ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱନାରାୟଣ ପଣ୍ଡା କାର୍ଯ୍ୟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଧୀରଜ କୁମାର ବାରିକ, ମହେଶ ଚନ୍ଦ୍ର ଦାସ ଓ ଅନ୍ୟାନ୍ୟ କର୍ମକର୍ତା ସହଯୋଗ କରିଥିଲେ। ଶେଷରେ ଅଧିକାରୀ ବିଶ୍ୱନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କିଷାନ ପଣ୍ଡା କଂଗ୍ରେସ ଶୃଙ୍ଖଳା କମିଟିର ସଦସ୍ୟ ମନୋନୀତ



ଧର୍ମଶାଳା,୧୦।୬(ସମିସ): ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ରାଜ୍ୟ ଶୃଙ୍ଖଳା କମିଟର ସଦସ୍ୟ ଭାବେ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡାଙ୍କୁ ମନୋନୀତ ହୋଇଛନ୍ତି। ଏଥିପାଇଁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଓ ଯାଜପୁର ଜିଲ୍ଲା କଂଗ୍ରେସ କମିଟିର ବହୁ ନେତା ଓ କର୍ମୀ ଶ୍ରୀ ପଣ୍ଡାଙ୍କୁ କୁମାରୀସ୍ଥ କଂଗ୍ରେସ କାର୍ଯ୍ୟାଳୟରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ପରିବେଶ ସୁରକ୍ଷା କମିଟି ଆବାହକ ସୁଧାଂଶୁ ଦେଓ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ଜିଲ୍ଲା କୃଷକ କଂଗ୍ରେସ ସଭାପତି ବସନ୍ତ ପରିଡ଼ା, ଯାଜପୁର କଂଗ୍ରେସ ବିଧାୟକ ପାର୍ଥୀ ସୁଦୀପ କୁମାର କର, ପ୍ରଫୁଲ୍ଲ ରାୟ, ଦୀପକ ବଳ, ସଞ୍ଜୟ ରାଉତ, ଅମରେନ୍ଦ୍ର ସାମଲ, ନକୁଳ ଜେନା, ବଡ଼ଚଣା ଯୁବ କଂଗ୍ରେସ ସଭାପତି ଜୟ ପ୍ରକାଶ ବିଶ୍ୱାଳ, ଦେବାଶିଷ ପରିଡା, କାର୍ତ୍ତିକ ସାହୁ, ବିପ୍ର ତ୍ରିପାଠୀ, ପଞ୍ଚାୟତ କଂଗ୍ରେସ ସଭାପତି ପ୍ରମୋଦ ମହାନ୍ତି, ସୁକାନ୍ତ ପରିଡା, ସେକ ଇଦୋ, ସାଗର ପାଲ, ମାୟାଧର ରାଉତ, ନକୁଳ ଜେନା, ସତ୍ୟାନନ୍ଦ ମଳିକ, ଟୁଟୁ ପଣ୍ଡା ସହିତ ବହୁ ଦଳୀୟ କର୍ମୀ ସମ୍ବର୍ଦ୍ଧନା ଜଣାଇଛନ୍ତି।



ଲୋକମାନେ ଯାହା ଶୁଣିବାକୁ ଚାହାନ୍ତି ନାହିଁ, ତାହା ସେମାନେ ପରିପ୍ରକାଶ କରିବାର ଅଧିକାର ହିଁ ସ୍ୱାଧୀନତା
-ଜର୍ଜ ଅରୱେଲ୍

ସକାଳ
THE SAKALA

# ଦାରିଦ୍ର୍ୟର ଗାର

ସାମ୍ପ୍ରତିକ ପ୍ରଦର୍ଶନ-ଉପସ୍ଥାପନ ଭିତ୍ତିକ ତୀବ୍ର ପ୍ରତିଯୋଗିତାମୂଳକ ସମୟରେ ପରିଚାଳନା ବିଶାରଦଙ୍କ ତର୍କ ହେଉଛି ଟଣା ହୋଇସାରିଥିବା କୌଣସି ଗାର ବା ରେଖାକୁ ପୁନଃଅଙ୍କନ ନ କରି ତାକୁ ଯଦି ଛୋଟ କରିବାକୁ ଚାହୁଁଛ ତେବେ ତା' ପାଖରେ ବଡ଼ ଗାରଟିଏ ଟାଣିଦିଅ, ଦେଖଣାହାରୀଙ୍କ ଦୃଷ୍ଟିରେ ପୂର୍ବାଙ୍କିତ ରେଖାଟି ଆପେ ଆପେ ଛୋଟ ହୋଇଯିବ। ଠିକ୍ ବିପରୀତ ଭାବେ ପୂର୍ବାଙ୍କିତ ରେଖାକୁ ବଡ଼ କରିବାକୁ ହେଲେ, ତା'ପାଖରେ ଛୋଟ ରେଖାଟିଏ ଆଙ୍କିଦେଲେ ଲକ୍ଷ୍ୟ ହାସଲ ହୋଇଯିବ। ବିଶ୍ୱବ୍ୟାଙ୍କର ସଦ୍ୟତମ ପ୍ରକାଶିତ ଦାରିଦ୍ର୍ୟ ସୀମାରେଖା ମାନଦଣ୍ଡ ସେହିଭଳି କେତେକ ଜଟିଳ ପରିସଂଖ୍ୟାନ ଆଧାରିତ, ଯାହାର ତାର୍କିକ ସଠିକତା ନିଷ୍ଠୁର ବାସ୍ତବତା ଠାରୁ ଅନେକ ଭିନ୍ନ।

ବିଶ୍ୱବ୍ୟାଙ୍କର ସଦ୍ୟତମ ଦାରିଦ୍ର୍ୟ ନିର୍ଦ୍ଧାରଣ ମାପଦଣ୍ଡ ପାଇଁ ଧାର୍ଯ୍ୟ ସୀମାରେଖାକୁ ବଢ଼ାଇ ଦେଇ ୩ ଡଲାର କରିଛି। ଅର୍ଥାତ୍ ଦୈନିକ ୩ ଡଲାର(ଦୈନିକ ପାଖାପାଖି ୨୫୦ ଟଙ୍କା)ରୁ କମ୍ ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଅତିଦରିଦ୍ର ବୋଲି ଧରାଯିବ ବା ତାଲିକାଭୁକ୍ତ କରାଯିବ। ପୂର୍ବରୁ ଏହି ସୀମାରେଖାର ମାନଦଣ୍ଡ ଥିଲା ଦୈନିକ ୨.୧୫ଡଲାର(ପାଖାପାଖି ୧୭୫ ଟଙ୍କା)। ଅର୍ଥାତ୍ ଦୈନିକ ୧୭୬ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଅତିଦାରିଦ୍ର୍ୟ ତାଲିକାଭୁକ୍ତ କରାଯାଇପାରିବ ନାହିଁ। ଦାରିଦ୍ର୍ୟ ସୀମାରେଖାରେ ଏହି ସଦ୍ୟତମ ସଂଶୋଧନ ବା ସମ୍ପ୍ରସାରଣ ଫଳରେ ଭାରତରେ ଅତିଦାରିଦ୍ର୍ୟଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ଦଶବର୍ଷ ଭିତରେ ୨୭.୧% ରୁ ୫.୩%କୁ ହ୍ରାସ ପାଇଛି। ଅର୍ଥାତ୍ ୨୦୧୧-୧୨ ରେ ବିଶ୍ୱବ୍ୟାଙ୍କର ଏହି ମାନଦଣ୍ଡ ଆଧାରରେ ଭାରତରେ ଅତିଶୟ ଦରିଦ୍ର ସଂଖ୍ୟା ୩୪ କୋଟି ୪୪ ଲକ୍ଷ ୭୦ ହଜାର ଥିବା ବେଳେ ୨୦୨୨-୨୩ରେ ସେହି ସଂଖ୍ୟା ୭କୋଟି ୫୨ ଲକ୍ଷ ୨୪ ହଜାରକୁ ହ୍ରାସ ପାଇଛି। ଅର୍ଥାତ୍ ପ୍ରାୟ ୧୦ ବର୍ଷ ଭିତରେ ପାଖାପାଖି ୨୭ କୋଟି ଲୋକ ଅତିଦାରିଦ୍ର୍ୟ ଅପବାଦରୁ ମୁକ୍ତ ହୋଇଛନ୍ତି। ଭାରତୀୟ ସାମାଜିକ-ଅର୍ଥନୀତି ପାଇଁ ଏହା ନିଶ୍ଚିତ ଏକ ଶୁଭସୂଚନା। କିନ୍ତୁ ଏହାକୁ କେବଳ ଆଲଙ୍କାରିକ ଉପଲବ୍ଧି ବୋଲି କୁହାଯାଇପାରେ। କାରଣ ବିଶ୍ୱବ୍ୟାଙ୍କର ଏହି ନୂତନ ସଂଜ୍ଞା ଭାରତୀୟଙ୍କ ପାଇଁ ଆତ୍ମସନ୍ତୋଷର ଯଥେଷ୍ଟ ଆଧାର ହୋଇ ନ ପାରିବା ପଛରେ ଅନେକ କାରଣ ରହିଛି।

ବିଶ୍ୱବ୍ୟାଙ୍କର ଏହି ସଦ୍ୟତମ ଦାରିଦ୍ର୍ୟ ମାନଦଣ୍ଡ ନିର୍ଦ୍ଧାରଣ ସଂଜ୍ଞାରେ ଦେଶଗୁଡ଼ିକୁ ନିମ୍ନ ଆୟକାରୀ, ନିମ୍ନ-ମଧ୍ୟମ ଆୟକାରୀ ଓ ଉଚ୍ଚ-ମଧ୍ୟମ ଆୟକାରୀ ଏହିଭଳି ତିନିଭାଗରେ ବିଭକ୍ତ କରାଯାଇଛି। ଭାରତର ବର୍ଗୀକରଣ ନିମ୍ନ ଆୟକାରୀ ଦେଶରେ ରହିଛି। ବିଡ଼ମ୍ବନା ଏହା ଯେ ଭାରତ ଏବେ ଜାପାନ୍‌କୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ହେବାର ଦାବି ଉପସ୍ଥାପନ କରୁଥିବା ବେଳେ ବିଶ୍ୱବ୍ୟାଙ୍କ ଦୃଷ୍ଟିରେ ଏ ପର୍ଯ୍ୟନ୍ତ ନିମ୍ନ ଆୟକାରୀ ବର୍ଗରେ ରହିଛି। ପାଖାପାଖି ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶର ବିଶାଳ ଜିଡିପି ଆଧାରରେ ଜାପାନ୍ ପରି ସ୍ୱଳ୍ପ ଦେଶର ଅର୍ଥନୀତିକୁ ଟପିଯିବାରେ ଯେତେ ବାହାଦୂରୀ ରହିଛି, ଅର୍ଥନୈତିକ ବୈଷମ୍ୟର ବାସ୍ତବ ଚିତ୍ରକୁ ସ୍ୱୀକାର କରିବା ସେତିକି ଆହ୍ୱାନପୂର୍ଣ୍ଣ ହୋଇଛି। ସଦ୍ୟତମ ଦାରିଦ୍ର୍ୟ ସୀମାରେଖାର ମାନଦଣ୍ଡ ନିମ୍ନ-ମଧ୍ୟମ ଆୟକାରୀ ଦେଶ ପାଇଁ ଦୈନିକ ଆୟ ୩.୬୫ ଡଲାରରୁ ବଢ଼ି ୪.୨୦ ଡଲାର ଏବଂ ଉଚ୍ଚ-ମଧ୍ୟମ ଆୟକାରୀ ଦେଶ ପାଇଁ ଦୈନିକ ୬.୮୫ ଡଲାରରୁ ବଢ଼ି ୮.୪୦ ଡଲାର କରାଯାଇଛି।

ବିଶ୍ୱବ୍ୟାଙ୍କର ଦାରିଦ୍ର୍ୟ ସୀମାରେଖା ମାପଦଣ୍ଡ ବା ସଂଜ୍ଞା ନିର୍ଦ୍ଧାରଣର ଆଉ ଏକ ବିଡ଼ମ୍ବନା ଏଠାରେ ଦୃଷ୍ଟିଗୋଚର ହୁଏ। ସଦ୍ୟତମ ସଂଜ୍ଞା ସାମ୍ପ୍ରତିକ ମୁଦ୍ରାସ୍ଫୀତି ଆଧାରରେ ନିର୍ଣ୍ଣୟ ହୋଇଥିବା ବିଶ୍ୱବ୍ୟାଙ୍କ କହିଛି। ଅଥଚ ତୁଳନାତ୍ମକ ଚିତ୍ର ୨୦୧୧-୧୨ ଆଧାରରେ ପ୍ରଦର୍ଶିତ ହୋଇଛି। ୨୦୧୧-୨୨ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ଦରଦାମ ବିଷୟରେ ଜନସାଧାରଣଙ୍କ ସମେତ ନୀତି ନିର୍ଦ୍ଧାରକମାନେ ମଧ୍ୟ ଜ୍ଞାତ। ତେଣୁ ମାନଦଣ୍ଡ ନିର୍ଦ୍ଧାରଣ ନ୍ୟାୟୋଚିତ ହୋଇନାହିଁ ବୋଲି ଆମର ମତ। ଇତିମଧ୍ୟରେ ବିଶ୍ୱବାସୀଙ୍କ ଦୈନିକ ଆୟ ଦଶବର୍ଷ ତୁଳନାରେ ବଢ଼ିଛି ସତ; କିନ୍ତୁ ତା' ତୁଳନାରେ ଦରଦାମ ମଧ୍ୟ ଯେ ହୁହୁ ହୋଇ ବଢ଼ିଚାଲିଛି ତାହାକୁ ମଧ୍ୟ ଅସ୍ୱୀକାର କରଯାଇପାରିବ ନାହିଁ। ତେଣୁ କ୍ରମବର୍ଦ୍ଧିଷ୍ଣୁ ଦରଦାମ ତୁଳନାରେ ୧୦ ବର୍ଷ ପରେ ଦୈନିକ ମାତ୍ର ୭୫ ଟଙ୍କା ବଢ଼ିଗଲେ ପରିସଂଖ୍ୟାନରେ ଦାରିଦ୍ର୍ୟ ସଂଖ୍ୟା କମିଯାଇପାରେ, କିନ୍ତୁ ସେମାନଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ବା ଗୁଜୁରାଣ ମେଣ୍ଟାଇବାରେ ତାହା ସହାୟକ ହୋଇ ନ ପାରେ। ଏହାଛଡ଼ା ଇତିମଧ୍ୟରେ ବିଶ୍ୱବ୍ୟାଙ୍କ ସମେତ ଅନ୍ୟାନ୍ୟ ଅନ୍ତର୍ଜାତୀୟ ସଂଗଠନ ନେତୃତ୍ୱରେ ୨୦୧୧-୧୨ ମାନଦଣ୍ଡ ଆଧାରରେ ଯେଉଁସବୁ ଦାରିଦ୍ର୍ୟ ନିରାକରଣ ଯୋଜନା କାର୍ଯ୍ୟକାରୀ ହୋଇଛି ତାହା ବାଟବଣା ହୋଇଥିବାର ଏବଂ ଆଗକୁ ମଧ୍ୟ ହେବାର ଆଶଙ୍କା ଅଧିକ ବୋଲି ଜଣାପଡ଼ୁଛି।

ଯୁଦ୍ଧଲିପ୍ତ ବିଶ୍ୱରେ ବିଶ୍ୱବ୍ୟାଙ୍କର ଏହି ସଂଶୋଧିତ ମାନଦଣ୍ଡ ଅତିଶୟ ଦାରିଦ୍ର୍ୟର ସଂଜ୍ଞା ପରିବର୍ତ୍ତନ କରିପାରେ, କିନ୍ତୁ ଜୀବନଧାରଣ ମାନ ଓ ସମ୍ମାନରେ ଉନ୍ନତି ଆଣିପାରିବ ସେହି ବିଶ୍ୱାସ ହେଉନାହିଁ। ଏବେ ଭାରତୀୟ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିରେ ବିଶ୍ୱବ୍ୟାଙ୍କ ମାନଦଣ୍ଡ ଆଧାରିତ ଆଉ ଏକ ବିଡ଼ମ୍ବନା ବିଷୟରେ ଦୃଷ୍ଟି ଦିଆଯାଉ। ବିଶ୍ୱବ୍ୟାଙ୍କ ସଂଜ୍ଞା ଅନୁଯାୟୀ ଭାରତରୁ ୨୭କୋଟି ଅତିଦାରିଦ୍ର୍ୟ ସଂଖ୍ୟା ହଟିଛି। ଅଥଚ ସିଏମ୍‌ଆଇଇ ତଥ୍ୟ କହୁଛି ଯେ ଏ ପର୍ଯ୍ୟନ୍ତ ଭାରତରେ ୬୨ କୋଟି ୧୦ ଲକ୍ଷ ଲୋକ ଅର୍ଥାତ୍ ମୋଟ ଜନସଂଖ୍ୟାର ପାଖାପାଖି ୪୪% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ବିଶ୍ୱ ବୁଭୁକ୍ଷୁ ତାଲିକାରେ ଭାରତର ସ୍ଥାନ ୧୦୫ ଥିବା ବେଳେ ଭାରତର ଅପପୁଷ୍ଟି ଓ ସ୍ୱାସ୍ଥ୍ୟଗତ ବୈଷମ୍ୟ ଶିକାର ଶିଶୁ ସଂଖ୍ୟା ଯଥାକ୍ରମେ ୧୮.୭% ଓ ୩୫.୫%। ବିଶ୍ୱ ଖୁସି ସୂଚକାଙ୍କରେ ଭାରତର ସ୍ଥାନ ୧୧୮। ତେଣୁ ଭାରତରୁ ୨୭ କୋଟି ଦାରିଦ୍ର୍ୟମୁକ୍ତ ସୂଚନା ବାସ୍ତବ ଆଧାରିତ ନୁହେଁ, କେବଳ ପରିସଂଖ୍ୟାନ ଚାତୁରୀ ବୋଲି କହିଲେ ବୋଧହୁଏ ଭୁଲ୍ ହେବ ନାହିଁ।

ବିଶ୍ୱବ୍ୟାଙ୍କ ଦାରିଦ୍ର୍ୟ ସୀମାରେଖା ବା ଗାର ଟାଣିବାର ବ୍ୟବଧାନ ଦେଖାଯାଉ। ପ୍ରଥମେ ୨୦୦୧ରୁ ଆରମ୍ଭ ହୋଇଥିବା ଏହି ମାନଦଣ୍ଡ ନିର୍ଦ୍ଧାରଣ କସରତ ୨୦୦୮, ୨୦୧୫ ଏବଂ ସଦ୍ୟତମ ଉପଲବ୍ଧ ତଥ୍ୟ ୨୦୨୨ ପାଇଁ ହୋଇଛି। ଇତିମଧ୍ୟରେ ପ୍ରାୟ ୩ ବର୍ଷ ବିତିଗଲାଣି। ଜୀବନଧାରଣ ମାନ, ଆୟ ଓ ମୁଦ୍ରାସ୍ଫୀତି ଆଧାରିତ ସାମାଜିକ-ଅର୍ଥନୀତିରେ ଅନେକ ପରିବର୍ତ୍ତନ ଘଟିଛି। ଅଥଚ ସଂଜ୍ଞା ନିର୍ଦ୍ଧାରଣ ଅଧୁନାତନ(ଅପ୍‌ଡେଟ୍) ହୋଇପାରିନାହିଁ। ଜାତିସଂଘର ସହସ୍ରାବ୍ଦ ବିକାଶ ଲକ୍ଷ୍ୟର ଅନ୍ୟତମ ପାହାଚ 'ଦାରିଦ୍ର୍ୟ ଦୂରୀକରଣ ଯୋଜନା'ର ସଫଳତା କେବଳ ରେଖାଙ୍କନ ଚାତୁର୍ଯ୍ୟ ବଳରେ ହାସଲ ହୋଇପାରିବ ନାହିଁ। ଏଥିପାଇଁ ବାସ୍ତବତାକୁ ଗ୍ରହଣ କରିବାକୁ ହେବ। ପ୍ରଥମେ ମାନଦଣ୍ଡ ନିର୍ଦ୍ଧାରଣ ବିରତି ବା ଅନ୍ତରକୁ ଯଥେଷ୍ଟ ହ୍ରାସ କରି ବାର୍ଷିକ କରିବାକୁ ହେବ। ଏଆଇ ଯୁଗରେ ଏହା ବେଶି କଷ୍ଟକର ହେବ ନାହିଁ।

# ଜନଜାତିଙ୍କ ପୋଡୁଚାଷର ବିକଳ୍ପ

**ବିଦ୍ୟାଧର ମହାରଣା**

ପୋଡୁଚାଷ ଏକ ପୁରାତନ ଚାଷପଦ୍ଧତି, ଯାହା କେଉଁ ଆଦିମ କାଳରୁ ପାହାଡ଼ିଆ ଅଞ୍ଚଳରେ ଅନୁସୂଚିତ ଜନଜାତି ନିଜର ଜୀବନ-ଜୀବିକାର ଏକ ମୁଖ୍ୟ ସାଧନ ଭାବରେ ବ୍ୟବହାର କରୁଛନ୍ତି। ଦକ୍ଷିଣ ଆମେରିକା, କେନ୍ଦ୍ର ଓ ପଶ୍ଚିମ ଆଫ୍ରିକା ଏବଂ ଦକ୍ଷିଣ-ପୂର୍ବ ଏସିଆ ମହାଦେଶରେ ୬୩ ଦେଶର ୩୬ ନିୟୁତ ବର୍ଗ କିଲୋମିଟର ଅଞ୍ଚଳରେ ପୃଥିବୀର ପ୍ରାୟ ୨୦୦ ନିୟୁତ ଲୋକ ଏପ୍ରକାର ଚାଷ ଏବେ ବି ଅନୁସରଣ କରୁଛନ୍ତି। ଭାରତରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ବିହାର, ମେଘାଳୟ, ନାଗାଲାଣ୍ଡ, ଆସାମ, ତ୍ରିପୁରା ଆଦି ରାଜ୍ୟଗୁଡ଼ିକରେ ପ୍ରାୟ ୨/୩ ନିୟୁତ ଆଦିବାସୀ ସମ୍ପ୍ରଦାୟର ଲୋକ ଏହି ଚାଷ ଖ୍ରୀଷ୍ଟପୂର୍ବ ୩୦୦୦ଠାରୁ କରିଆସୁଛନ୍ତି। ପୋଡୁ ଚାଷକୁ ଝୁମ୍, ଦାବି, କୋମନ, ଗୁଡ଼ା, ବଗଡ଼, ହାରୁ ବ୍ରିଞ୍ଜା ଇତ୍ୟାଦି କୁହାଯାଏ। ବିଦେଶରେ ଏହାକୁ ସ୍ୱିଡେନ ଚାଷ କୁହାଯାଏ। ଓଡ଼ିଶାରେ ଅବିଭକ୍ତ କୋରାପୁଟ, ସୁନ୍ଦରଗଡ଼, ଫୁଲବାଣୀ, ଗଞ୍ଜାମ, କଳାହାଣ୍ଡି, ସମ୍ବଲପୁର ଓ କେନ୍ଦୁଝରର ଜିଲ୍ଲାମାନଙ୍କର ପ୍ରାୟ ୨୨୨୨୭ ବର୍ଗ କିମି ଅଞ୍ଚଳରେ କୋୟା, ପରଜା, ଗଦବା, ବଣ୍ଡା, ଦିଦାୟୀ, କନ୍ଧ, ସଉରା, ଜୁଆଙ୍ଗ ଓ ଭୂୟାଁ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ଏକ-ତୃତୀୟାଂଶ ଏହି ଚାଷ ସହିତ ସମ୍ପୃକ୍ତ।

ପୋଡୁଚାଷ ପଦ୍ଧତିରେ ପ୍ରଥମେ ପାହାଡ଼ିଆ ଅଞ୍ଚଳରେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ପରିବାର ମଧ୍ୟରେ ବାଣ୍ଟି ଦିଆଯାଏ। ସମସ୍ତେ ମିଳିମିଶି ଚିହ୍ନଟ ହୋଇଥିବା ଜାଗାରୁ ବୁଦା, ଗଛ ଇତ୍ୟାଦି କାଟି ସଫା କରିବା ପରେ ଏକାଠି କରି ପୋଡ଼ି ଦିଅନ୍ତି। ଏଥିରୁ ବାହାରୁଥିବା ପାଉଁଶ ମାଟିରେ ବିଛାଇ ଦିଆଯାଏ। ମୌସୁମୀ ବର୍ଷା ଆସିବା ପୂର୍ବରୁ ସେମାନେ ସପରିବାରେ ଏହି ଜମିରେ ବିଭିନ୍ନ ଫସଲର ବିହନ ଗୋଜିଆ କାଙ୍କ ସାହାଯ୍ୟରେ ବୁଣି ଦିଅନ୍ତି। ସାଧାରଣତଃ ପୁଷ୍ଟି ଶସ୍ୟ, କାନ୍ଦୁଲ, ବିରି, ବରଗୁଡ଼ି, ଭେଣ୍ଡି, ଧାନ, କନ୍ଦମୂଳ, ହଳଦୀ ଇତ୍ୟାଦି ବିହନ ବିଭିନ୍ନ ପଟିରେ ବୁଣାଯାଇଥାଏ। ଏହି ଫସଲଗୁଡ଼ିକ କ୍ରମାନ୍ୱୟରେ ଅଗଷ୍ଟ ଶେଷଠାରୁ ମାର୍ଚ୍ଚ ମଧ୍ୟରେ ଅମଳ ହୋଇଥାଏ। ପ୍ରଥମେ ପୁଷ୍ଟି ଶସ୍ୟ ଓ ଶେଷରେ କାନ୍ଦୁଲ ଅମଳ ହୁଏ। ପରିବାରର ଆବଶ୍ୟକତା ଅନୁସାରେ ଖାଦ୍ୟଶସ୍ୟ, ଡାଲି, ପନିପରିବା ଓ ମସଲା ଏହି ଚାଷରୁ ମିଳିଥାଏ। ଜମି ଅଧିକ ଗଡ଼ାଣିଆ ହୋଇଥିଲେ ପାବଚ୍ଛକ ବା ଟେରେସ ପ୍ରଣାଳୀରେ ଫଳ, ପନିପରିବା, ଧାନ ଓ ମସଲା ଜାତୀୟ ଫସଲ ଚାଷ କରାଯାଏ।

ପୋଡୁଚାଷର ଉଭୟ ଭଲ ଓ ମନ୍ଦ ଦିଗ ରହିଛି। ଏହି ଚାଷ ମୁଖ୍ୟତଃ ଏକ ପ୍ରକାରର ପୁନରୁତ୍ଥାନ କୃଷି ପଦ୍ଧତି। ପୂର୍ବେ ମୃତ୍ତିକାର ସ୍ୱାସ୍ଥ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ପୋଡୁଚାଷ କଲା ପରେ ୧୨ ରୁ ୧୫ ବର୍ଷ ପର୍ଯ୍ୟନ୍ତ ଜମି ପଡ଼ିଆ ରଖାଯାଉଥିଲା। ଘାସ ଓ ଅନାବନା ଗଛ ପୋଡ଼ିଯିବା ଫଳରେ ଫସଲରେ ରୋଗପୋକ ଆକ୍ରମଣ ହୁଏ ନାହିଁ, ପାଉଁଶ ମାଟିରେ ମିଶିଲେ ଏଥିରୁ ପୋଟାସିୟମ ମିଳେ। ମିଶ୍ରିତ ଫସଲ ଚାଷ ଯୋଗୁଁ ଜମି ସୁରକ୍ଷିତ ରହେ ଏବଂ ପରିବାରର ବହୁବିଧ ଆବଶ୍ୟକତା ପୂରଣ ହୁଏ। ଏହି ଚାଷ ଯୋଗୁଁ ଗୋଷ୍ଠୀ ସହଭାଗିତା ବୃଦ୍ଧିପାଏ। ଏହି ଚାଷର ମନ୍ଦ ଦିଗଗୁଡ଼ିକ କିନ୍ତୁ ଅଧିକ। ଜନସଂଖ୍ୟା ବୃଦ୍ଧି ଏବଂ ଚାଷ ଜମିର ଅଭାବ ଯୋଗୁଁ ବର୍ଷେ ଛାଡ଼ି ବର୍ଷେ ପୋଡୁଚାଷ କରାଯାଉଛି। କୌଣସି ନୂତନ କୌଶଳ ଅନୁସରଣ କରାଯାଉନି। ଏହାଫଳରେ ମୃତ୍ତିକା ଅବକ୍ଷୟ, ଜୈବ ବିବିଧତା ହ୍ରାସ, ଜଙ୍ଗଲ କ୍ଷୟ, ସବୁଜ ଗୃହ ବାଷ୍ପ ନିର୍ଗମନ ଜନିତ ଜଳବାୟୁ ପରିବର୍ତ୍ତନ, ବୃଷ୍ଟିହାନି, ଜଳ ପ୍ରଦୂଷଣ ଓ ଫସଲ ଅମଳ ହ୍ରାସ ଇତ୍ୟାଦି ସମସ୍ୟା ଦେଖାଦେଉଛି। ଉଭୟ ଦୃଷ୍ଟିରୁ ଦେଖିଲେ ଜମିରେ ବାରମ୍ବାର ପୋଡୁଚାଷ ବହୁ ସମସ୍ୟା ସୃଷ୍ଟି କରେ। ଏହି କାରଣରୁ ବ୍ରିଟିଶ ସରକାର ପୋଡୁଚାଷ ସମ୍ପୂର୍ଣ୍ଣ ନିଷେଧ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ପାରି ନ ଥିଲେ।

ସ୍ୱାଧୀନତା ପରେ ଭାରତ ସରକାର ପୋଡୁଚାଷ ବନ୍ଦ କରିବା ପାଇଁ ବହୁ ଉଦ୍ୟମ କରିଛନ୍ତି। ବନ ବିଭାଗ ୪୦ ଡିଗ୍ରୀରୁ ଅଧିକ ଗଡ଼ାଣିଆ ଜମିରେ ପୋଡୁଚାଷ ପାଇଁ ଅନୁମତି ଦେଉନାହାନ୍ତି। ଆଦିବାସୀଙ୍କ ଜୀବିକା ଓ ପରିବେଶ ସଂରକ୍ଷଣ ମଧ୍ୟରେ ଏକ ସନ୍ତୁଳନ ଆଣିବା ପାଇଁ ସରକାର ସର୍ବବିଧ ଉଦ୍ୟମ ଜାରି ରଖିଛନ୍ତି। ପୋଡୁଚାଷର ବିକଳ୍ପ ସ୍ୱରୂପ ସ୍ଥାୟୀ କୃଷି, ବନୀକରଣ, ଜଙ୍ଗଲ ଆଧାରିତ ଜୀବିକା ନିର୍ବାହନ ପନ୍ଥା, ଜଙ୍ଗଲ ଅଧିକାର ଆଇନ୍ ୨୦୦୬, ବିକଳ୍ପ ଜୀବିକା ପାଇଁ ସହାୟତା, ଜଳ ବିଭାଜିକା ଉନ୍ନୟନ, ସଂରକ୍ଷଣ କୃଷି ଓ ଗୋଷ୍ଠୀ ସହଭାଗିତା ପାଇଁ ବହୁ ଯୋଜନା କରୁଛନ୍ତି। ଏହା ସତ୍ତ୍ୱେ ପୋଡୁଚାଷ ସେହିଭଳି ଅନୁସରଣ କରାଯାଉଛି। ପରିଣାମ ସ୍ୱରୂପ ଏକଦା ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ପାହାଡ଼ ଆଜି ନଣ୍ଡା ପାହାଡ଼ରେ ପରିଣତ ହୋଇଛି। ବସ୍ତୁତଃ ଏହା ଜଳ ବିଭାଜିକା ଯୋଜନାଗୁଡ଼ିକୁ ପ୍ରଭାବିତ କରୁଛି।

ପୋଡୁଚାଷର ବିକଳ୍ପ ପାଇଁ ବହୁ ପରୀକ୍ଷା ନିରୀକ୍ଷା କରାଯାଉଛି। କେତେକ ମଡେଲ ମଧ୍ୟ ସଫଳ ସାବ୍ୟସ୍ତ ହୋଇଛି। ଉଦାହରଣ ସ୍ୱରୂପ ମିଜୋରାମ୍‌ର ବାଉଁଶ କୃଷି ବନୀକରଣ, ନାଗାଲାଣ୍ଡ ଖୋନୋମା ମଡେଲରେ ଜୈବ ବିବିଧତା ସଂରକ୍ଷଣ, ଖାସି ଜୟନ୍ତୀଆ ପାହାଡ଼ିଆ ଅଞ୍ଚଳରେ ଗୋଷ୍ଠୀ ଜଙ୍ଗଲ ଇତ୍ୟାଦି ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଫିଲିପିନସ୍‌ରେ ଗଡ଼ାଣିଆ କୃଷିଭୂମି ପ୍ରଯୁକ୍ତିବିଦ୍ୟା ବା ସ୍ଲୋପିଙ୍ଗ ଏଗ୍ରିକଲଚର ଲାଣ୍ଡ ଟେକ୍ନୋଲୋଜି ସଲଟ- ୧) ପୋଡୁଚାଷର ସଫଳ ବିକଳ୍ପ ଭାବରେ ପ୍ରଦର୍ଶିତ ହୋଇଛି। ଏହାକୁ ସଂକ୍ଷେପରେ ସଲଟ ଟେକ୍ନୋଲୋଜି କୁହଯାଏ। ସଲଟ ଟେକ୍ନୋଲୋଜି ଚାରି ପ୍ରକାରର। ସଲଟ ୨ ହେଉଛି ସରଳ କୃଷି- ପ୍ରାଣୀପାଳନ ଜମି ଟେକ୍ନୋଲୋଜି। ସଲଟ ୩ ହେଉଛି ପୋଷଣୀୟ କୃଷି-ଜଙ୍ଗଲ ଭୂମି ଟେକ୍ନୋଲୋଜି ଏବଂ ସଲଟ ୪ ହେଉଛି ଛୋଟ କୃଷି-ଫଳ ଜୀବିକା ଟେକ୍ନୋଲୋଜି।

ଏହି ଚାରିପ୍ରକାରର ସଲଟ ମଧ୍ୟରୁ ସଲଟ-୧ ଅଧିକ ଅନୁସରଣ କରାଯାଏ। ଏଥିରେ ଦଶଗୋଟି ସୋପାନ ଅଛି। ପ୍ରଥମେ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ସମପତନ ରେଖା ଗୋଟିଏ ଏ-ଫ୍ରେମ ଦ୍ୱାରା ଚିହ୍ନଟ କରାଯାଏ। ଏହାଉପରେ ଏକ ମିଟର ଚଉଡ଼ାର ହଳ କରି ଓ ସିଆର ଟାଣି ଏଥିରେ ଯବକ୍ଷାରଜାନ ଯୋଗାଉଥିବା ସବୁଜବାଡ଼ ପାଇଁ ମଞ୍ଜି(ସୁବାବୁଲ, ଗ୍ଲିରିସିଡିଆ, ଆଲଫାଲଫା ଇତ୍ୟାଦି) ପୋତାଯାଏ। ଏହି ସବୁଜବାଡ଼ ମୃତ୍ତିକା କ୍ଷୟ ନିରୋଧୀ। ଏକ ମିଟରରୁ ଅଧିକ ଉଚ୍ଚର ଗଛ ହେଲେ ଉପର ଡାଳ କାଟି ମାଟିରେ ମିଶାଇ ଦିଆଯାଏ, ଯାହା ଫଳରେ ଏହା ସବୁଜସାର ଭଳି କାମ କରେ। ପାହାଡ଼ର ଉପର ପଟିରେ ବୃକ୍ଷରୋପଣ ଏବଂ ଏହା ପରେ ଯଥାକ୍ରମେ ଫଳ ଗଛ ରୋପଣ (କମଳା, ଅମୃତଭଣ୍ଡା, କଦଳୀ), ମକା ଚାଷ, କାନ୍ଦୁଲ ଚାଷ, ଜୁଆର, ମାଣ୍ଡିଆ, ଧାନ, ବିରି, ପନିପରିବା, ହଳଦୀ ଇତ୍ୟାଦି ଗୋଟିଏ ପଟି ଛାଡ଼ି ଅନ୍ୟ ପଟିରେ ଚାଷ କରାଯାଏ। ସବୁଜ ବାଡ଼ଗୁଡ଼ିକ ମୃତ୍ତିକାକୁ ଧରି ରଖିବା ଫଳରେ ପଟିଗୁଡ଼ିକ ପାବଚ୍ଛକ ପରି ଦେଖାଯାଏ।

ଫସଲ ପର୍ଯ୍ୟାୟ ଅନୁସରଣ କରାଯାଏ। ସବୁଜ ବାଡ଼ର ରକ୍ଷଣାବେକ୍ଷଣ କରିବାକୁ ହୁଏ। ଏହି ପ୍ରଣାଳୀରେ ଫସଲ ଚାଷ କଲେ ମୃତ୍ତିକା ଓ ଜଳ ସଞ୍ଚିତ ହୋଇରହେ। ଫଳରେ ଫସଲ ଅମଳ ବୃଦ୍ଧିପାଏ। ଅତୀତରେ ଓଡ଼ିଶାରେ ଏପରି ସଲଟ-୧ କୌଶଳ କେତେକ ସ୍ଥାନରେ ପ୍ରଦର୍ଶିତ ହୋଇଥିଲା। ଓଡ଼ିଶାରେ ଟେରେସ ବା ସୋପାନ ଚାଷର ସଫଳତା ଗଜପତି ଜିଲ୍ଲାରେ ଦେଖାଯାଏ। ଚନ୍ଦ୍ରଗିରି ଓ ମହେନ୍ଦ୍ରଗିରି ପାର୍ବତ୍ୟ ଅଞ୍ଚଳରେ କମଳା, ସପୁରୀ ଇତ୍ୟାଦି ଫଳ ଚାଷ ବିଶେଷ ଭାବରେ ଦେଖାଯାଏ। ଗଡ଼ାଣିଆ ଜମିରେ ପଥର ବାଡ଼ ଦେଇ ସୋପାନ ପ୍ରଣାଳୀରେ ଫଳ ଚାଷ କରି ଚାଷୀମାନେ ଅଧିକ ଲାଭବାନ ହୁଅନ୍ତି।

ସାରାଂଶରେ କହିଲେ ପୋଡୁଚାଷ ଆଦିବାସୀଙ୍କ ଜୀବନ ନାଟିକା। ସରକାରଙ୍କ କେତେକ ନୀତି ଯୋଗୁଁ ଏବଂ ସ୍ଥାୟୀ ଚାଷ ପାଇଁ ସହାୟତା ଯୋଗୁଁ ପୋଡୁଚାଷ ପରିମାଣ କିଛି ହ୍ରାସ ପାଉଛି। ଏହାଦ୍ୱାରା ଜଙ୍ଗଲ କ୍ଷୟ ଓ ମୃତ୍ତିକା ଅବକ୍ଷୟ ସତ୍ତ୍ୱେ ଏପରି ଚାଷ ଆଦିବାସୀ ଅଞ୍ଚଳରେ ବନ୍ଦ ହେବନାହିଁ। ପୋଡୁଚାଷ ପ୍ରଣାଳୀ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଭିନ୍ନ ହେଉଥିବାରୁ ଏହାର ନିରାକରଣ ପାଇଁ ଗୋଟିଏ ପନ୍ଥା ସ୍ଥିର କରାଯାଇ ପାରିବ ନାହିଁ। ଜନଜାତିଙ୍କ ଜୀବିକା ନିର୍ବାହ ପନ୍ଥାକୁ ଲକ୍ଷ୍ୟରେ ରଖି ସରକାର ଏହାର ବିକଳ୍ପ ପାଇଁ ସ୍ଥାୟୀ ଚାଷ, ଚାରାରୋପଣ, ପାବଚ୍ଛକ ବା ସୋପାନ ପ୍ରଣାଳୀରେ ଚାଷ ଏବଂ ଆଧୁନିକ ଚାଷ କୌଶଳ ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି। ଏହାସହିତ ଗୋଷ୍ଠୀ ଆଧାରିତ ବନ ସୁରକ୍ଷା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ତଥାପି ଆଦିବାସୀଙ୍କ ପାଇଁ କର୍ମନିଯୁକ୍ତି ବ୍ୟବସ୍ଥା ଆବଶ୍ୟକ। କାରଣ ଏହାର ଅଭାବରେ ଆଦିବାସୀମାନେ ବାଧ୍ୟ ହୋଇ ଦେଶାନ୍ତରୀ ଯାଉଛନ୍ତି। ଜଙ୍ଗଲ ସୁରକ୍ଷା ଆଇନ୍ ୨୦୦୬ ଓ ପେସା ଆଇନ୍ ୧୯୯୬ ନିଷ୍ଠାର ସହ ପାଳନକଲେ ପୋଡୁଚାଷର ବିକଳ୍ପ ସୁବିଧାରେ କାର୍ଯ୍ୟକାରୀ ହୋଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଏକ ଉଦ୍ଭାବନ: ବରଦାନରୁ ଅଭିଶାପ

**ବିମଳ ମିଶ୍ର**

ପ୍ଲାଷ୍ଟିକ ଆଧୁନିକ ଜୀବନଶୈଳୀର ଅନିର୍ବାର୍ଯ୍ୟ ଅଙ୍ଗ ହୋଇଯାଇଛି। ପୃଥିବୀରେ ପ୍ଲାଷ୍ଟିକର ବାର୍ଷିକ ମୁଣ୍ଡପିଛା ବ୍ୟବହାର ୨୦.୯ କିଗ୍ରା ଏବଂ ଭାରତରେ ୫.୩ କିଗ୍ରା। ଏହାର ସ୍ୱଚ୍ଛତା, ସ୍ୱଳ୍ପ ଓଜନ ବା ଆପେକ୍ଷିକ ଗୁରୁତ୍ୱ, ଜଳ, ବିଦ୍ୟୁତ ଓ ରସାୟନ ପ୍ରତିରୋଧକ କ୍ଷମତା, ନମନୀୟତା, ସ୍ଥାୟିତ୍ୱ ଏବଂ ସର୍ବୋପରି ସୁଲଭ ଓ ସ୍ୱଳ୍ପ ବ୍ୟୟ ବହୁଳତା ଯୋଗୁଁ ଏଥିରେ ନିର୍ମିତ ସାମଗ୍ରୀଗୁଡ଼ିକ ଅତ୍ୟଧିକ ଆଦୃତ ହୋଇଛି। ଆମର ନିତ୍ୟ ବ୍ୟବହାର୍ଯ୍ୟ ବ୍ୟାଗ, ପାଣି ବୋତଲ, ପେନ୍, ପେନସିଲ୍, ପ୍ୟାକିଙ୍ଗ୍ ସାମଗ୍ରୀ, ବ୍ରସ୍, ପ୍ରସାଧନ ସାମଗ୍ରୀ, ପୋଷାକ, ଫୋନ, କମ୍ପ୍ୟୁଟର, ଚୌକି, ଟେବୁଲ୍, ରୋଷେଇ ସାମଗ୍ରୀ, ଖେଳନା, ଛୋଟରୁ ବୃହତ ଯନ୍ତ୍ରାଂଶ, ଯାନ, ବିଦ୍ୟୁତ ତାର ସହ ବିଭିନ୍ନ ନିର୍ମାଣ ଯନ୍ତ୍ରପାତିରେ ଏହାର ଉପଯୋଗ ଦ୍ରୁତଗତିରେ ବଢ଼ି ଚାଲିଛି।

ଉଚ୍ଚ ଉତ୍ତାପ ସହନଶୀଳତା ନ ଥିବା ପରି ପ୍ଲାଷ୍ଟିକର ଗୁଣକୁ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଦୂର କରି ଦେବା ଦ୍ୱାରା ଅଧୁନା ଆମ ଚତୁଃପାର୍ଶ୍ୱରେ ଦୃଶ୍ୟମାନ ସମସ୍ତ ଉପଯୋଗୀ ବସ୍ତୁସମୂହରେ ପ୍ଲାଷ୍ଟିକର ବିନିଯୋଗ ଅନିର୍ବାର୍ଯ୍ୟ ପ୍ରାୟ। ଜୀବାଶ୍ମ ଇନ୍ଧନରୁ ଏହାର ଉତ୍ପାଦନ। ଧାତବ, ଜୀବଜ ବା ବୃକ୍ଷଜ ପଦାର୍ଥଠାରୁ ଆପେକ୍ଷିକ ସହଜ ହୋଇଥିବାରୁ ଅଧିକ ଉପଯୋଗୀ ହୋଇଯାଉଛି। ପରିବହନ କ୍ଷେତ୍ରରେ ଏହାର ଶକ୍ତ ତଥା ହାଲୁକା ଗୁଣ ସହ ଦୀର୍ଘସ୍ଥାୟିତ୍ୱ ଏହାକୁ ସର୍ବାଧିକ ଗ୍ରହଣୀୟ କରିଛି। ଏହାର ବ୍ୟବହାର ଯୋଗୁଁ ନିଜସ୍ୱ ଓଜନର ଅତ୍ୟଧିକ କ୍ଷୟ ଘଟୁଥିବାରୁ ଆଧୁନିକ ଯାନ ସବୁ ଅଧିକରୁ ଅଧିକ ଇନ୍ଧନକ୍ଷମ କରିପାରୁଛି।



ପୃଥିବୀରେ ବର୍ଷକୁ ୪୨ କୋଟି ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ସେଥିରୁ ୫.୭ କୋଟି ଟନ୍‌ର ବର୍ଜ୍ୟ ବସ୍ତୁ ନିର୍ଗତ ହେଉଛି। ଭାରତର ପ୍ଲାଷ୍ଟିକ ବର୍ଜ୍ୟ ୦.୯୩ କୋଟି ଟନ୍। କେବଳ ଆମେରିକାରେ ବର୍ଷକୁ ୩୫୦ କୋଟି ପ୍ଲାଷ୍ଟିକ ବୋତଲ ଫୋପଡ଼ା ଯାଉଛି। ଗୋଟିଏ ପ୍ଲାଷ୍ଟିକ ବୋତଲର କ୍ଷୁଦ୍ରାଂଶ ଅବକ୍ଷୟ ପାଇଁ ୫୦୦ ରୁ ୧୦୦୦ ବର୍ଷ ନେଇଥାଏ। ଏହା ଯୋଗୁଁ ସମସ୍ତ ପଶୁ, ପକ୍ଷୀ ଓ କୀଟ ପତଙ୍ଗ ବ୍ୟାପକ କ୍ଷତିଗ୍ରସ୍ତ ହୋଇ ବିଲୀନମୁଖୀ। ଆମ ବ୍ୟର୍ଜ୍ୟବସ୍ତୁର ୧୦ ପ୍ରତିଶତ ହେଉଛି ପ୍ଲାଷ୍ଟିକ। ସେଥିମଧ୍ୟରୁ ଏବେ କେବଳ ୫ ପ୍ରତିଶତ ପୁନଃବିନିଯୋଗ ହୋଇପାରୁଛି। ପ୍ଲାଷ୍ଟିକର ବିଭିନ୍ନ କ୍ଷେତ୍ରରେ ବ୍ୟବହାର କିଛି ଏହିପରି। - ପ୍ୟାକେଜିଂରେ ୩୬%, ନିର୍ମାଣରେ ୧୬%, ବସ୍ତ୍ରରେ ୧୫%, ନିତ୍ୟ ବ୍ୟବହାର୍ଯ୍ୟରେ ୧୦%, ପରିବହନରେ ୭%, ଇଲେକ୍ଟ୍ରୋନିକରେ ୪%, ଶିଳ୍ପରେ ୧%, ଅନ୍ୟାନ୍ୟ ୧୧%।

ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ପ୍ରାକୃତିକ ବା ସ୍ୱାଭାବିକ ଅବକ୍ଷୟ ଅତ୍ୟଧିକ ସମୟସାପେକ୍ଷ ହୋଇଥିବାରୁ ଏହା ମାନବ ସମାଜ ପାଇଁ ଏକ ଅଭିଶାପ ରୂପରେ ଉଭା ହେଲାଣି। ବ୍ୟର୍ଜ୍ୟ ବସ୍ତୁ ପରିଚାଳନାରେ ଏହା ସବୁଠାରୁ ବଡ଼ ଆହ୍ୱାନ ହୋଇଛି। ଉଦାହରଣ ସ୍ୱରୂପ ଏକ କାଠ ଉପକରଣ ପ୍ରାକୃତିକ ପରିବେଶରେ ସଂପୂର୍ଣ୍ଣ କ୍ଷୟ ହେବାକୁ ୧୦ରୁ୨୦ ବର୍ଷ ନେଉଥିବା ବେଳେ ଏକ ପ୍ଲାଷ୍ଟିକ ଉପକରଣ ୨୦୦-୧୦୦୦ ବର୍ଷ ନେଇ ଥାଏ। ତେଣୁ ଏହା ପରିବେଶକୁ ବିଷାକ୍ତ କରିଥାଏ। ପ୍ଲାଷ୍ଟିକ ଉଦ୍ଭାବନଠାରୁ ଆଜି ପର୍ଯ୍ୟନ୍ତ ଏହାର କ୍ଷୟ ହୋଇ ନାହିଁ, ବରଂ ଏହାର କ୍ଷୁଦ୍ରାଂଶ ପରିବେଶକୁ ବିଷମୟ କରି ଚାଲିଛି। ଗତ ଦଶ ବର୍ଷରେ ଆମେ ଏହାର ବ୍ୟବହାର ଏତେ ମାତ୍ରାରେ ବୃଦ୍ଧି କରିଛେ ଯେ ଗତ ଶହେ ବର୍ଷର ଉତ୍ପାଦନଠାରୁ ଅଧିକ।

ବ୍ୟସ୍ତ ବିବ୍ରତ ମାନବ ସମାଜର ଦୁର୍ଦ୍ଦଶା ଲାଘବ କରିବା ପାଇଁ ପ୍ରମୁଖ ରାଷ୍ଟ୍ର ମୁଖ୍ୟଗଣ ଏହାର ପ୍ରତିକାର ପାଇଁ କେତେକ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୧୮ ମସିହାର ଉତ୍ପାଦନ ଭିତ୍ତିରେ ୨୦୩୦ ସୁଦ୍ଧା ସର୍ବାଧିକ ବିନିଯୋଗ ହେଉଥିବା ପ୍ୟାକେଜିଂ କ୍ଷେତ୍ରରେ ପ୍ଲାଷ୍ଟିକ ଉତ୍ପାଦ ୧୫% କମ କରାଯିବ। ଏହାର ୫୫% ପୁନଃ ବିନିଯୋଗ ହେବ। ଏତଦ୍‌ବ୍ୟତୀତ ଜୀବାଶ୍ମ ଇନ୍ଧନରୁ ସୃଷ୍ଟ ପ୍ଲାଷ୍ଟିକକୁ ଦ୍ରୁତ ହ୍ରାସ କରି ବାଇଓ-ପ୍ଲାଷ୍ଟିକ (ପଲିଏଥିଲିନ୍) କୁ ଗୁରୁତ୍ୱ ଦିଆଯିବ। ପ୍ଲାଷ୍ଟିକ ପ୍ରଦୂଷଣରୁ ସୁରକ୍ଷା ପାଇଁ ଚତୁର୍ବର୍ଗ ପ୍ରୟାସ ହେବା ନିହାତି ଆବଶ୍ୟକ। ପୁନଃବିନିଯୋଗ (ରିସାଇକେଲ୍), ସାମୟିକ ବନ୍ଦ (ପଜ୍), ବିକଳ୍ପ ବିନିଯୋଗ (ରିପରପସ୍), ବ୍ୟବହାର ସଂକୋଚନ (ରିଡ୍ୟୁସ୍)।

ଆଇନ ଭିତ୍ତିକ କଟକଣା ଅପେକ୍ଷା ମାନବିକ ଉପଲବ୍ଧି ଓ ସଚେତନତା ଏ ସାଂଘାତିକ ପ୍ଲାଷ୍ଟିକ ଜନିତ ପ୍ରଦୂଷଣ ରୂପକ ରାକ୍ଷସଠାରୁ ଆମକୁ ଉଦ୍ଧାର କରିବାରେ ଅଧିକ ସହାୟକ ହେବ। ସମସ୍ତଙ୍କୁ ପ୍ଲାଷ୍ଟିକର ବିନିଯୋଗକୁ କମ କରିବା ପାଇଁ ସଚେତନତା ସୃଷ୍ଟି କରି ଉଦାହରଣ ହେବାକୁ ପଡ଼ିବ। ଏହାର ଭୟାବହ ପରିଣତି ବିଷୟରେ ସମସ୍ତଙ୍କୁ ଅବଗତ କରାଇବା ପାଇଁ ଆମ ସମସ୍ତଙ୍କୁ ଆଗଭର ହେବାକୁ ପଡ଼ିବ। ସରକାର ତାଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକର ବିନିଯୋଗ ତଥା ସୁପରିଚାଳନା ପାଇଁ ଦୀର୍ଘମିଆଦୀ ଯୋଜନା କରିବାକୁ ବାଧ୍ୟ କରିବା ପାଇଁ ଜନଜାଗରଣର ନିତାନ୍ତ ଆବଶ୍ୟକତା ରହିଛି।

ବେଙ୍ଗାଲୁରୁ, ମୋ: ୯୪୩୭୦୬୧୪୮୫

# ଗଜାନନ ବେଶ

## ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

କର୍ଣ୍ଣାଟକର କାଣିଆରୀ ଗ୍ରାମ ନିବାସୀ ନୈଷ୍ଠିକ ବ୍ରାହ୍ମଣ ଗଣପତି ଭଟ୍ଟ ଗଣପତିଙ୍କୁ ଇଷ୍ଟରୂପେ ଆରାଧନା କରୁଥିଲେ। ବିଭିନ୍ନ ଶାସ୍ତ୍ର ଅଧ୍ୟୟନ କରି ସେ ଜାଣିବାକୁ ପାଇଲେ ଯେ ପରଂବ୍ରହ୍ମ ଜଗନ୍ନାଥ ଦାରୁ ସ୍ୱରୂପରେ ଉତ୍କଳ ଦେଶର ନୀଳାଚଳରେ ବିରାଜମାନ କରୁଛନ୍ତି, ଯାହାଙ୍କୁ ଦର୍ଶନ କଲେ ଜନ୍ମଜନ୍ମାନ୍ତରରୁ ମୁକ୍ତି ମିଳେ। ତେଣୁ ବ୍ରହ୍ମ ଦର୍ଶନ କରି ମୁକ୍ତିଲାଭ ଆଶାକୁ ଚରିତାର୍ଥ କରିବା ଲାଗି ଭଟ୍ଟ ମହାଶୟ ନୀଳଗିରି ଅଭିମୁଖେ ଯାତ୍ରାରମ୍ଭ କଲେ। ଅନେକ କଷ୍ଟ ଏବଂ ଅନେକ ଦିନର ଯାତ୍ରା ପରେ ସେ ପୁରୀ ଉପକଣ୍ଠ ଅଠରନଳାଠାରେ ନୀଳଚକ୍ରକୁ ଦର୍ଶନ କରି ପରମ ସନ୍ତୋଷ ଲାଭ କଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ସ ଦିନ ସେ ସେହିଠାରେ ବିଶ୍ରାମ କରୁଥିବା ବେଳେ ଦେଖିଲେ ଯେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସାରି ଆନନ୍ଦର ସହ ଫେରୁଛନ୍ତି। ଭଟ୍ଟ ମହାଶୟ ପଚାରି ଜାଣିଲେ ଯେ ମହାପ୍ରଭୁଙ୍କ ଦର୍ଶନର ସୌଭାଗ୍ୟ ପ୍ରାପ୍ତ କରିଥିବାରୁ ସେମାନେ ଅତ୍ୟନ୍ତ ଆନନ୍ଦିତ ଥିଲେ। ଭଟ୍ଟ ମହାଶୟ ଦ୍ୱନ୍ଦ୍ୱରେ ପଡ଼ିଗଲେ। ସେ ଜାଣିଥିଲେ ଯେ ଭାଗ୍ୟବଳରେ ଭକ୍ତ ବ୍ରହ୍ମ ଦର୍ଶନ କଲେ ତା'ର ପ୍ରାଣ ବ୍ରହ୍ମଲୀନ ହୋଇ ଯାଏ। କିନ୍ତୁ ଭକ୍ତମାନେ ବ୍ରହ୍ମ ଦର୍ଶନ କରି ସ୍ୱଦେହରେ ଫେରୁ ଥିବାରୁ ସେ ଚିନ୍ତା କଲେ ଯେ ନୀଳାଚଳରେ ବ୍ରହ୍ମ ବିରାଜମାନ କରୁଛନ୍ତି ବୋଲି ପୁରାଣର ବର୍ଣ୍ଣନା ସତ ନୁହେଁ। ତାଙ୍କର ଏତେ ଦିନର କଷ୍ଟସାଧ୍ୟ ଯାତ୍ରା ବିଫଳ ଗଲା ବୋଲି ଜାଣି ସେ ଦୁଃଖିତ ହେଲେ ଏବଂ ଜୀବନ ବିସର୍ଜନ କରି ଦେବା ପାଇଁ ନିଷ୍ପତ୍ତି ନେଲେ।

ଭକ୍ତର ଏ ପ୍ରକାର କଠୋର ନିଷ୍ପତ୍ତି ଦେଖି ଭକ୍ତବତ୍ସଳ ଜଗନ୍ନାଥ ବ୍ରାହ୍ମଣ ବେଶରେ ଭଟ୍ଟଙ୍କ ପାଖକୁ ଯାଇ କାରଣ ପଚାରନ୍ତେ ସେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ସବୁଶୁଣି ମହାପ୍ରଭୁ ପଚାରିଲେ, 'ବ୍ରହ୍ମ ନାହାନ୍ତି ବୋଲି ଏଥେ, ତା' ତୁମେ ଜାଣିଲ କେମନ୍ତେ?' ଗଣପତି କହିଲେ ଯେ, 'ବ୍ରହ୍ମ ଦର୍ଶନ ପରେ ବ୍ରହ୍ମଲୀନ ହୋଇ ଯିବାକୁ ହୁଏ। କିନ୍ତୁ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରି ସ୍ୱଦେହରେ ଫେରୁଥିବାରୁ ତାଙ୍କର ଭ୍ରମ ସୃଷ୍ଟି ହୋଇଥିଲା।' ବ୍ରାହ୍ମଣବେଶଧାରୀ ମହାପ୍ରଭୁ କହିଲେ, 'ଯେ ଆତ୍ମା କଳ୍ପତରୁ ହରି, ଯେ ଯାହା ମନବାଞ୍ଛା କରି / ତାହାକୁ ସେହି ଫଳ ଦେଇ, ତେଣୁଟି ବାଞ୍ଛାନିଧି ସେହି। ଯେଉଁ ଭକ୍ତ ଦର୍ଶନ ପରେ ଘରସଂସାରକୁ ଫେରିବା ପାଇଁ ଇଚ୍ଛା କରେ ସେ ତାକୁ ସେଥିପାଇଁ ଅନୁମତି ପ୍ରଦାନ କରନ୍ତି। ଯେଉଁ ଭକ୍ତ ମୁକ୍ତି ଲାଭ କରିବା ପାଇଁ ପ୍ରାର୍ଥନା କରେ ସେ ତାକୁ ମୋକ୍ଷ ଦାନ କରିଥା'ନ୍ତି।'

ବ୍ରାହ୍ମଣଙ୍କ କଥାରେ ଗଣପତିଙ୍କ ମନ ପରିବର୍ତ୍ତନ ହେଲା। ତା' ପର ଦିନ ସେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ମନ୍ଦିରକୁ ଗଲେ। ସେ ଦିନ ଥିଲା ସ୍ନାନପୂର୍ଣ୍ଣିମା। କିନ୍ତୁ ମହାପ୍ରଭୁଙ୍କ ଦର୍ଶନ ଗଣପତିଙ୍କୁ ଖୁସି କରି ପାରିଲା ନାହିଁ। କାରଣ ସେ ଭାବୁଥିଲେ ଯେ ମହାପ୍ରଭୁ ତାଙ୍କୁ ତାଙ୍କର ଇଷ୍ଟ ଗଜାନନ ସ୍ୱରୂପରେ ଦର୍ଶନ ଦେବେ। 'ଗଜ ବଦନ ନାହିଁ ଏଥେ, ବ୍ରହ୍ମ ନୁହଇ କଦାଚିତେ।' କିନ୍ତୁ ସେଦିନ ରାତିରେ ଜଗନ୍ନାଥ ସ୍ୱପ୍ନରେ ମୁଦିରଥଙ୍କୁ ଆଦେଶ ଦେଲେ କହିଲେ, 'ବୋଇଲେ ଶୁଣ ମୁଦିରଥ, ପଶ୍ଚିମ ଦେଶୁ ମୋ ଭକତ / ଆସିଣ ଅଛି ଅତି ତୋଷେ, ମୋହର ଦରଶନ ଆଶେ / ତେଣୁ ମୋ ଛାମୁକୁ ଆଇଲା, ମୋର ମୁଖକୁ ଚାହିଁ ଦେଲା / ଗଜ ବଦନ ମୋ ନ ଦେଖି, ମନରେ ହୋଇ ମହାଦୁଃଖୀ / ବାହୁଡ଼ି ଯାଉଅଛି ସେହି, ବେଗେ ତୁ ଘେନି ଆସ ଯାଇ / ବୋଲିବୁ କିମ୍ବା ଯାଉ ରୁଷି, ଦର୍ଶନ କର ବ୍ରହ୍ମରାଶୀ / ନିଶ୍ଚଳ କରି ତୋ ନୟନ, ଚାହିଁ ଦେଖିବୁ ଗଜାନନ।'

ମୁଦିରଥ ଭଟ୍ଟ ମହାଶୟଙ୍କୁ ଭେଟି ମହାପ୍ରଭୁଙ୍କ ସ୍ୱପ୍ନାଦେଶ କଥା କହିବାରୁ ସେ ପୁଣି ପ୍ରଭୁଙ୍କ ଦର୍ଶନ ପାଇଁ ଗଲେ। 'ଦେଖିଲା ପ୍ରଭୁ ଭଗବାନ, ହୋଇ ଅଛନ୍ତି ଗଜାନନ / ଲମ୍ବି ଅଛଇଁ ଥୋର ହସ୍ତ, ଶୋଭା ଦିଶଇ ଏକ ଦନ୍ତ / ମହାପ୍ରଭୁଙ୍କୁ ନିଜର ଇଷ୍ଟ ଗଜାନନ ସ୍ୱରୂପରେ ଦର୍ଶନ କରି ଭଟ୍ଟ ଆନନ୍ଦରେ ସ୍ତୁତି କଲେ, 'ନମୋ ନମସ୍ତେ ଗଜାନନ, ନମସ୍ତେ କପିଳ ବଦନ / ନମସ୍ତେ ଦାରୁ ବ୍ରହ୍ମ ରାଶି, ନମୋ ନମସ୍ତେ ବିଶ୍ୱବାସୀ / ତବ ଦର୍ଶନେ ଦାରୁବ୍ରହ୍ମ, ତୁଟିଲା ମୋର ମତିଭ୍ରମ / ତା' ପରେ ସେ ନିଉଛାଳି ହୋଇ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ, 'ଆଜ ଏ ଦେବସ୍ନାନ ଯାତ, ଯେବେ ହୋଇବ ଜଗନ୍ନାଥ / କେବଳ ହସ୍ତୀ ବେଶ ହୋଇ, ବିଜେ କରିବ ଭାବଗ୍ରାହୀ / ଏତେକ ମାତ୍ର ଆଜ୍ଞା ହେଉ, ଏ କଥା ଯୁଗେ ଯୁଗେ ଥାଉ।' ସେହି ଦିନଠାରୁ ମହାପ୍ରଭୁ ସ୍ନାନପୂର୍ଣ୍ଣିମାରେ ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି।(ଆଧାର:ରାମଦାସ କୃତ ଦାର୍ଢ୍ୟତା ଭକ୍ତି)

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
## ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ଲମ୍ବା ଭାଷଣ...

ବିଜେଡିର ଜନ ଜାଗରଣ ଅଭିଯାନରେ ରାଜ୍ୟ କର୍ମକର୍ତ୍ତାଙ୍କୁ ଉଦବୋଧନ ଅବସରେ ନବୀନ କହିଛନ୍ତି ଯେ ଗତବେଳରେ ସାଧାରଣ ଲୋକ ଦେଇଛନ୍ତି ମାଲିକ। ଜନାଦେଶ ବଳରେ ଆମେ ଆଜି ବିରୋଧୀ ଦଳରେ ବସିଛନ୍ତି ଓ ବିଜେଡି ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବରେ କାମ କରୁଛି। ବିଜେପି ସରକାର ଓଡ଼ିଶାର ଶାସନ ଦାୟିତ୍ୱ ନେବାର ଏକ ବର୍ଷ ହୋଇଗଲା। ବିଜେପି ସରକାରଙ୍କୁ ଲୋକଙ୍କ ସରକାର ବୋଲି କୁହାଯାଉଛି; କିନ୍ତୁ ଲୋକ କାହାନ୍ତି ? ଆମ ସରକାର ସମୟରେ ଓଡ଼ିଶାର ୯୦ ପ୍ରତିଶତ ଲୋକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ଉପକାର ପାଉଥିଲେ; ଏବେ ଆରମ୍ଭ ହୋଇଥିବା ଆୟୁଷ୍ମାନ ଭାରତରେ ଲୋକମାନେ ଔଷଧ ପାଉନାହାନ୍ତି। ବିନା ଟଙ୍କାରେ ହସ୍ପିଟାଲରେ ଚିକିତ୍ସା ହୋଇପାରୁ ନାହିଁ । ରାଜ୍ୟର ହଜାର ହଜାର ଲୋକ ଏଥିପାଇଁ ହଇରାଣ ହେଉଛନ୍ତି। ମା'ମାନେ ହଇରାଣ, ବୁଢ଼ାବୁଢ଼ି ହଇରାଣ, କ୍ୟାନ୍ସର ରୋଗୀ ହଇରାଣ ଏବଂ ପିଲାମାନେ ହଇରାଣ ହେଉଛନ୍ତି। ସ୍ୱାସ୍ଥ୍ୟ ବ୍ୟବସ୍ଥା ପୁରା ଭୁଶୁଡ଼ି ପଡ଼ିଛି। ୩୦ ଜିଲ୍ଲାର ୧୯ ଜିଲ୍ଲାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦବୀ ଖାଲି। ଏହା ହେଉଛି ବର୍ତ୍ତମାନ ସରକାରର ସଫଳତା ବୋଲି ତାଚ୍ଛଲ୍ୟ କରିଛନ୍ତି ନବୀନ।

ସେ ପୁଣି କହିଛନ୍ତି ଯେ ମିଶନ ଶକ୍ତି ଦ୍ୱାରା ସତୁରି ଲକ୍ଷ ମା'ମାନେ ସଶକ୍ତ ହୋଇଥିଲେ। ମାତ୍ର ଗୋଟିଏ ବର୍ଷ ଭିତରେ ମିଶନ ଶକ୍ତିର ଗତିକୁ ଦୁର୍ବଳ କରିବା ହେଉଛି ଏ ସରକାରର ସଫଳତା। ବ୍ୟାଙ୍କରେ ମା'ମାନେ ହଇରାଣ ହେଉଛନ୍ତି। ସରକାରୀ କାର୍ଯ୍ୟାଳୟରେ ମା'ମାନଙ୍କ କାମ ହେଉନାହିଁ। ଦୁବାଇ ଓ ସିଙ୍ଗାପୁର ଯାଇଥିବା ମା'ମାନେ ଆଜି ଘରେ ବସି ହତାଶ। ସେମାନଙ୍କର ଆତ୍ମବିଶ୍ୱାସ ଭାଙ୍ଗି ଯାଇଛି। ଏହା ହେଉଛି ଏ ସରକାରର ବଡ଼ ସଫଳତା। ଆମ ସରକାର ସମୟରେ ମିଶନ ଶକ୍ତି ଆନ୍ଦୋଳନ ସାରା ଭାରତରେ ରାଜ୍ୟ ପାଇଁ ସୁନାମ ଆଣିଥିଲା। ମା'ମାନଙ୍କ ସଶକ୍ତିକରଣରେ ବାଧା ସୃଷ୍ଟି କରିବା ଏ ସରକାରର ସବୁଠାରୁ ବଡ଼ ଭୁଲ୍। ମା'ମାନେ ଏହାକୁ କେବେ କ୍ଷମା ଦେବେ ନାହିଁ ବୋଲି ନବୀନ ଚେତାଇ ଦେଇଛନ୍ତି।

ରାଜ୍ୟ ବିଜେପି ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରି ନବୀନ କହିଛନ୍ତି ଯେ ନିର୍ବାଚନ ସମୟରେ କୁହାଗଲା କଟନୀଛଟନୀ ବନ୍ଦ ହେବ। ସବୁ ଚାଷୀ ଏମ୍ଏସ୍ପି ପାଇବେ। ଆମ ଭିତରେ ବହୁ ଚାଷୀ ଭାଇଭଉଣୀ ଅଛନ୍ତି। ଆପଣ କୁହନ୍ତୁ କଟନୀ ଛଟନୀ ବନ୍ଦ ହୋଇଛି କି ? ଲୋକଙ୍କ ସରକାର; କିନ୍ତୁ ଲୋକ ନାରଖାର। ସରକାରଙ୍କୁ ମିଲରଙ୍କର ଭୟ ନାହିଁ, ମିଲରଙ୍କ ଦୟାରେ ଏବେ ଚାଷୀ କାହାକୁ ଗୁହାରି କରିବେ? ଚାଷୀ କୃଷି ଋଣ ପାଇବାରେ ହଇରାଣ ହେଉଛନ୍ତି। ବିଜେଡି ସମୟରେ ରେକର୍ଡ ପରିମାଣରେ ଜଳସେଚନ ହୋଇଥିଲା। ବିଜେପି ସରକାରଙ୍କ ସଫଳତାର ଫର୍ଦ୍ଦ ଏଇଠି ଅଟକୁନାହିଁ; ଚାଲିଥିବା କାମକୁ ଏମାନେ ବନ୍ଦ କରିଦେଲେ। ଲୋକ ଚେତିଲେଣି। ଏହା ସରକାର ବୁଝନ୍ତୁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦୦୦ ମସିହାରେ ବିଜେଡି ସରକାର ଦାୟିତ୍ୱ ନେବା ସମୟରେ ଓଡ଼ିଶାର ଋଣଭାର ୧୮ ହଜାର କୋଟି ଟଙ୍କା ଥିଲା; ଓଭର୍ ଡ୍ରାଫ୍ଟରେ ସରକାର ଚାଲିଥିଲା। ୨୦୨୪ରେ ଆମେ ଦାୟିତ୍ୱ ଛାଡିବାବେଳେ ସରକାରୀ ରାଜକୋଷରେ ଅତିରିକ୍ତ ଥିଲା ୪୫ ହଜାରେ କୋଟି; କିନ୍ତୁ ଏବେ ରେକର୍ଡ ପରିମାଣର ଋଣରେ ସରକାର ଚାଲିଛି । ୨୦୦୫-୦୬ରେ ଓଡ଼ିଶାର ଗରିବୀ ୬୩.୮୩ ପ୍ରତିଶତ ଥିବାବେଳେ ୨୦୨୩ ରେ ଏହା ୧୧.୦୭ ପ୍ରତିଶତକୁ ଆସିଥିଲା। ୧୦୭.୭୮ ଲକ୍ଷ ଲୋକ ଗରିବୀ ସୀମାରେଖା ଉପରକୁ ଉଠିଥିଲେ । ଆଇଏମଆର, ଏମଏମଆର ଆଦି ସବୁ ବିକାଶ ସୂଚକରେ ଆଖିଦୃଶିଆ ସୁଧାର ଆସିଥିଲା ବୋଲି ନବୀନ କହିଛନ୍ତି।

### ପ୍ରତ୍ୟକ୍ଷ ସ୍ନାନ...

ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ସ୍ନାନବେଦୀକୁ ଆସିବେ ଜଗତରନାଥ ଶ୍ରୀଜଗନ୍ନାଥ। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହମାନେ ସ୍ନାନବେଦୀରେ କରିବେ ପ୍ରତ୍ୟକ୍ଷ ସ୍ନାନ। ସୁନା ଗୋସେଇଁ ପରିବାରର ସଦସ୍ୟମାନେ ସୁନାକୂଅରୁ ୧୦୮ ଗଡୁ ଜଳ ଆଣି ଜଳ ଗୃହରେ ରଖିବେ। ଚୁଆ, ଚନ୍ଦନ, କର୍ପୂର ଆଦି ପକାଯାଇ ଜଳକୁ ଅଧିବାସ କରାଯିବ। ଅଧିବାସ ଗୃହରୁ ଗରାବଡୁ ସେବକମାନେ ୧୦୮ ଗଡୁ ଜଳ ନେଇ ୪ଟି ପନ୍ତିରେ ସ୍ନାନବେଦୀରେ ରଖିବେ। ମଧ୍ୟାହ୍ନ ୧୨ଟା ୨୦ରୁ ସ୍ନାନବିଧି ଆରମ୍ଭ କରାଯିବ। ଜଳବିଜେ ଓ ପୂଜା ପରେ ଚତୁର୍ଦ୍ଧାବିଗ୍ରହଙ୍କ ସ୍ନାନ ନୀତି ସମ୍ପନ୍ନ ହେବ। ଶ୍ରୀବଳଭଦ୍ର ୩୩ ଗଡୁ, ସୁଭଦ୍ରା ୨୨ ଗଡୁ, ଶ୍ରୀଜଗନ୍ନାଥ ୩୫ ଗଡୁ ଏବଂ ସୁଦର୍ଶନ ୧୮ ଗଡୁ ଜଳରେ ସ୍ନାନ କରିବେ। ଅପରାହ୍ଣ ସାଢ଼େ ୩ଟାରେ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ଅପରାହ୍ଣ ୪ଟା ୩୦ରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ହାତୀବେଶ ଅନୁଷ୍ଠିତ ହେବ। ଏହି ବେଶ ଥାଇ ଘଣ୍ଟ ଛତା ସକାଳ ଧୂପ ଭୋଗ ସରିବ। ତିନିଠାକୁରଙ୍କ ପହଣ୍ଡି ବିଜେ ସମ୍ପନ୍ନ ହେବା ସାହାଣମେଲା ପୂର୍ବ ପର୍ଯ୍ୟନ୍ତ ସ୍ନାନମଣ୍ଡପ ତଳ ସମ୍ମୁଖ ଭାଗରେ ଥିବା ସ୍ଥାୟୀ ର଼୍ୟାମ୍ପରେ ନିରବଚ୍ଛିନ୍ନ ଭାବେ ଭକ୍ତମାନେ ଦର୍ଶନ କରିପାରିବେ। ସନ୍ଧ୍ୟା ସାଢ଼େ ୭ରୁ ରାତି ସାଢ଼େ ୧୦ଟା ଅର୍ଥାତ୍ ୩ ଘଣ୍ଟା ସାହାଣମେଲା ଦର୍ଶନ ରହିଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ଉପରକୁ ଯାଇ ଦର୍ଶନ କରିବେ କିନ୍ତୁ କେହି ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ। ରାତି ୧୧ଟାରେ ହାତୀବେଶ ମଇଲମ ହେବ। ଏହାପରେ ପୁଷ୍ପାଞ୍ଜଳି ଓ ଡୋରଲାଗି ସରିବା ପରେ ମହାପ୍ରଭୁ ସ୍ନାନବେଦୀରୁ ଗୋଟିପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିବେ। ରାତି ସାଢ଼େ ୧୧ଟାରୁ ୨ଟା ମଧ୍ୟରେ ବାହୁଡ଼ା ପହଣ୍ଡି ଶେଷ କରାଯିବା ଲାଗି ସମୟ ନିର୍ଘଣ୍ଟ ହୋଇଛି। ଏହାପରେ ରାତି ସାଢ଼େ ୨ଟାରେ ସୁନାଚିତା ଓ ରାହୁରେଖା ମଇଲମ ହୋଇ ତାଟି ବନ୍ଧା ଯିବ। ଆରମ୍ଭ ହେବ ଅଣସର ନୀତି। ସ୍ନାନ ପରେ ଜ୍ୱରରେ ପଡ଼ିବେ ମହାପ୍ରଭୁ। ଏହାପରେ ଉପଶମ ପାଇଁ ଚାଲିବ ଉପଚାର। ଦଇତାପତି ସେବକମାନେ ଏହି ଗୁପ୍ତ ସେବା କରିବେ। ମହାପ୍ରଭୁ ସୁସ୍ଥ ହେବା ପରେ ଆସନ୍ତା ୨୭ ତାରିଖରେ ରଥରେ ବସି ଯିବେ ଜନ୍ମବେଦୀକୁ।

ଦେବସ୍ନାନ ପୂର୍ଣ୍ଣିମା ଲାଗି ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଅନ୍ୟପକ୍ଷରେ ଘୋଷଯାତ୍ରା ବିଧି ଯୋଗୁଁ ପ୍ରାୟ ମାସେ ପର୍ଯ୍ୟନ୍ତ ରତ୍ନବେଦୀରେ ଆଉ ଦାରୁବିଗ୍ରହଙ୍କ ଦର୍ଶନ ମିଳିବ ନାହିଁ। ତେଣୁ ଶ୍ରୀମନ୍ଦିରରେ ମଙ୍ଗଳବାର ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅପରପକ୍ଷେ ସୋମବାର ରାତି ୨ଟା ୩୦ରେ ଶ୍ରୀମୁଖ ଖଣ୍ଡୁଆ ଏବଂ ୨ଟା ୪୦ରେ ବାହୁଟ କଣ୍ଟ ହୋଇଥିଲା। ରାତି ୩ଟା ୨୫ରେ କୋଠସୁଆଁସିଆମାନେ ଚାରବନ୍ଧାକୁ ପ୍ରବେଶ କରିଥିଲେ। ମଙ୍ଗଳବାର ସକାଳ ୯ଟାରେ ଚାରବନ୍ଧା ସରିଥିଲା। ଏହାପରେ ଦଇତାପତି ସେବକମାନେ ୯ଟା ୧୫ରେ ସେନାପଟା ଲାଗିକୁ ପ୍ରବେଶ କରିଥିଲେ। ତେଣୁ ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟା ୪୫ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଏହାପରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା।

### ମୋହନଙ୍କ ବର୍ଷେ...

ଅଧ୍ୟକ୍ଷ ହେବାହିଁ ଆଦିବାସୀ ବର୍ଗର ଜଣେ ନେତାଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ମିଳିବା ରାଜ୍ୟବାସୀଙ୍କୁ ଅନେକାଂଶରେ ଚକିତ କରିଥିଲା। ରାଜ୍ୟ ବିଜେପିରେ ଅନେକ ପ୍ରଶ୍ନ ନେତା ଥିଲେ ମଧ୍ୟ ମୋହନଙ୍କୁ କାହିଁକି ଶୀର୍ଷ ନେତୃତ୍ୱ ଏତେ ବଡ଼ ଦାୟିତ୍ୱ ଦେଲେ ତାକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଥିଲା। ତେବେ ରାଜ୍ୟ ରାଜନୀତିକୁ ପାଖରୁ ଦେଖିଥିବା ଏବଂ ମୋହନଙ୍କୁ ପରଖିଥିବା ଲୋକେ ଏନେଇ ଭିନ୍ନ ମତ ରଖନ୍ତି। ୪ ଥର ବିଧାୟକ ଓ ବିରୋଧୀ ଦଳର ମୁଖ୍ୟ ସଚେତକ ଭୂମିକାରେ ବିଧାନସଭାରେ ମୋହନଙ୍କ ପ୍ରଦର୍ଶନକୁ ଶୀର୍ଷ ନେତୃତ୍ୱ ବେଶ୍ ଗମ୍ଭୀରତାର ସହ ପରଖିଛନ୍ତି। ବିଧାନସଭାରେ ସାଥି ବିଧାୟକଙ୍କୁ ସାଙ୍ଗରେ ନେଇ ଚାଲିବା ନେତୃତ୍ୱ କଳା ନିଶ୍ଚିତଭାବେ ଶୀର୍ଷ ନେତୃତ୍ୱଙ୍କୁ ପ୍ରଭାବିତ କରିଥିଲା। ଯାହାଫଳରେ ସବୁ ଆଲୋଚନାକୁ ପଛରେ ପକାଇ ଶୀର୍ଷ ନେତୃତ୍ୱ ମୋହନଙ୍କ ଉପରେ ଭରସିଲେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ନିଜକୁ ମିଳିଥିବା ଗୁରୁଦାୟିତ୍ୱକୁ ବେଶ୍ ଭଲ ଭାବେ ଉପଲବ୍ଧି କରିଛନ୍ତି। ଶିକ୍ଷକ-ସରପଞ୍ଚ-ବିଧାୟକ ଏବଂ ବିଧାୟକରୁ ମୁଖ୍ୟମନ୍ତ୍ରୀ; ଏହି ଲମ୍ବା ରାଜନୈତିକ ଜୀବନର ଅଭିଜ୍ଞତା ହିଁ ମୋର ପୁଞ୍ଜି ଏବଂ ଏହି ପୁଞ୍ଜିକୁ ପାଥେୟ କରି ଲୋକଙ୍କ ସହ ଯୋଡ଼ିହେବାକୁ ମୁଁ ପ୍ରୟାସ ଜାରି ରଖିଛି ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି। ନିଜ ନମ୍ର ଓ ମେଳାପି ସ୍ୱଭାବ ମୋହନଙ୍କୁ ସାଧାରଣ ଲୋକଙ୍କ ସହ ଯୋଡ଼ିପାରିଛି। ଏହା ମଧ୍ୟ ସରକାରଙ୍କ ଉତ୍ତର ଦାୟିତ୍ୱକୁ ଅଧିକ ବଢ଼ାଇଛି।

ଅପରପକ୍ଷେ ମୋହନଙ୍କ ବ୍ୟକ୍ତିତ୍ୱ, ନେତୃତ୍ୱକୁ ନେଇ ବିଭିନ୍ନ ସମୟରେ ସମାଲୋଚନା ପ୍ରକାଶ ପାଉଥିବା ବେଳେ ସେ ନିଜେ ଏନେଇ ଏକାଧିକ ବାର ସ୍ୱଷ୍ଟତାର ସହ ଉତ୍ତର ରଖିଛନ୍ତି। ମୁଁ ଏକ ସାଧାରଣ ଆଦିବାସୀ ପରିବାରରୁ ରାଜନୀତିକୁ ଆସିଛି। ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଦିଗରେ ଯଥାସମ୍ଭବ ଚେଷ୍ଟା କରୁଛି। ତେବେ ମୋ ସରଳତା ପାଇଁ ଆପଣମାନେ ମୋତେ ଦୁର୍ବଳ ବୋଲି ଭାବନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଏକାଧିକ ବାର କହିଛନ୍ତି। ତେବେ ଓଡ଼ିଶା ପରି ରାଜ୍ୟର ନେତୃତ୍ୱ ନେବା ଏକ ବଡ଼ ଆହ୍ୱାନ। ବିଶେଷକରି ଗତ ୨୪ ବର୍ଷରେ ନବୀନ ପଟ୍ଟନାୟକ ସାମଗ୍ରିକ ଭାବେ ଓଡ଼ିଶାର ଯେଉଁ ବିକାଶର ନକ୍ସା ପ୍ରସ୍ତୁତ କରି ସେହି ଅନୁଯାୟୀ ଆଗକୁ ବଢ଼ିଥିଲେ। ଏହି ଧାରାକୁ ବଜାୟ ରଖିବା ଏବେ ମୋହନଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ନିଶ୍ଚିତ। ମୁଖ୍ୟମନ୍ତ୍ରୀ ଭାବେ ନବୀନ ରାଜ୍ୟର ପ୍ରତିଟି ବର୍ଗର ଲୋକଙ୍କ କଥା ଚିନ୍ତା କରୁଥିଲେ। ସମାନ ଭାବେ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେଉଥିଲେ। ଆସନ୍ତା ୪ ବର୍ଷ ଏହି ଆହ୍ୱାନର ମୋହନ କିପରି ମୁକାବିଲା କରୁଛନ୍ତି, ତାହାକୁ ରାଜ୍ୟବାସୀ ବେଶ୍ ସତର୍କତାର ସହ ପରଖିବେ। ଉନ୍ନତ ଶାସନ, ପ୍ରଶାସନିକ ବ୍ୟବସ୍ଥା ଆଶା କରିବେ। ବିଶେଷକରି ରାଜ୍ୟର ରାଜସ୍ୱ ଅଭିବୃଦ୍ଧି, ଆର୍ଥିକ ମିତବ୍ୟୟିତା ଓ ଯୋଜନା ଅଟକଳକୁ ନେଇ ରାଜ୍ୟର ଆର୍ଥିକ ସ୍ଥିତି ଆଗାମୀ ଦିନରେ ମୋହନଙ୍କ ପାଇଁ ଆହ୍ୱାନ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଜିଡିପିରେ ଆଗୁଆ...

ଆକାର ବିଶାଳ ହୋଇଥିଲେ ବି ମୁଣ୍ଡପିଛା ଆୟରେ ଭାରତ ଅନେକ ଦେଶ ତଳେ ରହିଛି ବୋଲି ସେ କହିଛନ୍ତି। ଭାରତ ଏବଂ ଜାପାନର ଅର୍ଥନୀତିର ତୁଳନାତ୍ମକ ବିଶ୍ଳେଷଣ କରି ସେ କହିଛନ୍ତି ଯେ ଭାରତର ମୁଣ୍ଡପିଛା ଆୟ ବହୁତ ଖରାପ ସ୍ଥିତିରେ ରହିଛି। ଭାରତୀୟଙ୍କ ମୁଣ୍ଡପିଛା ଆୟ ଜାପାନୀଙ୍କ ମୁଣ୍ଡପିଛା ଆୟ ତୁଳନାରେ ଯଥେଷ୍ଟ କମ୍ । ଆମେରିକାରେ ମୁଣ୍ଡପିଛା ଆୟ ୮୯୧୦୫ ଡ଼ଲାର ଥିବାବେଳେ ଜର୍ମାନୀରେ ଏହା ୭୨୫୯୯ ଡ଼ଲାର। ଇଂଲଣ୍ଡରେ ଏହା ୬୩୬୬୧ ଡ଼ଲାର, ଫ୍ରାନ୍ସରେ ୬୫୬୭୬ ଡ଼ଲାର, ଇଟାଲୀରେ ୬୩୦୭୬ ଡ଼ଲାର, କାନାଡ଼ାରେ ୬୫୭୦୭ ଡ଼ଲାର, ଜାପାନରେ ମୁଣ୍ଡପିଛା ଆୟ ୫୪୬୭୭ ଡ଼ଲାର, ମାତ୍ର ଭାରତରେ ମୁଣ୍ଡପିଛା ଆୟ ୧୨୧୩୨ ଡ଼ଲାର। ଏପରି ସ୍ଥିତିରେ ଭାରତ ଓ ଜାପାନ ଆର୍ଥିକ ସ୍ଥିତିର ତୁଳନାରେ ଯୌକ୍ତିକତା ନାହିଁ ଓ ଚତୁର୍ଥ ବୃହତ୍ତ ଅର୍ଥନୀତି ହେବାକୁ ନେଇ ଭାରତ ବେଶି ଉତ୍ସାହିତ ହେବାର କୌଣସି କାରଣ ନାହିଁ । ଅର୍ଥନୀତିର ଆକାର ଏକ ଭଲ ସୂଚକାଙ୍କ; କାରଣ ଏହା ବିଶ୍ୱରେ ଭାରତର ଆର୍ଥିକ ସ୍ଥିତିକୁ ମଝବୁତ କରୁଛି। କିନ୍ତୁ ମୁଣ୍ଡପିଛା ଜିଡିପି ଦୃଷ୍ଟିରୁ ଏହା ଭଲ ସୂଚକାଙ୍କ ନୁହେଁ। ଏବେ ବି ଭାରତକୁ ବହୁତ କିଛି କରିବାର ଅଛି। ଦକ୍ଷତା ବିକାଶ ଏବଂ କାର୍ଯ୍ୟବଳକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ୭ ଟ୍ରିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ କରିବାକୁ ହେଲେ ଭାରତକୁ ଔଦ୍ୟୋଗିକ କ୍ଷେତ୍ରକୁ ଅଧିକ ମଜବୁତ କରିବାକୁ ପଡ଼ିବ। କ୍ଲାଉଡେ କହିଛନ୍ତି ଯେ ଉତ୍ପାଦନ କ୍ଷେତ୍ରରେ ଭାରତର ଜିଡିପି ଚୀନର ପ୍ରାୟ ଅଧା ରହିଛି। ଭାରତର ଭୌଗୋଳିକ ଆକାର, ଜନସଂଖ୍ୟା ଏବଂ ଆର୍ଥିକ କ୍ଷମତାକୁ ବିଚାରକୁ ନେଇ ଏହି ଅନୁପାତ ପର୍ଯ୍ୟାପ୍ତ ନୁହେଁ । ଉତ୍ପାଦନ କାର୍ଯ୍ୟକଳାପରେ ଯଥେଷ୍ଟ ବୃଦ୍ଧି ନ ହେଲେ ଭାରତ ୭ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇପାରିବା କଷ୍ଟସାଧ୍ୟ। ସେହିପରି ଡାଟା ମ୍ୟାନେଜମେଣ୍ଟରେ ମଧ୍ୟ ଭାରତ ଚୀନ୍, ଆମେରିକା, ୟୁରୋପ ମଧ୍ୟରେ ସାମିଲ ରହିଛି। ଏହି କ୍ଷେତ୍ରରେ ଭାରତ ପାଇଁ ଅନେକ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

### 'ସେକ୍ସ କ୍ୱିନ୍' ଶ୍ୱେତାଙ୍କ...

ରହିଛି ଓ ଶ୍ୱେତା ଅନେକ ସମୟରେ ଅଶ୍ଳୀଳ ଭିଡ଼ିଓ ପ୍ରସ୍ତୁତି ନିମନ୍ତେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଆସିଛନ୍ତି । ଓଡ଼ିଶାରେ ସମ୍ପୃକ୍ତ ବ୍ୟବସାୟୀ ଆତିଥ୍ୟ ପ୍ରଦାନ କରିବା ସହ ଭିଡ଼ିଓ ସୁଟିଂ ପାଇଁ ସବୁ ସହାୟତା ଯୋଗାଇ ଦେଇଥାଆନ୍ତି । ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ଥିଲେ ହେଁ ଏହା ବ୍ୟବସାୟିକ ଥିଲା କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ । ଅନ୍ୟପକ୍ଷରେ ଗିରଫ ଆଶଙ୍କାରେ ଆତ୍ମଗୋପନ କରିଥିବା ଶ୍ୱେତା ଓଡ଼ିଶା ପଳାଇ ଆସିଥାଇ ପାରନ୍ତି ବୋଲି ମଧ୍ୟ ସନ୍ଦେହ କରାଯାଉଛି । ପଶ୍ଚିମବଙ୍ଗ ପୁଲିସ ମଧ୍ୟ ଏପରି ଆଶଙ୍କାକୁ ଅସ୍ୱୀକାର କରିନାହିଁ । ପଶ୍ଚିମବଙ୍ଗ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶାର ଜଣେ ବଡ଼ ବ୍ୟବସାୟୀ ଫୁଲତୁସୀ ଓରଫ୍ ଶ୍ୱେତା ଖାନ୍ଙ୍କ ସହ ନିୟମିତ ସମ୍ପର୍କରେ ରହିଛନ୍ତି । ଶ୍ୱେତାଙ୍କ ଅନେକ ଅପକର୍ମରେ ସମ୍ପୃକ୍ତ ବ୍ୟବସାୟୀ ଜଡ଼ିତ ଥିବା ପ୍ରମାଣ ମିଳିଛି । ଏ ସମ୍ପର୍କରେ ଅନୁସନ୍ଧାନ କରାଯାଉଛି ଓ ଖୁବ୍ ଶୀଘ୍ର ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ସେକ୍ସ କ୍ୱିନ୍ ଭାବରେ କୁଖ୍ୟାତି ଅର୍ଜନ କରିଥିବା ଶ୍ୱେତାଙ୍କର ଅନେକ କୁଖ୍ୟାତି ଅପରାଧୀଙ୍କ ସହ ସମ୍ପର୍କ ଥିବା ମଧ୍ୟ ଅଭିଯୋଗ ହୋଇଛି । ୨୦୧୫ରେ ନିଜ ଶ୍ୱଶୁର ଘର ଲୋକଙ୍କ ସମ୍ପତ୍ତି ହଡ଼ପ କରିବା ପାଇଁ ସେ କିଛି ଅପରାଧୀଙ୍କୁ ଧରି ପହଞ୍ଚିଥିଲେ ଓ ଶ୍ୱେତାଙ୍କ ଉପସ୍ଥିତିରେ ସେହି ଗୁଣ୍ଡାମାନେ ଗୁଳି ଫୁଟାଇ ଆତଙ୍କ ସୃଷ୍ଟି କରିଥିଲେ। ସେତେବେଳେ ତାଙ୍କୁ ପୁଲିସ ଗିରଫ କରିଥିଲା।

## ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ସମର୍ଥନ କଲା ବସ୍ ଓ ଟ୍ରକ୍ ମାଲିକ ମହାସଂଘ

କଟକ, ୧୦।୬(ସମିସ): ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡକରାକୁ ସମର୍ଥନ ଜଣାଇଛନ୍ତି ରାଜ୍ୟ ଘରୋଇ ବସ ମାଲିକ ସଂଘ, ରାଜ୍ୟ ଟ୍ରକ ମାଲିକ ମହାସଂଘ ଏବଂ ଅଲଓଡ଼ିଶା ମିନି ଟ୍ରକ ମାଲିକ ମହାସଂଘ। ଯାନବାହନଗୁଡ଼ିକର ଯାଞ୍ଚ ପାଇଁ ପୁଲିସକୁ ଅଧିକ କ୍ଷମତା ପ୍ରଦାନକୁ ବିରୋଧ କରି ପୂର୍ବରୁ ଡ୍ରାଇଭର ମହାସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡକରା ଦେଇଛି। ଆଉ କେତେକ ପ୍ରମୁଖ ଦାବିଗୁଡ଼ିକ ଆସନ୍ତା ଜୁଲାଇ ୮ ତାରିଖ ପୂର୍ବରୁ ସମାଧାନ ନହେଲେ ଷ୍ଟିଅରିଂ ଛାଡ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କଟକସ୍ଥିତ ଓଡ଼ିଶା ଟ୍ରକ ମାଲିକ ସଂଘ ଅଫିସ ଗୃହରେ ଅନୁଷ୍ଠିତ ଏକ ମିଳିତ ବୈଠକରେ ନିଷ୍ପତ୍ତି ହୋଇଛି।

ଗାଡ଼ିଗୁଡ଼ିକୁ ଯାଞ୍ଚ ପାଇଁ ପୁଲିସ କ୍ଷମତା ପ୍ରଦାନକୁ ବିରୋଧ ସହ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ କର୍ମଚାରୀ କଲ୍ୟାଣ ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଡ୍ରାଇଭରଙ୍କର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କୁ ଭତ୍ତା ପ୍ରଦାନ, ରାସ୍ତାରେ ଗାଡି ପାର୍କିଂ, ଡ୍ରାଇଭର ମାନଙ୍କର ବିଶ୍ରାମାଗାର ଓ ଶୌଚାଳୟ ପ୍ରତିଷ୍ଠା, ଓଡ଼ିଶା।ର ଖଣି ଖାଦାନରେ ଓଡିଶାର ଡ୍ରାଇଭରଙ୍କୁ ୭୦ ଭାଗ କର୍ମ ଯୋଗାଣ, ସେପ୍ଟେମ୍ବର ୧ତାରିଖକୁ ଡ୍ରାଇଭର ଜାତୀୟ ଦିବସ ପାଳନ କରିବାକୁ ଦାବି କରାଯାଇଛି। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ପରିବହନ ଓ ଖଣି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବୈଠକରେ ବସ ମାଲିକ ସଂଘ, ଟ୍ରକ ମାଲିକ ମହାସଂଘ, ଅଲଓଡ଼ିଶା ମିନିଟ୍ରକ ମାଲିକ ମହାସଂଘ ଏବଂ ଓଡ଼ିଶା ଡ୍ରାଇଭର ମହାସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଚିବାଳୟ ଜୁନିଅର ଜେଡିଇଓ ଗ୍ରେଡେସନ ତାଲିକା ରଦ୍ଦ

କଟକ,୧୦।୬(ସମିସ): ଓଡ଼ିଶା ସଚିବାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଜୁନିଅର ଡାଟାଏଣ୍ଟ୍ରି ଅପରେଟର(ଜେଡିଇଓ)ଙ୍କ ଗତ ୨୦୨୦ ସେପ୍ଟେମ୍ବର ୨୪ର ଗ୍ରେଡେସନ ତାଲିକାକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ବରିଷ୍ଠତା ଉପେକ୍ଷା କରାଯାଇ ଏହି ଗ୍ରେଡେସନ ତାଲିକା ପ୍ରସ୍ତୁତ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାର ଶୁଣାଣିରେ ପୂର୍ଣ୍ଣଛେଦ ପକାଇଛନ୍ତି। ସନାତନ ସାହୁଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଆବେଦନକାରୀଙ୍କୁ ପ୍ରୋଭିଜିନାଲ ଗ୍ରେଡେସନ ତାଲିକା ଓ ବରିଷ୍ଠତା ଅନୁଯାୟୀ ୩ନମ୍ବରରୁ ୧୮ ନମ୍ବର ପ୍ରତିପକ୍ଷ ପର୍ଯ୍ୟନ୍ତ ଜେଡିଇଓଙ୍କଠାରୁ ଉର୍ଦ୍ଧ୍ୱରେ ସ୍ଥାନିତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ୨୦୧୧ରେ ଜେଡିଇଓ ଭାବେ ନିୟମିତ ନିଯୁକ୍ତି ପାଇଥିବା ବେଳେ ଅନ୍ୟ ପ୍ରତିପକ୍ଷ ମାନେ ୨୦୧୩ରେ ଏହି ପଦକୁ ପଦୋନ୍ନତି ପାଇଥିଲେ। ତେବେ ପ୍ରଥମେ ୨୦୨୦ଫେବୃଆରୀର ପ୍ରୋଭିଜିନାଲ ଗ୍ରେଡେସନ ତାଲିକାରେ ଆବେଦନକାରୀ ପ୍ରତିପକ୍ଷଙ୍କଠାରୁ ଉର୍ଦ୍ଧ୍ୱରେ ରହିଥିଲେ। ହେଲେ ୦୨୦ସେପ୍ଟେମ୍ବର ୨୪ର ଚୂଡ଼ାନ୍ତ ତାଲିକା ଅନୁସାରେ ଆବେଦନକାରୀ ୧୭ନମ୍ବର ସ୍ଥାନରେ ରହିଥିଲେ। ଯେଉଁ ତାଲିକାରେ ବରିଷ୍ଠତାକୁ ଉପେକ୍ଷା ପୂର୍ବକ ତାଙ୍କ ଉପରେ ଅନ୍ୟ ପ୍ରତିପକ୍ଷ ମାନେ ରହିଥିଲେ। ଏହାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Badasahi, Mayurbhanj, dated 09-06-2025, I Mamatarani Giri, Address At- Manatri, PO- Manatri, PS- Baisinga, Dist- Mayurbhanj, Odisha, Pin- 757017 declare that I have changed my name from Mamata Giri to Mamatarani Giri. Henceforth, I shall be known as Mamatarani Giri for all purposes.
**Mamatarani Giri**

**AFFIDAVIT**

I SAMIM BANO ,W/o MAHAMMAD HUSSAIN, resisdent of NAGARACHI STREET ,Po/Ps - Jeypore, Dt- Koraput, odisha -764 001, Odisha declare by this Affidavit No.2682,Dated - 10/06/2025,that now onwards I shall be known as SHAMEEM BANU for all future purpose.

**AFFIDAVIT**

I, Arun Kumar Sahu, aged about 56 years, S/o: Abhimanyu Sahu, resident of Azadbasti, Joda, Dist.: Keonjhar, Odisha-758034 by this affidavit No.: 1083-04 dated 15.04.2025 declares that my correct name is Arun Kumar Sahu instead of Aruna Kumar Sahu.Hence forth I shall be known as **Arun Kumar Sahu** for all future purposes.

**NOTICE**
**(for Minor)**

By virtue of an affidavit sworn before Executive Magistrate, Baripada, Mayurbhanj dated - 05.06.2025 I, Ray Hembram At - Patharghera PO - Gendapokhari PS - Kuliana, Dist - Mayurbhanj PIN - 757030, Odisha declare that I have changed the name of my son from SADHU HEMBRAM to BABULU HEMBRAM. Henceforth, he shall be known as BABULU HEMBRAM for all purpose.
**Ray Hembram**

**AFFIDAVIT**

By virtue of an affidavit sworn Before the Notary Public, Sunabeda No.-2633, dtd.10.06.2025, I, PRAN KRUSHNA BAIDYA, of Vill.- Lamtaput, PO.- Lamtaput, Dist.- Koraput, Pin- 764081, Odisha declare that, I have changed my daughter name from **SNEHA BAIDYA** to **SNEHA RANI BAIDYA**. Henceforth she shall be known as **SNEHA RANI BAIDYA** for all purpose.

**AFFIDAVIT**

I ANDHAVARAPU SUKANYA ,W/o ANDHAVARAPU PRASAD RAO, resident of RAI BABU STREET, ,Po/Ps - Jeypore, Dt-Koraput, odisha - 764 001, Odisha declare by this Affidavit No.2683,,Dated - 10/06/2025,that now onwards I shall be known as ANDAVARAPU SUKANYA for all future purpose.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**

I, Sikha Agrawalla, W/o.: Sunil Kumar Agarwal, Resident of Vill: Brahmanideipada, Angul Town, PO./ P.S./Dist.: Angul, Odisha, declare by this affidavit No.: 82 dtd 09.06.2025 that now onwards I shall be known as SHIKHA AGARWAL for all future purposes.

**AFFIDAVIT**

I, Sadasib Dhal, S/o- Bharat Chandra Dhal , Resident of Vill- Gouribelda,Po- Kasida, Ps- Jaleswar, Dist- Balasore, Odisha, declared by affidavit before Executive Magistrate , Balasore No.6683 dtd- 02/06/2025 that, My daughter Smitarani Dhal HSC Certificate vide roll no – 201CA0115. And mention Aadhar Card No-5518 2460 8525 Susumita Dhal. I declare that Smitarani Dhal and Susumita Dhal same and one person for all future purpose.
**Sadasib Dhal**

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar dated- 06/06/2025. I, **Sibarpit Swostik Nayak,** Address: Qr No.1R-20, RD No.3, Unit-9, Bhoi Nagar, Bhubaneswar, Dist- Khordha, Odisha, PIN- 751022 declare that I have changed my name from **Shiba Arpit Swastik To Sibarpit Swostik Nayak.** Henceforth, I shall be known as **Sibarpit Swostik Nayak** for all future purposes.
**Sibarpit Swostik Nayak**

**AFFIDAVIT**

I, Sunil Kumar Agrawalla, S/o.: Indra Chand Agrawalla, Resident of Vill: Brahmanideipada, Angul Town, PO./P.S./Dist.: Angul, Odisha, declare by this affidavit No.: 82 dtd 09.06.2025 that now onwards I shall be known as SUNIL KUMAR AGARWAL for all future purposes.

**AFFIDAVIT**

I, Niroj Sahu, S/o: Durga Prasanna Sahu, residing At: B-106, Plot No.: 1341-75, Mahanadi Vihar, P.O: Nayabazar, Cuttack, declare by this Affidavit No.: 14454, dt. 10.06.2025 that now onwards my Father's name shall be known as **Durga Prasan Sahu** for all purposes.

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 10/06/2025. I, **Kapila Rana,** aged about 40 years, S/O Dhanurya Rana, permanent resident of At- Sirekela, PO- Binekela, PS- Titilagarh, Dist- Balangir, (Odisha), PIN- 767033 now residing at the same place affirm that I (father / mother) have changed my minor Son name from **Sauda Rana** (old name) to **Sadanand Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sadanand Rana** (new name).
**Kapila Rana**

**AFFIDAVIT**

By virtue of an affidavit sworn before the Notary Public Sunabeda, No.- 2631 dtd. 10.06.2025 I Koda Sanai of Vill.- Gatanput, PO- Badel, Dist.- Koraput, Pin- 764041, Odisha declare that I have changed my name from **Koda Sanai**, D/o- Mohan Rao to **Sonadei Gatan**, D/o- Late Sima Gatan. Henceforth I shall be known as **Sonadei Gatan** D/o- Late Sima Gatan for all purpose.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No.- 08 dated 10.06.2025 , I Deepak Kumar Jali, S/o- Pranabandhu Jali, resident of Vill.- Satyabandha, P.O.- Khamar, Ps.- Khamar, Dist.- Angul, PIN- 759118, Odisha declare that, in my Aadhaar Card my name has been wrongly recorded as Padia Jali. Hence **DEEPAK KUMAR JALI** and **PADIA JALI** is same and one person, i.e. myself.

**LOST**

Lost sale Deed of my Property Plot No-1151, Drawing No-177/85, Mouza- Sikharpur,PS- Chauliaganj, Dist- Cuttack, State-Odisha. Document No-RSD 8033 dt-07.05.1999 and RSD 5032 DT-26.12.1988. NCR is lodge on 10.06.2025 at Chauliaganj PS. Finder may send to : Mr. Sanjay Jena at above address. Ph.No-9853086101

**AFFIDAVIT**

I, Mahamadu Khan, aged about 50 years, S/o- Islam Khan, resident of Umerkote, Jagannath Rajapatha, Po- Umarkote, Ps- Umarkote, Dist- Nabarangapur, Odisha, Pin- 764073 declare by this affidavit No. 1156, dtd. 09/06/2025, that now onwards I shall be known as **MD MAHAMUD KHAN** for all future purposes.

**AFFIDAVIT**

I SUBHASMITA SAHU ,W/o PRADIPTA KUMAR SAHU, resident of CHANDAN BADO SAHI, Po/Ps - Jeypore, Dt- Koraput, Odisha -764 001, Odisha declare by this Affidavit No.2684,,Dated - 10/06/2025,that now onwards I shall be known as SUBHASMITASANTRA for all future purpose.

**AFFIDAVIT**

I, Anita Mittal, W/o.: Santosh Agarwal, resident of At: Plot No.: 1045, Bulding No.: 9, Mahanadivihar, Nuabazar, Cuttack Sadar, Nayabazar, Cuttack, PIN-753004, Odisha, declare by this affidavit No.: 6406, dated- 10/06/2025, that now onwards I shall be known as ANITA AGARWAL for all future purposes.

**AFFIDAVIT**

I, Nazia Parveen Mohammed Abdul Quadie Abbasi, D/o- Mohd Ajmeri Ahmed resident of Dewanbazar, P.O- Buxibazar, P.S- Lalbag, Town/Dist- Cuttack Odisha. Declare by this affidavit No. 4690, dated- 10/06/2025 that now onwards I shall be known as **NAZIA PARVEEN** for all future purposes.

**AFFIDAVIT**

I, Shalini bhoot, D/o- Sushil Kumar Bhoot, resident of at - sharma gali, ward no. - 6, PO/PS - Rairangpur, Pin - 757043, Odisha, is legal married wife of Keshav Chandgotia, resident of at -Gandhi park , main road, ward no. - 6, PO/PS - Rairangpur, pin - 757043, Odisha.After my marriage, I have adopted the surname of my husband 'Chandgotia' and after swearing an affidavit before executive magistrate Rairangpur. Henceforth I shall be known as **Shalini Chandgotia** instead of Shalini bhoot for all purposes .

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**POTTERU CANAL DIVISION, M.V-79**
A-271
E-mail ID: sepcdhbsha65@gmail.com

**NOTICE INVITING TENDER**

**e-Procurement Notice No.- SE-PCD-MV79-02/ 2025-26**

The Superintending Engineer, Potteru Canal Division, M.V-79 on behalf of Governor of Odisha invites on-line **percentage rate tender (P-1)** through e-procurement in **double cover system for execution of work.**

*Table – 1: Details of Critical Dates, Details of work, Bid Security*

| Sl. No. | Name of works | Approx. Tender Cost | Class of Contractor | Bid Security/ EMD- (online)- (in INR) | Cost of tender document- (online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of damaged part of C.D at RD.46.980Km, De-silting and strengthening from RD.47.020Km to RD.47.830Km of GMC. | Rs.73,66,255/- (Excluding G.S.T) | 'B' Class | Rs.73,700/- | Rs.10,000/- | 6 (Six) Calendar Months |
| 2 | Repairing of Aqueduct at RD.5.010Km of Tindraspali Minor. | Rs.59,11,329/- (Excluding G.S.T) | 'B' Class | Rs.59,200/- | Rs.10,000/- | 6 (Six) Calendar Months |

*Table – 2: e-Procurement Details*

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Potteru Canal Division, M.V-79 | SE-PCD-MV79-02(1) / 2025-26 | Dt. 16.06.2025 at 10.00A.M. | Dt. 30.06.2025 up to 5.00P.M. | Dt.16.06.2025 to 25.06.2025 at Office during office hours. | Dt. 01.07.2025 at 11.00A.M. | To be intimated after evaluation of Technical Bid. | Office of the Superintending Engineer, Potteru Canal Division, M.V-79 |
| Superintending Engineer, Potteru Canal Division, M.V-79 | SE-PCD-MV79-02(2) / 2025-26 | Dt. 16.06.2025 at 10.00A.M. | Dt. 30.06.2025 up to 5.00P.M. | Dt.16.06.2025 to 25.06.2025 at Office during office hours. | Dt. 01.07.2025 at 11.00A.M. | To be intimated after evaluation of Technical Bid. | Office of the Superintending Engineer, Potteru Canal Division, M.V-79 |

Further details can be seen from the Govt. Web site www.tendersodisha.gov.in
*Other Terms & conditions can be seen from the Government website www.tendersodisha.gov.in
*The Corrigendum/ cancellation of Tender, if any, will be uploaded and can be seen from the above website only.

OIPR-32551/11/0003/2526

Superintending Engineer,
Potteru Canal Division, M.V-79

**ସର୍ବସାଧାରଣ ବିଜ୍ଞପ୍ତି**

ମୁଁ ଶ୍ରୀମତୀ ଆଶା ଅଗ୍ରୱାଲ ଓ ଶ୍ରୀ ଗଣେଶ ଅଗ୍ରୱାଲ, ଘର ନମ୍ବର- ବିବିବି-୧୭, ସିଭିଲ ଟାଉନସିପ୍, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ପିନ୍- ୭୬୯୦୦୪, ଓଡିଶା ନିବାସୀ ଘର ନମ୍ବର- ବି୩/୧୭, ପ୍ଲଟ୍ ନମ୍ବର- ୬୨/୮୭୦, ୫୫/୮୬୯, ୫୨/୮୬୮, ଖାତା ନମ୍ବର- ୬୨/୮୭୦, ମୌଜା-ରାଉରକେଲା ଟାଉନ ୟୁନିଟ୍ ନଂ.୪୨, ରୂପଟୋଲା, ରାଉରକେଲା, କ୍ଷେତ୍ର ଏ-୦.୦୫୫୦ ଡେସିମିଲ୍‌ରେ ଅବସ୍ଥିତ ସମ୍ପତ୍ତିକୁ ଲାମିନେଟେଡ୍ ପୂର୍ବକ ମୂଳ ଉତ୍ସ ଆଧାରରେ ବନ୍ଧକ ରଖିବାକୁ ଇଚ୍ଛା କରୁଅଛି, ଯାହା ତା-୨୬.୦୫.୧୯୬୬ ରିଖରେ ପଞ୍ଜିକୃତ ବିକ୍ରୟ ଦେୟ ନମ୍ବର ୧୧୭୧୧୨୦୦୯୬୭ରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାସ୍‌ମେକ୍ ଶାଖା, ସେକ୍ଟର-୧୭, ରାଉରକେଲା, ଓଡିଶା ଶାଖା କୋଡ୍-୧୦୨୭୩ରୁ ସିଧାସଳଖ ଭାବେ ଋଣ ଗ୍ରହଣ କରିପାରିବି। ଯଦି ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାରର ଦାବି ଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ **ମୁଖ୍ୟ ପରିଚାଳକ, ଏସ୍‌ବିଆଇ, ରାସ୍‌ମେକ୍ ଶାଖା**,ସେକ୍ଟର-୧୭, ରାଉରକେଲାଙ୍କ ନିକଟରେ ଜଣାଇପାରିବେ।

**ଶ୍ରୀମତୀ ଆଶା ଅଗ୍ରୱାଲ ଓ ଶ୍ରୀ ଗଣେଶ ଅଗ୍ରୱାଲ,**
**ଘର ନମ୍ବର ବିବିବି-୧୭, ସିଭିଲ ଟାଉନସିପ୍,**
**ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ଓଡିଶା-୭୬୯୦୦୪**

ଖବର ପ୍ରକାଶ ପରେ...

# ବୈଷୟିକ ପରାମର୍ଶଦାତାଙ୍କୁ ପୁନଃ ଅବସ୍ଥାପିତ

**ବନ୍ତ/ଆଗରପଡ଼ା,୧୦।୬(ସମିସ):** ଗତ ୬ତାରିଖ 'ବନ୍ତ ବ୍ଲକରେ ୯ ଜେଇ ସମ୍ଭାଳୁଛନ୍ତି ୨୫ ପଞ୍ଚାୟତ ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୭୯/୬.୬.୨୫ରେ ଜିଲ୍ଲାପାଳ ତଥା ଅଧ୍ୟକ୍ଷ (ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ), ଭଦ୍ରକ ବନ୍ତ ବ୍ଲକର ଏକମାତ୍ର ବୈଷୟିକ ପରାମର୍ଶଦାତା ଜଗନ୍ନାଥ ବିଶ୍ୱାଳଙ୍କୁ ଧାମନଗର ବ୍ଲକ ସହିତ ବନ୍ତ ବ୍ଲକର ଅତିରିକ୍ତ ଦାଇତ୍ୱ ପ୍ରଦାନ କରିଥିବା ଜଣାପଡ଼ିଛି। ଖବର ପ୍ରକାଶ ପାଇବା ପୂର୍ବରୁ ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୩୮୩/୨୨.୦୫.୨୫ରେ ଶ୍ରୀ ବିଶ୍ୱାଳଙ୍କୁ ଧାମନଗର ବ୍ଲକକୁ ବଦଳି କରାଯାଇଥିଲା। ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତି ପଂ.ାୟତରେ ଜଣେ ପିଇଓ ବା କାର୍ଯ୍ୟନିର୍ବାହୀ ଅଧିକାରୀ, ଜଣେ ଜିଆରଏସ ବା ଗ୍ରାମ୍ୟ ରୋଜଗାର ସେବକ ଏବଂ ଜଣେ କନିଷ୍ଠ ଯନ୍ତ୍ରୀ ରହିବାର ନିୟମ ରହିଛି; କିନ୍ତୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।। ଫଳରେ ଉନ୍ନୟନ ମୂଳକ କାର୍ଯ୍ୟର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବ୍ଲକରେ ୨୫ଟି ଗ୍ରାମପଂଚାୟତ ପାଇଁ ୯ ଜଣ କିନଷ୍ଠ ଯନ୍ତ୍ରୀ କାର୍ଯ୍ୟ କରୁଛନ୍ତି। ୯ଜଣ କନିଷ୍ଠଯନ୍ତ୍ରୀଙ୍କ ମଧ୍ୟରୁ ୬ଜଣ ମହିଳା। ସୂଚନା ଅନୁଯାୟୀ; କନିଷ୍ଠଯନ୍ତ୍ରୀ ସୁପ୍ରଭା ପ୍ରଧାନଙ୍କୁ ବସନ୍ତିଆ, ଗଣିଜାଙ୍ଗ ଓ ଓଡ଼ଙ୍ଗ, ପ୍ରଜ୍ଞା ପରମିତା ମହାନ୍ତିଙ୍କୁ ପୁରୁଷଣ୍ଡ, ଅଣିଜୋ, ଗୋପିନାଥପୁର; ଅସିମା ନାୟକଙ୍କୁ ଚାରିଗାଁ, ବଡ଼ମହିଁଷଗୋଠ, ମହାନ୍ତିପଡ଼ା, ପ୍ରିୟଙ୍କା ପ୍ରିୟଦର୍ଶନୀ ସେଠୀଙ୍କୁ ବିଟିପୁର,କାଦବରାଙ୍ଗ, ନିଳକ,ପ୍ରଜ୍ଞା ପରମିତା ସେଠୀଙ୍କୁ ପଧାନପଡ଼ା, ସେଣ୍ଡତିରା, ରୁପଶ୍ରୀ ଘଡ଼େଇଙ୍କୁ ରାମକୃଷ୍ଣପୁର, ଆଡ଼ିଆ ଓ ଟିଲୋ, ଅମର ଜ୍ୟୋତି ଦିପକ ଜେନାଙ୍କୁ ଗୋବିନ୍ଦପୁର, ବନ୍ତ, ରାମପୁର, ଅନିରୁଦ୍ଧ ବିଶ୍ୱାଳଙ୍କୁ ତୋଡ଼ଗାଁ, କେନ୍ଦୁଆପଦା, ଛତ୍ୟାଳସିଂହ ଏବଂ ପ୍ରଦିପ ପରିଡ଼ାଙ୍କୁ ବଡ଼ବର୍ଚ୍ଛିକୟାଁ ଏବଂ ରାମଚନ୍ଦ୍ରପୁର ପଂଚାୟତର ଦାୟିତ୍ୱ ପ୍ରଦାନ କରାଯାଇଛି। ବ୍ଲକର ଏକମାତ୍ର ବୈଷୟିକ ପରାମର୍ଶଦାତା ଜଗନ୍ନାଥ ବିଶ୍ୱାଳଙ୍କ ଧାମନଗର ବ୍ଲକକୁ ବଦଳି ହୋଇଥିବା ବେଳେ ତିହିଡ଼ି ବ୍ଲକ ଦାଇତ୍ୱରେ ଥିବା ବୈଷୟିକ ପରାମର୍ଶଦାତାଙ୍କୁ ବନ୍ତ ବ୍ଲକର ଦାୟିତ୍ୱ ଦିଆଯାଇଛି। ପ୍ରକାଶ ଥାଉକି; କିଛି ମାସ ପୂର୍ବେ ଶ୍ରୀ ବିଶ୍ୱାଳଙ୍କୁ ଧାମନଗର ବ୍ଲକକୁ ବଦଳି କରାଯାଇଥିଲା। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧିନରେ ଯେତୋଟି ବିଦ୍ୟାଳୟ ଅଛି ଉକ୍ତ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଦାଇତ୍ୱ,ନୂତନ ବିଦ୍ୟାଳୟ ନିର୍ମାଣ,ବିଦ୍ୟାଳୟ ମରାମତି ଏହିପରି ବିଦ୍ୟାଳୟର ଅନେକ କାର୍ଯ୍ୟର ତଦାରଖ ଦାଇତ୍ୱ ବୈଷୟିକ ପରାମର୍ଶ ଦାତାଙ୍କର ଥିବା ସ୍ଥଳେ ତାଙ୍କୁ ବାରମ୍ବାର ବଦଳି କରିବା କେତେଦୂର ଯୁକ୍ତିଯୁକ୍ତ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିବା ସହ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ୯ଜଣ କନିଷ୍ଠ ଯନ୍ତ୍ରୀ ୨୫ଟି ପଂଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ତଦାରଖ ଠିକ୍‌ଭାବେ କରିପାରୁନଥିବା ଅଭିଯୋଗ ମଧ୍ୟ ହେଉଛି। ୨୫ଟି ପଂଚାୟତରୁ ୧୭ଟି ପଂଚାୟତର ଦାଇତ୍ୱ ୬ଜଣ ମହିଳା ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଜଣେ ଜଣେ ୩ଟି କରି ପଂଚାୟତର ଦାଇତ୍ୱ ନିର୍ବାହ କରୁଛନ୍ତି। ଯଦ୍ୱାରା ଉନ୍ନୟନ ମୂଳକ କାର୍ଯ୍ୟରେ ବିଳମ୍ବ ଘଟୁଥିବା ଦେଖିବାକୁ ମିଳୁଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।




# ରାଜପଥ ଢାବାରେ ବେଆଇନ ମଦ ଜବତ କଲା ପୁଲିସ

**ଭଣ୍ଡାରିପୋଖରୀ,୧୦।୬(ସମିସ):** ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ ଜାତୀୟ ରାଜପଥର ନେଉଳିଆ ଢାବାରେ ବେଆଇନ ମଦ ବିକ୍ରି ଉପରେ ପୁଲିସ ଗତ ସୋମବାର ରାତ୍ରରେ ଜବତ କରିବା ସହ ଜଣେ ବ୍ୟକ୍ତିକୁ ଗିରଫ କରିଥିବା ଜଣାଯାଇଛି। ଥାନାଧିକାରୀ କମଳାକାନ୍ତ ଦାସଙ୍କ ନିର୍ଦ୍ଦେଶରେ ସହକାରୀ ସବଇନିସପେକ୍ଟର ଉଦୟଭାନୁ ପାତ୍ର, କନେଷ୍ଟବଳ ବୈଲୋଚନ ଭୋଇ ପ୍ରମୁଖ ପୁଲିସ ଦଳ ସଂପୃକ୍ତ ଢାବାରେ ଚଢ଼଼ଉ କରି ୩୪ ଲିଟର ବିଦେଶୀ ମଦ ଜବତ କରିବା ସହ ବେଆଇନ ମଦ ବିକ୍ରେତା ଅକ୍ଷୟ କୁମାର ରାଉତଙ୍କୁ ଗିରଫ କରିଥିଲେ। ଶ୍ରୀ ପାତ୍ରଙ୍କ ଏତାଲା କ୍ରମେ ଥାନାରେ ୨୮୮/୨୫ନଂ ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ରାଜପଥ ପାଶ୍ୱର୍ ଢ଼ାବାଗୁଡିକରେ ମଦ ଓ ବିଭିନ୍ନ ମାରାତ୍ମକ ନିଶାଦ୍ରବ୍ୟ ବେପାର ଅଭିଯୋଗ ବ୍ୟାପକ ଭାବେ ହେଉଥିବା ଅଭିଯୋଗ ବାରମ୍ବାର ହୋଇଆସୁଥିଲା। ଏପରିକି ଭାଗଡା-ନାରାୟଣପୁର ଟୋଲପ୍ଲାଜା ପରିସର ଜଳଖିଆ ଦେକାନରେ ମଦ ବିକ୍ରି ଖୋଲାଖୋଲି ହେଉଥିôବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏବେ ପୁଲିସ ସକ୍ରିୟ ହୋଇ ମଦଜବତ ଅଭିଯାନ ଆରମ୍ଭ କରିଥିବାରୁ ବେଆଇନ ମଦ ବେପାର ଉପରେ ଅଙ୍କୁଶ ଲାଗିବା ଆଶା କରାଯାଉଛି।

# କ୍ୟାଡର କାର୍ଯ୍ୟକାରୀ ପାଇଁ ଦାବିପତ୍ର



**ବାରିକପୁର,୧୦।୬(ସମିସ):** ଅନେକ ଦିନର ଦାବି ପରେ ସରକାର ଏବେ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକମାନଙ୍କୁ କ୍ୟାଡର ଭୁକ୍ତ କରିଛନ୍ତି। ଏହି ଉପଲକ୍ଷେ ଜିଲ୍ଲା ଗସ୍ତରେ ଆସିଥିବା ସମ୍ବାୟ ସମିତି ସମୂହ ନିବନ୍ଧକ ସିଦ୍ଧାନ୍ତ କୁମାର ଦାସଙ୍କୁ କର୍ମଚାରୀ ସଂଘ ପକ୍ଷରୁ ଏହାର ଏକକିତା ନକଲ ପ୍ରଦାନ କରାଯାଇଛି। ସଂଘ ସମ୍ପାଦକ ଅରୁଣ ଉଦୟ ପାତ୍ରଙ୍କ ନେତୃତ୍ୱରେ ସମ୍ପାଦକମାନେ ଉଚ୍ଚ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହିତ କ୍ୟାଡର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ନିବେଦନ କରିଥିଲେ। ଏଥିରେ ବରିଷ୍ଠ ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡାଇ, ଜୟନ୍ତ କୁମାର ଭୋଇ, ସୋମ୍ୟରଞ୍ଜନ ପଣ୍ଡା, ପିନାକୀ ଦାସ, ରାମଚନ୍ଦ୍ର କର, ଗୌରାଙ୍ଗ ନାୟକ, ବିଧାନ ଘୋଷ, ସୁମନ୍ତ ସେନାପତି, ସଞ୍ଜୟ ମଲ୍ଲିକ, ପଦ୍ମନାଭ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଯଥାଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ଉଚ୍ଚ କର୍ତୃପକ୍ଷ କର୍ମଚାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର 'ଟେବୁଲ ଟପ୍ ଏକ୍ସରସାଇଜ' ବୈଠକ



**ଭଦ୍ରକ,୧୦।୬(ସମିସ):** ଆଜି ପୂର୍ବାହ୍ନ ୧୦ଟାରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର "ଟେବୁଲ ଟପ୍ ଏକ୍ସରସାଇଜ' ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ ବୈଠକର ଅଧ୍ୟକ୍ଷତା କରିଥିଲେ। ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି ଓ ସରୋଜ ଦତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, କମାଣ୍ଡର ଏନସିସି ସରୋଜ୍ ସାହୁ, ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ସାଗରିକା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧିର ରଞ୍ଜନ ନାୟକଙ୍କ ସହିତ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ପୌର ଅଧିକାରୀ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ବୈଠକରେ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଅଧିକାରୀଙ୍କ କାର୍ଯ୍ୟ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି ଆଲୋଚନା କରିଥିଲେ। ବାତ୍ୟା ନିୟନ୍ତ୍ରଣ, ବନ୍ୟା ନିୟନ୍ତ୍ରଣ, ଲୁଣା ପାଣି ନିୟନ୍ତ୍ରଣ ଏବଂ ପରିଚଳନା ବିଷୟ ସଂପୃକ୍ତ ବିଭାଗର କର୍ତ୍ତବ୍ୟ ଓ ଏହକାର୍ଯ୍ୟକୁ କିପରି ସମ୍ପାଦନ କରିବେ ତାହାର ଏକ ତଥ୍ୟ ପିପିଟି ମାଧ୍ୟମରେ ଦର୍ଶାଇଥିଲେ। ଜୁନ ୧୮ ତାରିଖରେ ହେବାକୁ ଥିବା ବୈଠକରେ ସମସ୍ତ ବିଭାଗର ପ୍ରାକୃତିକ ବିପତି ଓ ବିପର୍ଯ୍ୟୟ ସଂପୃକ୍ତ ଅଧିକାରୀଙ୍କ କର୍ତ୍ତବ୍ୟ ଓ ଅନ୍ୟା ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିପର୍ଯ୍ୟୟର ମୁକାବିଲା କରିବା ବିଷୟରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶେଷରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଲେ ଯେ ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ଏହି ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛି। ଜୁନ ମାସରୁ ପ୍ରାକୃତିକ ବିପର୍ଯ୍ୟୟ ଆରମ୍ଭ ହୋଇଯାଇଥାଏ। ଆମର ସ୍ୱଳ୍ପ ସମ୍ବଳ ଓ ଅର୍ଥକୁ ବିନିଯୋଗ କରି ବିପର୍ଯ୍ୟୟକୁ ସାମନା ଓ ଶୂନ୍ୟ ମୃତ୍ୟୁହାର ପ୍ରଥମ ଆଭିମୁଖ୍ୟ ବୋଲି ସୁଚେଇ ଥିଲେ।

# ଧାନ କିଣାରେ ଅବ୍ୟବସ୍ଥା : ମଣ୍ଡି ପରିଦର୍ଶନ କଲେ ଅଧିକାରୀ

**ବାରିକପୁର,୧୦।୬(ସମିସ):** ଭଣ୍ଡାରିପୋଖରୀର ବ୍ଲକ ଅଞ୍ଚଳରେ ରବି ଶସ୍ୟ ବିକ୍ରି ଅବ୍ୟବସ୍ଥାକୁ ନେଇ ଉଚ୍ଚପଦସ୍ଥ ଅଧିକାରୀମାନେ ମଙ୍ଗଳବାର ଜଳମଣ୍ଡୁଆ ସମବାୟ ସମିତି ଅଧିକୃତ ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ରାଜ୍ୟ ସମବାୟ ସମିତି ସମୂହ ନିର୍ଦ୍ଦେଶକ ସିଦ୍ଧାନ୍ତ କୁମାର ଦାସ, ଅତିରିକ୍ତ ନିର୍ଦ୍ଦେଶକ ଭକ୍ତବନ୍ଧୁ ସାହୁ ଓ ଯୋଗାଣ ବିଭାଗ ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ଚକ୍ରବର୍ତୀ ମଣ୍ଡିରେ ପହଞ୍ଚି ଜିଲ୍ଲା ଅଧିକାରୀମାନଙ୍କ ସହିତ ବିଭିନ୍ନ ଆଲୋଚନା କରିଥିଲେ। ବିଶେଷ କରି ଉପସ୍ଥିତ ଚାଷୀମାନେ ମିଲର ମନମାନି ସମ୍ପର୍କରେ ଅଧିକାରୀମାନଙ୍କୁ ସୂଚନା ଦେଇଥିବା ବେଳେ ଧାନକ୍ରୟ ଉପରେ କର୍ତ୍ତୃପକ୍ଷ ବିଭିନ୍ନ ତର୍ଜମା କରିଥିଲେ। ଏହାଛଡା ଯଥାଶୀଘ୍ର ଶସ୍ୟ କ୍ରୟ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଭଦ୍ରକ ଜିଲ୍ଲା ସମବାୟ ସମିତି ସମୂହ ଉପ ନିବନ୍ଧକ ଦୁଃଖିଆ ଟୁଡୁ, ସହକାରୀ ନିବନ୍ଧକ ପ୍ରାଚୀତା ଜେନା, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ସମବାୟ କ୍ଷେତ୍ର ଅଧିକାରୀ ସଞ୍ଜୟ ମହାନ୍ତି, ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ସମିତି ସଭାପତି ରତ୍ନାକର ପାତ୍ର, ଜୟନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ୟା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିଥିଲେ। ଏହାଛଡା ସମବାୟ ଅଧିକାରୀ ବସନ୍ତ ରଣା, ସମ୍ପାଦକ ଜୟନ୍ତ କୁମାର ଭୋଇ, ରାଜେନ୍ଦ୍ର କୁମାର ଖଣ୍ଡାଇ, ଚାଷୀ ମୁକ୍ତିକାନ୍ତ ଜେନା, ସନ୍ତୋଷ ରାଉତ, ଦିଲ୍ଲିପ ବାରିକ, ପ୍ରଶାନ୍ତ ଜେନା, ସୁରେଶ ଜେନା, ବଂଶୀଧର ରାଉତ ମଧ୍ୟ ଉପସ୍ଥିତ ଥିଲେ।

# ଜିଲ୍ଲା ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**ଭଦ୍ରକ,୧୦।୬(ସମିସ):** ଭଦ୍ରକ ଜିଲ୍ଲା ଭାରତୀୟ ମଜଦୁର ସଂଘ ସଂଲଗ୍ନ ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ବର୍ଦ୍ଧିତ ପରିବେଶ ପ୍ରଦୂଷଣ ଜନିତ ସମସ୍ୟାର କାରଣ ଓ ନିରାକରଣ ନେଇ ଦାବିପତ୍ର ମଙ୍ଗଳବାର ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଛି। ସମ୍ପ୍ରତି ମୃତିକା, ଜଳ, ବାୟୁ ଓ ଶବ୍ଦ ପ୍ରଦୂଷଣ କିଭଳି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇ ସମଗ୍ର ଜନ ସମାଜକୁ ବିପଦ ମୁହଁକୁ ଠେଲି ଦେଉଛି ସେଥିନେଇ ଜିଲ୍ଲା ପ୍ରଶାସନ ସଚେତନ ରହିବା ସହିତ ଏଦିଗରେ ଜରୁରୀ ପଦକ୍ଷେପ ନେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ମଞ୍ଚ ପକ୍ଷରୁ କରାଯାଇଥିବା ଲିଖିତ ଦାବିଗୁଡ଼ିକ ମଧ୍ୟରେ-ଜିଲ୍ଲାର ନଦୀ ଓ ଡ୍ରେନଗୁଡ଼ିକୁ ପ୍ରଦୂଷଣ ମୁକ୍ତ ରଖିବା, ଅନାବଶ୍ୟକ ଗଛ କଟା ଓ ଥରେ ମାତ୍ର ବ୍ୟବହୃତ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିବା, ଜଳ ସଂରକ୍ଷଣ ଲାଗି ଜଳ ଅମଳ ପ୍ରକଳ୍ପ ଉପରେ ଗୁରୁତ୍ୱ ପ୍ରଦାନ କରିବା, ପ୍ରଦୂଷଣ ବୃଦ୍ଧି କରୁଥିବା ଶିଳ୍ପାନୁଷ୍ଠାନଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଶବ୍ଦ ପ୍ରଦୂଷଣ ହ୍ରାସ ଦିଗରେ ପଦକ୍ଷେପ ନେବା, ଚଳପ୍ରଚଳ କରିବାକୁ ଅଯୋଗ୍ୟ ଗାଡ଼ି ଚଳାଚଳ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲଗାଯିବା ଆଦି ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମରେ ମଞ୍ଚର ଜିଲ୍ଲା ସଂଯୋଜକ ତପନ କୁମାର ପଣ୍ଡା, ଜିଲ୍ଲା ଅଧିବକ୍ତା ପରିଷଦର ସହ ସଂଯୋଜକ ତଥା ମଞ୍ଚର ସଦସ୍ୟ ସଞ୍ଜୟ କୁମାର ମହାନ୍ତି, ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ମନୋଜ ପାତ୍ର, ତହସିଲ ସଂଯୋଜକ ବିପିନ ମିଶ୍ର, ଚନ୍ଦନ ପତି, ପ୍ରଶାନ୍ତ ବଳ, ମନୋଜ ମିଶ୍ର, ସୁଶାନ୍ତ ନାୟକ, ସୁବ୍ରତ ପଣ୍ଡା ଓ ଭାବଗ୍ରାହୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବାସୀ ଶ୍ରମିକଙ୍କ ସମସ୍ୟା, ମୌଳିକ କର୍ତ୍ତବ୍ୟ ନେଇ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ,୧୦।୬(ସମିସ):** ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧୀକରଣ, କଟକଙ୍କ ପ୍ରଦତ୍ତ କ୍ୟାଲେଣ୍ଡର କାର୍ଯ୍ୟକ୍ରମ ଅନୁସାରେ ଥିବା ପ୍ରବାସୀ ଶ୍ରମିକଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ତଥା ଜଣେ ବ୍ୟକ୍ତିର ମୌଳିକ କର୍ତ୍ତବ୍ୟ ସବୁ କ'ଣ ରହିଛି ସେ ନେଇ ଏକ କାର୍ଯ୍ୟକ୍ରମ ଚରମ୍ପାସ୍ଥିତ ରହଣିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଚାଲେଞ୍ଜକୁ ତଥା କିପରି ସାମାଜିକ ମଣିଷଟିଏର ମୌଳିକ କର୍ତ୍ତବ୍ୟ ସମ୍ପର୍କିତ ଆଇନ୍ ସଚେତନତା କାର୍ଯ୍ୟକ୍ରମକୁ ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଲୋକ ରଥ ପରି.ଳନା କରିଥିଲେ। କାର୍ଯ୍ୟକ୍ରମରେ ଏଲ୍‌ଏଡିଏସର ସଦସ୍ୟ, ମୋଜାହିଦ ଅଖତାର ଖାନ, ତାପସ କୁମାର ମହାନ୍ତି ଏବଂ ପ୍ରତ୍ୟୁଷ କୁମାର ବେହେରା, ସହାୟକ ଶ୍ରମବିଭାଗ ଅଧିକାରୀ, ପିଏଲ୍‌ଭି ମାନଙ୍କ ମଧ୍ୟରେ ଅର୍ଣ୍ଣପୂର୍ଣ୍ଣା ସାହୁ, ଉର୍ମିଳା ପଣ୍ଡା, ସସ୍ମିତା ବାରିକ୍, ମଧୁସ୍ମିତା ମଲିକ, ପ୍ରମିଳା ପ୍ରଧାନ, .ରୁଲତା ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟାକୁ ସରକାର କିପରି ସେମାନଙ୍କୁ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ପାଇଁ ସଚେତନଶୀଳ ଏବଂ ସେମାନଙ୍କ ପାଇଁ ଥିବା ଉଦ୍ଦିଷ୍ଟ ଆଇନ୍ ତଥା ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଜରିଆରେ ୮ଜଣ ଶ୍ରମିକମାନଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ କେତେକ ଶ୍ରମିକ ଶ୍ରେଣୀୟ ଲୋକମାନଙ୍କର ସମସ୍ୟାକୁ ମଧ୍ୟ ସମାଧାନ କରାଯାଇଥିଲା। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କର୍ମୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏଥିରେ ୭୦ରୁ ଉର୍ଦ୍ଧ୍ୱଲୋକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଆଇନ୍ ସେବା ପ୍ରାଧିକରଣଙ୍କ ପ୍ରଦତ୍ତ ୧୫୧୦୦ (ଟୋଲଫ୍ରି) ନମ୍ବର ତଥା ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟ ସମ୍ପର୍କରେ ସେଠାରେଥିବା ଉପସ୍ଥିତ ଲୋକମାନଙ୍କୁ ସଚେତନ କରାଯାଇଥିଲା।

# ନୂତନ ଏସ୍‌ପିଙ୍କୁ ସାକ୍ଷାତ କଲେ ବରିଷ୍ଠ ନାଗରିକ



**ଭଦ୍ରକ,୧୦।୬(ସମିସ):** ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ପ୍ରତିନିଧି ମଣ୍ଡଳୀ ନୂତନ ଭାବେ ଏସ୍‌ପି ଦାୟିତ୍ୱ ନିର୍ବାହ କରିଥିବା ମନୋଜ ରାଉତଙ୍କୁ ଭେଟିଛନ୍ତି। ଏହି ସୌହାର୍ଦ୍ଦପୂର୍ଣ୍ଣ ସାକ୍ଷାତ ସହିତ ଜିଲ୍ଲାର ସମସ୍ତ ବରିଷ୍ଠ ନାଗରିକଙ୍କୁ ପୁଲିସ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ଏବଂ ଖୁବ ଶୀଘ୍ର ସାଇବର କ୍ରାଇମ ଓ ବରିଷ୍ଠ ମାନଙ୍କୁ ଘରୋଇ ହିଂସାରୁ ମୁକ୍ତ ପାଇଁ କର୍ମଶାଳା କରିବାକୁ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ନୀତିଗତ ଭାବେ ଡିଜେରୁ ଭାଇବ୍ରେଟରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ସ୍କ୍ୱାଡ ଅନୁସାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆଗାମୀ ଦିନରେ ନିଷିଦ୍ଧ କରିବାକୁ ଆଶୁ ପଦକ୍ଷେପ ନେବା ପାଇଁ ଦାବି ରଖିଥିଲେ। ସେହିଭଳି ଏକାକୀ ରହୁଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ପୁଲିସ ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ଉପସ୍ଥିତ କର୍ମକର୍ତ୍ତା ଏସ୍‌ପି ଶ୍ରୀ ରାଉତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନର ବରିଷ୍ଠଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଅଛି ବୋଲି ନୂତନ ଏସ୍‌ପି କହିଥିଲେ। ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ଉପଦେଷ୍ଟା ଏସ. ଏମ. ଫାରୁକ, ଇନ୍ଦ୍ରମଣି ପଣ୍ଡା, ଅଜୟ କୁମାର ନାୟକ, ଶଶିକାନ୍ତ ପାଢ଼ୀ, ବସନ୍ତ କୁମାର ସାହାଣୀ, କୋଷାଧ୍ୟକ୍ଷ ବିଜୟ ସେନାପତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ କୃତୀ ଛାତ୍ରଛାତ୍ରୀ ପୁରସ୍କୃତ



**ଆରଡି,୧୦।୬(ସମିସ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଓଡିଶା ପକ୍ଷରୁ ମଙ୍ଗଳବାର ଆରଡିପୀଠ ସାହୁ କଲ୍ୟାଣ ମଣ୍ଡପରେ ୨୦୨୪-୨୫ ବର୍ଷର ଦଶମଶ୍ରେଣୀରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ଓ ଅଭିନନ୍ଦନ ସଭା ଆୟୋଜିତ ହୋଇଯାଇଛି। ଉକ୍ତ ସଭାରେ ସଂଘର ସଭାପତି ଗୌରାଙ୍ଗ ଚରଣ ମଲିକ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷିକେଶ ନାୟକ, ମୁଖ୍ୟବକ୍ତା ତଥା ସଂଘର ସମ୍ପାଦକ ବବୃବାହାନ ଭୋଇ ଏବଂ ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଲଛମନ ନାୟକ, ଚିତରଞ୍ଜନ ମହାନ୍ତି, ଶିକ୍ଷକ ମଙ୍ଗୁଳିଚରଣ ସେଠୀ, ସୁବୋଧ ଖୁଟିଂଆ, ପ୍ରଫୁଲ ଦାଶ, ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବନିତା ପୃଷ୍ଟି, ଶିକ୍ଷୟିତ୍ରୀ ରାଜଶ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ନୀତିଶିକ୍ଷା ଉପରେ ଅଭିଭାଷଣ ରଖିଥିଲେ। ପରେ ଆରଡି ସମେତ ନାନ୍ଦପୁର, ଓଳଗ, ସୁନ୍ଦରପୁର ୪ଟି ପଞ୍ଚାୟତର ଚଳିତବର୍ଷ ଦଶମଶ୍ରେଣୀରେ ସର୍ବାଧିକ ନମ୍ବର ରଖି କୃତି ହାସଲ କରିଥିବା ୩୪ଜଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ସିଲ ପ୍ରଦାନ କରାଯିବା ସହ ଅଭିନନ୍ଦନ ଜଣାଯାଇଥିଲା। ତାହାସହ ଛାତ୍ରଛାତ୍ରୀ ଆଗାମୀ ଦିନର ନିଜର ଲକ୍ଷ୍ୟ ସାଧନା ପାଇଁ ଏହି ପୁରସ୍କାର ପ୍ରେରଣାର ଉତ୍ସ ହେବ ବୋଲି ସଂଘର ସମ୍ପାଦକ ବବୃବାହାନ ଭୋଇ କହିଛନ୍ତି।

# ପୂର୍ବତନ ସମିତି ସଭ୍ୟଙ୍କ ସ୍ମୃତିଚାରଣ ସଭା




**ଧାମନଗର,୧୦।୬(ସମିସ):** ଧାମନଗର ବ୍ଲକ ଅଧୀନ ଚୁଡ଼ାକୁଟି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ସମାଜସେବୀ କେଶବ ଚନ୍ଦ୍ର ଦାସ ଜଣେ ଧର୍ମପରାୟଣ ଓ ଅନୁଷ୍ଠାନ ପ୍ରେମୀ ବ୍ୟକ୍ତି ଥିଲେ। ତାଙ୍କ ଏକାଦଶାହ ଅବସରରେ ବିଦ୍ୟାଧରପୁର ଛକ ତାରିଣୀ ମନ୍ଦିର ସମ୍ମୁଖରେ ଶିକ୍ଷାବିତ ସୁବାସ ଚନ୍ଦ୍ର ବାରିକଙ୍କ ସଂଚାଳନରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସରପଞ୍ଚ କସ୍ତୁରୀ ବିଶ୍ୱାଳ, ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ବ୍ଲକ କଂଗ୍ରେସ ସଭାପତି ରମେଶ ବେହେରା, ବରିଷ୍ଠ ନାଗରିକ ପରିଷଦ ସଭାପତି ଅନିଲ କୁମାର ବାରିକ, ବିଜେଡି ନେତା ଉମେଶ ମହାନ୍ତି, କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀ, ନରେନ୍ଦ୍ର ମଲ୍ଲିକ, ଅଭିଷେକ ରାଉତ, ବିଦ୍ୟାଧର ଜେନା, ହୃଦାନନ୍ଦ ସେଠୀ, ପ୍ରସନ୍ନ ଧଳ, ଶିକ୍ଷାବିତ ରବିନ୍ଦ୍ର କୁମାର ପଣ୍ଡା, ରାମଚନ୍ଦ୍ର ସାହୁ, ରାହାସ ମଲ୍ଲିକ, ବିଜୟ ସାହୁ, ପୂର୍ବତନ ସରପଞ୍ଚ ନରେନ୍ଦ୍ର ଦାସ, ବିଶ୍ୱରଞ୍ଜନ ବିଶ୍ୱାଳ, ଯାଦବ ନେତା ମାଧବ ଖଟୁଆ, ସମାଜସେବୀ ସନ୍ତୋଷ ଦାସ ପଲାଇ, ପୀତବାସ ପଣ୍ଡା, ସୁରେନ୍ଦ୍ର ନନ୍ଦୀ ପ୍ରମୁଖ ଯୋଗଦେଇ ତାଙ୍କ ସୁଗୁଣ ଗାନ କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ସ୍ୱର୍ଗତ ଦାସଙ୍କ ଫୋଟୋଚିତ୍ରରେ ପୁଷ୍ପ ଅର୍ପଣ ସହିତ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିବା ବେଳେ ନିରାକାର ପଣ୍ଡା ବେଦପାଠ କରିଥିଲେ। ଶେଷରେ ସାନପୁଅ ନିଗମାନନ୍ଦ ଦାସ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ଜରୁରୀ ଅଧିବେଶନ

**ଭଦ୍ରକ,୧୦।୬(ସମିସ)**




ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ମିଳନୀ କକ୍ଷ 'ନିତ୍ୟାନନ୍ଦ ଭବନ' କୁଆଁସରେ ଜରୁରୀ ଅଧିବେଶନ ସଭାପତି ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି, ଉପସଭାପତି ହରମୋହନ କୁଅଁର, ଡ଼ଃ ଗୋଲକ ବିହାରୀ ସାହୁ ଓ ସାଧାରଣ ସମ୍ପାଦକ ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ ମଞ୍ଚାସିନ ଥିଲେ। ସର୍ବଭାରତୀୟ ଷ୍ଟେଟ୍ ପେନ୍‌ସନ୍‌ର ସଂଘର ଆହ୍ୱାନ କ୍ରମେ ରାଜ୍ୟ ଓ ଜିଲ୍ଲାସ୍ତରରେ ସଂଘର ପ୍ରମୁଖ ଦାବିରେ ନିଆଯାଉଥିବା ପଦକ୍ଷେପ ବାବଦରେ ଯୁଗ୍ମ ସମ୍ପାଦକ ଅଜିତ କୁମାର ନାୟକ, ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ର, ସଦସ୍ୟ ଚନ୍ଦ୍ରମୋହନ ମହାନ୍ତି ଓ ଅରବିନ୍ଦ ବସନ୍ତରାୟ ରାଜ୍ୟସ୍ତରରେ ଅନୁଷ୍ଠିତ ଅଧିବେଶନରେ ଆଲୋଚିତ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଭାରତରେ ପ୍ରାକ୍ ସ୍ୱାଧୀନତା କାଳରୁ ଓ ସ୍ୱାଧୀନତା ପରବର୍ତ୍ତୀ ୭ଟି ବେତନ କମିଶନରେ କାର୍ଯ୍ୟରତ କର୍ମଚାରୀ ଓ ଦୀର୍ଘ ବର୍ଷ କାର୍ଯ୍ୟକରି ଅବସର ନେଇଥିବା ସମସ୍ତ ପେନ୍‌ସନରଙ୍କ ପେନ୍‌ସନ ବୃଦ୍ଧି ହୋଇଥାଏ। ଏହା ଦରଦାମ୍ ଓ ଲିଭିଂକଷ୍ଟ ବୃଦ୍ଧି ଦୃଷ୍ଟିରୁ ହୋଇଆସୁଅଛି। ଫଳରେ ସମସ୍ତ ପେନ୍‌ସନର ନିଜର ମାନବାଧିକାର ତଥା ମୌଳିକ ଅଧିକାର ସ୍ୱରୂପ ପେନ୍‌ସନ ସଂଶୋଧନ ହୋଇ ନୂତନ ବୃଦ୍ଧି ପେନ୍‌ସନ୍‌ପ୍ରାପ୍ତ ହୋଇଥାଆନ୍ତି। ମାତ୍ର ଆସନ୍ତା ୨୦୨୬ର ବେତନ କମିଶନରର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାର ଲୋକସଭା ଓ ରାଜ୍ୟସଭାରେ ଗୃହୀତ କରାଇ ମାର୍ଚ୍ଚ ମାସରେ ରାଷ୍ଟ୍ରପତିଙ୍କ ଅନୁମୋଦନ କରାଇ ଅଷ୍ଟମ ବେତନ କମିଶନର ଭାରତର କୌଣସି ବର୍ଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ବେତନ ବୃଦ୍ଧିପାଇଁ ଅର୍ନ୍ତଭୁକ୍ତ ନକରାଇବା ସହିତ ପେନ୍‌ସନରଙ୍କ ପେନ୍‌ସନ୍ ବୃଦ୍ଧି ନକରାଇବା ପାଇଁ ଆଇନରେ ପରିଣତ କରାଇଅଛନ୍ତି। ଏହା ଦ୍ୱାରା ଦୀର୍ଘଦିନର ପ୍ରଚଳିତ ନିୟମର ପରିବର୍ତ୍ତନ କରାଇ କେନ୍ଦ୍ର ସରକାର ପେନ୍‌ସନରଙ୍କ ପେନ୍‌ସନ୍ ବୃଦ୍ଧି ବନ୍ଦକରି ସେମାନଙ୍କର ଜୀବନ ଜୀବିକା ପ୍ରତି କୁଠାରଘାତ କରାଇଛନ୍ତି। ଏନେଇ ସର୍ବଭାରତୀୟ ସ୍ତରରେ ଆସନ୍ତା ୨୩ ତାରିଖରେ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଏହାର ପୁର୍ନବିଚାର କରି ପାଶ୍ କରାଇଥିବା ଆଇନ୍ ପ୍ରତ୍ୟାହାର ପାଇଁ ଦାବିପତ୍ର ପ୍ରଦାନ କରାଯିବ। ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ଏହାକୁ ସମର୍ଥନ କରିଥିଲେ। ନୂତନ ସଦସ୍ୟତା ଗ୍ରହଣ କରିଥିବା ବସନ୍ତ କୁମାର ସାହାଣୀଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗ୍ରାମ କେଶରୀ ସାହୁ, ମଦନମୋହନ ନାୟକ, କିଶୋର ଚନ୍ଦ୍ର ରାୟ, ଡ଼ଃ ରାଧାରାଣୀ ମହାପାତ୍ର, ସୁରେଶ କୁମାର ସାହୁ, ଯୁଧିଷ୍ଠିର ବାରିକ୍, ରମେଶ ଚନ୍ଦ୍ର ଦାସ, ଆଦିତ୍ୟ କୁମାର ନାୟକ, ଉପେନ୍ଦ୍ର ରାଉତ, ରବୀନ୍ଦ୍ର ନାୟକଙ୍କ ସମେତ ଅନେକ ସଦସ୍ୟା/ସଦସ୍ୟା ଉପସ୍ଥିତ ଥିଲେ। ଶେଷରେ ଲକ୍ଷ୍ମଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଲ ତଳକୁ ଖସିଲା ଟ୍ରେଲର



ରାମଚନ୍ଦ୍ରପୁର,୧୦।୬(ସମିସ): ୨୦ନମ୍ବରରାଜପଥ ରାମଚନ୍ଦ୍ରପୁର ରାମେଶ୍ୱର ମନ୍ଦିର ନିକଟରେ ଥିବା ଘାଗିଆନାଳ ପୋଲ ତଳକୁ ମଙ୍ଗଳବାର ଅପରାହ୍ନରେ ଏକ ଲୁହା ପଥର ବୋଝେଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ଗାଡି ଚାଳକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇ ଫେରାର୍ ହୋଇଯାଇଥିବା ଜଣାପଡିଛି। ଖବର ପାଇ ରାମଚନ୍ଦ୍ରପୁର ପୁଲିସ ତଦନ୍ତ ଜାରି ରଖିଛି। ଓଡି୨୯ ଏନ ୫୫୨୯ ନମ୍ବର ଥିବା ୧୮ ଚକିଆ ଟ୍ରେଲରଟି କେନ୍ଦୁଝରରୁ ଲୁହାପଥର ବୋଝେଇ କରି ୨୦ ନମ୍ବର ଜାତୀୟ ରାଜପଥରେ ପାରାଦୀପ ଯିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡିଛି।

## ଆବାସ ଯୋଜନାରୁ ବଞ୍ଚିତ ବୃଦ୍ଧା




ଆନନ୍ଦପୁର,୧୦।୬ (ସମିସ): ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ୬ନଂ ୱାର୍ଡ଼ ରାଜପୁତ ସାହିର ସ୍ୱର୍ଗତ ପ୍ରହଲ୍ଲାଦ ସିଂହଙ୍କ ପତ୍ନୀ କୁସୁମ ସିଂହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାମୀଙ୍କ ଦେହାନ୍ତ ପରେ ବିଧବା କୁସୁମ ଓ ତାଙ୍କ ମାନସିକ ଅନଗ୍ରସର ୪୨ ବର୍ଷର କନ୍ୟା ଭଙ୍ଗାଘରେ ପଲିଥିନ ତଳେ ଦୁର୍ଦ୍ଦିନରେ ରହୁଛନ୍ତି। ଆର୍ଥିକ ଅନଟନ ଯୋଗୁଁ ଘର ଛଉଣୀ କରିପାରୁ ନଥିବାରୁ ବର୍ଷା ସମୟରେ ଘର ଭିତରେ ପାଣି ହୋଇ କାଦୁଅ ସନ୍ତସନ୍ତିଆ ହେଉଥିବାରୁ ବାରଣ୍ଡାରେ ବସି ରାତି ବିତାନ୍ତି। ପାଉଥିବା ଭତ୍ତାରୁ ମାଆ ଓ ଝିଅ ବହୁ କଷ୍ଟରେ ଚଳୁଥିବା ବେଳେ ନିଜ ଝିଅର ଆଧାର ନଥିବାରୁ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସମାଜସେବୀ ରାମଚନ୍ଦ୍ର ଜେନା ଓ ଜଗନ୍ନାଥ ପାଢ଼ୀ ପ୍ରମୁଖ ଝିଅର ଆଧାର କାର୍ଡ଼ କରିବା ପାଇଁ ଦାୟିତ୍ୱ ନେଇଥିବା ବେଳେ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ସହ ଝିଅକୁ ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

## କାଗଜକଲମରେ ପ୍ରଶାସନିକ ନିୟମ; ଟ୍ରାଫିକ୍ ବେହାଲ୍

ଯୋଡ଼ା, ୧୦।୬(ସମିସ):

- ଭାରୀଯାନ କବ୍‌ଜାରେ ଜାତୀୟ ରାଜପଥ
- ଦୁର୍ଘଟଣାରେ ପ୍ରତିଦିନ ଧନଜୀବନ ହାନି

କେନ୍ଦୁଝର ଜିଲ୍ଲା ବିଲେଇପଦାଠାରୁ ଗୁଆଲି ପର୍ଯ୍ୟନ୍ତ ରାଜପଥ ମରଣଯନ୍ତାରେ ପରିଣତ ହୋଇଛି। ୫୨୦ ନଂ ଜାତୀୟ ରାଜପଥର ବିଲେଇପଦା କାରଣସାହିଠାରୁ ଗୁଆଲି ପର୍ଯ୍ୟନ୍ତ ଲମ୍ବିଥିବା ଏହି ରାସ୍ତା ଉପରେ ଖଣି କମ୍ପାନୀ ଓ ଶିଳ୍ପଗୁଡ଼ିକରୁ ବୋଝେଇ ପାଇଁ ଆସୁଥିବା ବାହାର ରାଜ୍ୟର ଲମ୍ବା ଲମ୍ବା ଟ୍ରେଲର ଦ୍ୱାରା ୨୪ ଘଣ୍ଟା ରାଜପଥଟି ଅବରୋଧ ହୋଇ ରହୁଛି। ଶିଳ୍ପ ଓ ଖଣି ଗୁଡ଼ିକର ନିଜସ୍ୱ ପାର୍କିଙ୍ଗ ବ୍ୟବସ୍ଥା ନାହିଁ, ଯଦ୍ୱାରା ବାହାରୁ ଆସୁଥିବା ଗାଡ଼ିଗୁଡ଼ିକ ବେଆଇନ ଭାବେ ରାସ୍ତା ଉପରେ ଛିଡ଼ା କରି ଟ୍ରାଫିକ ସମସ୍ୟା କରାଯାଉଛି। ଏଥିଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଉଥିବା ସହ ଦୈନନ୍ଦିନ ଧନଜୀବନ ହାନି ହେଉଥିବା ପରିଲକ୍ଷିତ ହେଉଛି। ଜାତୀୟ ରାଜପଥଟି ଲହଣ୍ଡା ନିକଟରେ ସଙ୍କୀର୍ଣ୍ଣ ହୋଇଥିବାରୁ ସର୍ବଦା ଟ୍ରାଫିକ ଜାମ ରହୁଛି। ରାସ୍ତାର ନିର୍ମାଣ ସମ୍ପୂର୍ଣ୍ଣ ହୋଇ ପାରି ନ ଥିବା ବେଳେ ସ୍ଥାନେ ସ୍ଥାନେ ନିମ୍ନମାନର ମରାମତି କାର୍ଯ୍ୟ ସାଙ୍ଗକୁ ଖଣିଜ ବୋଝେଇ ଗାଡିଗୁଡିକର ବେପରୁଆ ଗାଡିଚାଳନା,



ବେଆଇନ ପାର୍କିଂ ପାଇଁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି।

ଏଠାରେ ସୂଚନାଯୋଗ୍ୟ ଯେ ଗତ ଏକ ବର୍ଷ ଭିତରେ ବିଲେଇପଦାଠାରୁ ଗୁଆଲି ଭିତରେ ପାଞ୍ଚ ଶହରୁ ଅଧିକ ଲୋକ ଦୁର୍ଘଟଣାରେ ଜୀବନ ହାରିଛନ୍ତି। ଗତ ଡିସେମ୍ବର ପ୍ରଥମ ସପ୍ତାହରେ ଘଟଗାଁ ମା'ତାରିଣୀ ପୀଠରୁ ଆସୁଥିବା ଏକ ଗାଡ଼ି ରାସ୍ତା ଉପରେ ଠିଆ ହୋଇଥିବା ଏକ ଟ୍ରକକୁ ଧକ୍କା ଦେବା ଦ୍ୱାରା ୮ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ରାସ୍ତାକଡ଼ରେ ଭାରୀଯାନ ପାର୍କିଂ ଉପରେ କଟକଣା ଲାଗୁ କରିଥିଲେ। ଏଥିପାଇଁ ସେତେବେଳେ ପୁଲିସ ପାଟ୍ରୋଲିଂ ଜୋରଦାର କରିଥିଲା। ଛ' ମାସ ନ ପୂରୁଣୁ ପୁନଃ ରାଜପଥରେ ବେପରୁଆ ପାର୍କିଂ ଆରମ୍ଭ ହୋଇଯାଇଛି। ବିଲେଇପଦା କାରଣସାହି ଟୋଲ ଗେଟ ପାଖରୁ ବିଲେଇପଦା ଛକ, ଲହଣ୍ଡା ଓଭରବ୍ରିଜ ପର୍ଯ୍ୟନ୍ତ ଭାରୀଯାନଗୁଡ଼ିକ ଠିଆ କରି ଏକପ୍ରକାର ରାସ୍ତା ଅବରୋଧ କରି ପକାଉଛନ୍ତି। ମଟରସାଇକଲରେ ପରିବାର ଲୋକଙ୍କୁ ନେଇ ଯିବାକୁ ଅଞ୍ଚଳବାସୀ ଭୟ ପାଉଛନ୍ତି। ସେପଟେ ଭଦ୍ରାସାହି ଛକଠାରୁ ଟଣ୍ଡୋ ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ଭାରୀଯାନ କବଜା କରି ରଖିଛନ୍ତି। ବିଲେଇପଦାଠାରେ ଥିବା ଶିଳ୍ପ ଓ ଖଣି ମାଲିକଙ୍କ ଏଥିପ୍ରତି ଦୃଷ୍ଟି ନାହିଁ କିମ୍ବା ଜାଣିଶୁଣି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ବେଖାତିର କରୁଛନ୍ତି। ଠିକ୍ ସେମିତି ଟଣ୍ଡୋ ଗ୍ରାମରେ ଥିବା ଶିଳ୍ପ ଓ ଖଣି ମାଲିକଙ୍କ ମନମୁଖୀ କାର୍ଯ୍ୟ ମଧ୍ୟ ଅକାଳରେ ଧନଜୀବନ ହାନି ହେବାରେ ସହାୟକ ହୋଇଛି। ଖଣି କମ୍ପାନୀ ଓ ଶିଳ୍ପସଂସ୍ଥାଗୁଡିକ କେନ୍ଦୁଝର ଏସପିଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଭାବେ ଅବମାନନା କରୁଥିବା ବେଳେ ପୁଲିସ ପାଟ୍ରୋଲିଙ୍ଗ ମଧ୍ୟ ସୁଚାରୁରୂପେ ହେଉନାହିଁ। ଦୁର୍ଘଟଣାରେ ପ୍ରତିଦିନ ଧନଜୀବନ ହାନି ହେଉଛି। ଖଣି ଅଞ୍ଚଳରେ ଯାଇଥିବା ୫୨୦ ନଂ ଜାତୀୟ ରାଜପଥରେ ନିୟୋଜିତ ଥିବା କିଛି ଘରୋଇ ସୁରକ୍ଷା କର୍ମୀ ମଧ୍ୟ ଅସାଧୁ ଉପାୟ ଅବଲମ୍ବନ କରି ନୋ ଏଣ୍ଟ୍ରି ସମୟରେ ଟ୍ରକ୍‌ଗୁଡ଼ିକୁ ଛାଡ଼ି ଦେଉଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।

## ଘାଟିରେ ଓଲଟିଲା ଅଟୋ; ୫ ଗୁରୁତର



ତେଲକୋଇ, ୧୦।୬(ସମିସ): ତେଲକୋଇ କାଞ୍ଜିପାଣି ପୂର୍ତ୍ତ ବିଭାଗ ରାସ୍ତାର କାଞ୍ଜିପାଣି କୁସୁମ ଘାଟିରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିବାରୁ ୫ ଜଣ ଗୁରୁତର ହୋଇଛନ୍ତି। ଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ସମସ୍ତଙ୍କୁ ଉଦ୍ଧାର କରାଯାଇ ତେଲକୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଇନ୍ଦ୍ର ଘଣା (୪୦), ଖଇରୁ ପ୍ରଧାନ (୫୫), ଜେମା ପ୍ରଧାନ(୨୫), ତୁଳସୀ ଦେହୁରୀ(୬୦), ହେମନ୍ତ ଦେହୁରୀ (୧୨)। ସମସ୍ତଙ୍କ ଘର ସ୍ଥାନୀୟ ହଳଦୀପାଣି ଗ୍ରାମରେ। ଆହତଙ୍କ ମଧ୍ୟରେ ଦୁଇ ଶିଶୁ ରହିଛନ୍ତି। ଜଣେ ଶିଶୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ରହିଛି। କାଞ୍ଜିପାଣିରେ ସାପ୍ତାହିକ ହାଟ ଥିବାରୁ ହଳଦୀପାଣି ଗ୍ରାମର ୧୫ରୁ ଅଧିକ ଲୋକ ହାଟ ସାରି ଏକ ଅଟୋ ଯୋଗେ ନିଜ ଗ୍ରାମ ଅଭିମୁଖେ ଆସୁଥିଲେ। ଅଟୋଟି ନମ୍ବରବିହୀନ ହୋଇଥିବାରୁ କେଉଁଠିକାର ଜଣାପଡ଼ିନାହିଁ। ଅଟୋଟି କେନ୍ଦୁଝର ଶୋରୁମ୍‌ରୁ ତେଲକୋଇ ଅଭିମୁଖେ ବିକ୍ରି ହେବା ପାଇଁ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିବା ପ୍ରାକ୍ ସୂଚନାରୁ ଜଣାପଡ଼ିଛି। କାଞ୍ଜିପାଣି ଥାନା ସମ୍ମୁଖ ଦେଇ ବିନା କାଗଜପତ୍ରରେ କିଭଳି ଲୋକଙ୍କୁ ବସାଇ ଅଟୋଟି ଯାତ୍ରା ଆରମ୍ଭ କରିଥିଲା। ଦୁର୍ଘଟଣା ପରେ ଖବର ପାଇ କାଞ୍ଜିପାଣି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସାତ ସନ୍ତାନର ଜନନୀକୁ ପିଟି ମାରିଲା ସ୍ୱାମୀ

ବଡ଼ବିଲ, ୧୦।୬(ସମିସ): କେନ୍ଦୁଝର ଜିଲ୍ଲା ଖଣିଅଞ୍ଚଳ ବଡ଼ବିଲ ଥାନାଞ୍ଚଳରେ ଭୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ଟାକୁଲୁକୁ ପୁଲିସ କୋର୍ଟ ଚାଲାଣ କରିଥିବା ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ ସୂଚନା ଦେଇଛନ୍ତି। ବଡ଼ବିଲ ସହରର ୱାର୍ଡ ନ ୧୦ ଗାଡ଼ା ହଟିଙ୍ଗରେ ୫ଝିଅ ଓ ୨ପୁଅ ସହ ରହୁଥିବା ଦମ୍ପତି ସ୍ତ୍ରୀ ଜାନକୀ ମୁଣ୍ଡ ଓ ଟାକୁଲୁ ମୁଣ୍ଡାଙ୍କ ମଧ୍ୟରେ ଗତ ୮ ତାରିଖ କୌଣସି



କାରଣକୁ ନେଇ ଝଗଡ଼ା ହେଇଥିଲା। ଟାକୁଲୁ ଜାନକୀଙ୍କୁ ବିଧା ଗୋଇଠା ମାରିବା ସହ ଏକ ଓଦା ବାଡ଼ିରେ ପ୍ରବଳ ମାରିବାରୁ ଗତକାଲି ତାଙ୍କ ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ପଡ଼ୋଶୀମାନେ ଅଟକ ରଖି ବଡ଼ବିଲ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ଅଶୋକ ନାୟକ ତୁରନ୍ତ ଘଟଣାସ୍ଥଳକୁ ଯାଇ ଟାକୁଲୁକୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଓଦା କାଠ ବାଡ଼ିକୁ ଜବତ କରି ମୃତଦେହ କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି।

## ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଗୁଆଲିରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଯୋଡ଼ା, ୧୦।୬ (ସମିସ): ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରି ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସଇ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଭଲ ରେଜଲ୍ଟ କରିଥିବା ଗୁଆଲି ଏବଂ ଲୋଇଡାପଡା ପଞ୍ଚାୟତର କୃତୀ ଛାତ୍ରଛାତ୍ରୀଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଟାଟା ଷ୍ଟିଲର ଜେନେରାଲ ମ୍ୟାନେଜର (ଓଏମକ୍ୟୁ) ଅତୁଲ ଭଟ୍ଟନାଗର, ଯୋଡା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାୟକ, ସାମାଜିକ କର୍ମୀ ବିଦ୍ୟାଧର ନାୟକ, ଖୁସା ଆପଟ, ଡବରା ମୁଣ୍ଡା ଏବଂ ଝୁରିଆ ମୁଣ୍ଡା



ପ୍ରମୁଖ ଅତିଥି ଭାବେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୯ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଗୁଆଲିର ଝରଣା ମହାନ୍ତି ୬୮% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସୁମନ ମୁଣ୍ଡା ୭୦%, ସ୍ନେହାରାଣୀ ପାତ୍ର ୬୨% ଏବଂ ସୁନାମ ମୁଣ୍ଡା ୬୫% ମାର୍କ ରଖିଛନ୍ତି। ସେହିପରି ଲୋଇଡାପଡାର ସ୍ୱପ୍ନା ଆପଟ ୭୩% ଏବଂ ଦେବାଶିଷ ବାରିକ ୬୦%, ଟୋପାଡିହିର ଦୋଳଗୋବିନ୍ଦ ନାହାକ ୬୧%, ବରପଦାର ପ୍ରତିମା ନାଏକ ୬୦% ଏବଂ କମାରପୋଷର ରେମା ମୁଣ୍ଡା ୬୮% ମାର୍କ ରଖିଛନ୍ତି। ସ୍ନେହାରାଣୀ ପାତ୍ର, ଦୋଳଗୋବିନ୍ଦ ନାହାକ ଏବଂ ରେମା ମୁଣ୍ଡା ଟାଟା ଷ୍ଟିଲ ଫାଉଣ୍ଡେସନର ଜ୍ୟୋତି ଫେଲୋସିପ୍ ପାଉଛନ୍ତି। ଫାଉଣ୍ଡେସନ୍ ପକ୍ଷରୁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପାଇଁ ସହାୟତା ପ୍ରଦାନ ଲକ୍ଷ୍ୟରେ ଫେଲୋସିପ ପ୍ରଦାନ କରାଯାଉଛି।

## ହୋଲ୍‌ଡିଂ ଟାକ୍ସ ଆଦାୟରେ ଚଞ୍ଚକତା

ଆନନ୍ଦପୁର,୧୦।୬ (ସମିସ): ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ପଦ୍ମପୁର ବାସିନ୍ଦା ସ୍ୱର୍ଗତ କୀର୍ତ୍ତନ ସେଠୀଙ୍କ ପୁତ୍ର ନିରାକାର ହୋଲଡିଂ ଟାକ୍ସ ଆଦାୟରେ ଚଞ୍ଚକତା ହୋଇଥିବା ନେଇ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୯ରୁ ୨୦୨୨ ମସିହା ପର୍ଯ୍ୟନ୍ତ ନିଜ ଘରର ଟିକସ ବର୍ଷକୁ ୪୯୭ ଟଙ୍କା ନିଜ ଭାଇ ଅର୍ଜୁନ ସେଠୀଙ୍କ ନାମରେ ରସିଦ୍ କାଟିଥିବା ବେଳେ ପୌରପରିଷଦ ପକ୍ଷରୁ ଟାକ୍ସ ଦିଆଯାଇ ନଥିବା ଏକ ଜେରକ୍ସ କପି ପ୍ରଦାନ କରାଯାଇଥିଲା। ନିରାକାର ସେଠୀ ଘରେ ଥିବା ରସିଦ୍‌କୁ ନଦେଖି ୨୦୧୯ଠାରୁ ୨୦୨୫ ମସିହା ପର୍ଯ୍ୟନ୍ତ ଟାକ୍ସ ବାବଦକୁ ୨୯୮୨ ଟଙ୍କା ଗତ ଜୁନ୍ ୬ତାରିଖରେ ପୌରପରିଷଦ କାର୍ଯ୍ୟାଳୟରେ ପୈଠ କରିଥିଲେ। ପରେ ୨୦୨୨ ମସିହା ପର୍ଯ୍ୟନ୍ତ ପୈଠ କରିଥିବାର ରସିଦ ପାଇଥିଲେ।

## ଘସିପୁରାରେ ନୂଆ ସବ୍‌ରେଜିଷ୍ଟ୍ରାର

ଆନନ୍ଦପୁର, ୧୦।୬(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ସାଇଁକୁଳ ସବରେଜିଷ୍ଟ୍ରାର ଭାବେ ଅଜୟ କୁମାର ସାହୁଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ସେ ପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲା କୋଇଡା ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। କେନ୍ଦୁଝର ଆସିଷ୍ଟାଣ୍ଟ କଲେକ୍ଟର ସନ୍ତୋଷ ପରିଡା ଅତିରିକ୍ତ ଦାୟିତ୍ୱରେ ରହିଥିଲେ।

## ବାଇକ ଜବତ; ଯୁବକ ଗିରଫ

ବାରିପଦା, ୧୦।୬(ସମିସ): ବାରିପଦା ଟାଉନ ଥାନା ପୁଲିସ ସିଭିଲ ସ୍କ୍ୱାର୍ଡ ପକ୍ଷରୁ ପିଛା କରି ଏକ ନମ୍ବର ବିହୀନ ବାଇକ ଜବତ କରାଯାଇଥିବା ବେଳେ ଜଣଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ଏକ ବାଇକରେ ୨ଜଣ ଯୁବକ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଅମ୍ବିକା ମନ୍ଦିର-ବେଲଗଡିଆ ରାସ୍ତାରେ ଛିନତାଇ କରି ୨ଟି ବାଇକରେ ୩ଜଣ ଯୁବକ ଫେରାର ହୋଇଥିଲେ। ତେବେ ପୁରା ସିନେମା ଷ୍ଟାଇଲରେ ନାଟକୀୟ ସିଭିଲ ସ୍କ୍ୱାର୍ଡ ବାରିପଦାରୁ ପିଛା କରି ବେତନଟୀ ପୁଲିସ ସହାୟତାରେ ଯାଜପୁର ଜିଲ୍ଲାର ଜଣେ ଯୁବକକୁ ଗିରଫ କରିଥିଲେ। କିନ୍ତୁ ଅନ୍ୟ ଦୁଇ ଜଣ ଏକ ବାଇକରେ ସୋର ପର୍ଯ୍ୟନ୍ତ ପଳାଇବାରେ ସଫଳ ହୋଇଛନ୍ତି। ଟାଉନ ଆଇଆଇସି କରୁଣାକର ରାଉତଙ୍କ ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନଙ୍କୁ ପିଛା କରି ଜଣଙ୍କୁ ଧରିଛୁ। ଫେରାର ହୋଇଥିବା ଦୁଇ ଜଣଙ୍କୁ ଖୋଜିବା ପାଇଁ ଆମର ଟିମ୍ ସକ୍ରିୟ ରହିଛି। ସ୍ଥାନୀୟ ଲୋକଙ୍କୁ କୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିଲେ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଉଛି ବୋଲି ଆଇଆଇସି ଶ୍ରୀ ରାଉତ କହିଛନ୍ତି।

## ସରକାରୀ ସହାୟତା ଆଳରେ ଠକେଇ

ବାରିପଦା, ୧୦।୬(ସମିସ): ମହିଳାଙ୍କୁ ଗର୍ଭସ୍ଥ ସରକାରୀ ସହାୟତା ପ୍ରଦାନ କରିବା ଆଳରେ ୪୭ ହଜାର ୭୦୪ଟଙ୍କା ଠକେଇ ହୋଇଛି। ଏନେଇ ଠକେଇର ଶିକାର ହୋଇଥିବା ନାନ୍ତସାହି ଅଞ୍ଚଳର ବେଳାମଣି ମାର୍ଣ୍ଡି ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ତାଙ୍କ ଗର୍ଭାବସ୍ଥା ବାବଦରେ ପଚାରି ବୁଝିବା ସହ ୫୧ ହଜାର ଟଙ୍କାର ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। କିନ୍ତୁ ଏଥିପାଇଁ ପ୍ରଥମେ ୪୧ ହଜାର ୧୦୯ଟଙ୍କା ପୈଠ କରିବାକୁ କହିଥିଲେ। ଯାହାକୁ ନେଇ ସେ ୟୁପିଆଇ ମାଧ୍ୟମରେ ପ୍ରଥମେ ୪୧,୧୦୯ଟଙ୍କା ପ୍ରଦାନ କରିଥିଲେ। ଏହାପରେ ପର୍ଯ୍ୟାୟକ୍ରମରେ ସମୁଦାୟ ୪୭,୭୦୪ଟଙ୍କା ପ୍ରଦାନ କରିଥିଲେ। ଏହାପରେ କୋଣସି ଯୋଗାଯୋଗ ସମ୍ଭବ ନହେବାରୁ ସେ ଠକେଇର ଶିକାର ନେଇ ଜାଣିବାକୁ ପାଇଥିଲେ। ଏନେଇ ବାରିପଦା ସଦର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ରାଜ୍ୟସ୍ତରୀୟ ମାହାଲି ବିଦ୍ୟାର୍ଥୀ ସମ୍ମିଳନୀ

କଳାବାଡିଆ,୧୦।୬(ସମିସ): ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ହାଣଦା ସାଇ କଲ୍ୟାଣ ମଣ୍ଡପରେ ମାହାଲି ଆଦିବାସୀ ସମାଜ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ତୃତୀୟ ବାର୍ଷିକ ମାହାଲି ବିଦ୍ୟାର୍ଥୀ ସମ୍ମିଳନୀ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସଭାପତି ଶ୍ୟାମଲାଲ ମାହାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁନାରାମ ମାହାଲି, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମଙ୍ଗଳ ମାର୍ଣ୍ଡି, ସମ୍ମାନିତ ଅତିଥି ଭାବେ ଓଡ଼ିଶା ପନତ୍ ମାଝୀ, ମାଡୱାର ଗଡେତ, ଭଗବାନ ମାହାଲି ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଭଲ ପାଠ ପଢିବା ସହିତ ଉତ୍ତମ ଚରିତ୍ର ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଉ ଯଦି ପଢ଼ିବା ପାଇଁ ଅର୍ଥାଭାବ ଦେଖାଯାଏ, ତେବେ ତୁରନ୍ତ ମାହାଲି ସମାଜର କାର୍ଯ୍ୟକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କଲେ ନିଶ୍ଚିତ ସହଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ। ମାହାଲି ସମାଜର ସଂସ୍କୃତି, ପରମ୍ପରା, ବାଉଁଶ କାରିଗରୀ, ସାଧାରଣ ଜ୍ଞାନ ଆଦି ବିଷୟରେ ୪ଟି ବର୍ଗରେ ଓଡ଼ିଶାର



୬ଟି ଜିଲ୍ଲାରେ ୨୫ଟି କେନ୍ଦ୍ରରେ ୫୨୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ବ୍ଲକ୍ ଲେବୁଲରେ ପ୍ରତ୍ୟେକ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ମେଡେଲ୍ ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟ ସ୍ତରରେ ଗ୍ରୁପ୍-'ଏ'ରେ ସୁଜିତ କୁମାର ମାହାଲି (ବିଶୋଇ), ଗ୍ରୁପ୍ -ବି'ରେ କୁଶାଳ ମାହାଲି (ତିରିଂ), ଗ୍ରୁପ୍ -ସି'ରେ ସନ୍ଧ୍ୟା ମାହାଲି (ବହଳଦା), ଗ୍ରୁପ୍ -ଡି'ରେ ଶକ୍ତିଶ୍ରୀ ଅଭୟ କୁମାର ମାହାଲି (ଭଦ୍ରକ)ଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ୨୦୨୫ରେ ରାଜ୍ୟ ସ୍ତରରେ ମାହାଲି ବିଦ୍ୟାର୍ଥୀଙ୍କ ମଧ୍ୟରୁ ମାଟ୍ରିକରେ ସର୍ବୋଚ୍ଚ ନମ୍ବର ରଖିଥିବା ଗେଡା ମାହାଲି-୮୨% (ସାରସକଣା), +୨- ବ୍ରହ୍ମାନନ୍ଦ ମାହାଲି ୮୧% (ସାରସକଣା), +୩-ସୁରେଶ ଚନ୍ଦ୍ର ମାହାଲି -୮୦% (ବାଙ୍ଗିରିପୋଷି)ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।। କାର୍ଯ୍ୟକ୍ରମକୁ ମାହାଲି ଆଦିବାସୀ ସମାଜ, ଓଡ଼ିଶାର ସଂଗଠନ ସମ୍ପାଦକ ଧୂମେଶ୍ୱର ବାସ୍କେ ଓ ସାଧାରଣ ସମ୍ପାଦିକା ସଂଘମିତ୍ରା ହେମ୍ବ୍ରମ ସଂଯୋଜନା କରିଥିଲେ। ସହ ସଂଗଠନ ସମ୍ପାଦକ ଚନ୍ଦ୍ର ମୋହନ ହେମ୍ବ୍ରମ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ସମାୟ ସୋରେନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବାଙ୍ଗିରିପୋଷି ବ୍ଲକ୍ କୋ-ଅର୍ଡିନେଟର ରବୀନ୍ଦ୍ରନାଥ ମାହାଲି ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ତିରୋଧାନ ଦିବସ



ରାଇରଙ୍ଗପୁର,୧୦।୬(ସମିସ): ଭାରତୀୟ ସ୍ୱତନ୍ତ୍ରତା ଆନ୍ଦୋଳନ କ୍ରାନ୍ତିକାରୀ ଆଦିବାସୀ ଜନନାୟକ ବୀର ବିର୍ସା ମୁଣ୍ଡାଙ୍କ ୧୨୫ତମ୍ ତିରୋଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ରାଇରଙ୍ଗପୁର ବିର୍ସା ମୁଣ୍ଡା ସ୍ମୃତି କମିଟି ପକ୍ଷରୁ ବୀର ବିର୍ସା ମୁଣ୍ଡା ଛକ ରେଳବାଇ ଷ୍ଟେସନ ରୋଡଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ରାଇରଙ୍ଗପର ବିର୍ସା ମୁଣ୍ଡା ସ୍ମୃତି କମିଟିର ସଭାପତି ପ୍ରହ୍ଲାଦ ପୂର୍ତ୍ତି, ପୂର୍ବତନ ବିଧାୟକ ତଥା ଦୁଃଖିଆ ସୋରେନ (ପାରଗାନା) ଓ ଭାଗବତ ମାଝୀ (ପାରଗାନ), ଉଦୟନାଥ ସୋରେନ, ଆଇନଜୀବୀ ଆନନ୍ଦ କୁମାର ଟୁଡୁ, ମାଶ ମାର୍ଣ୍ଡି, ମେଘରାୟ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦଣ୍ଡାହୁଡି ପଥର ଖୋଲ ଭିତରୁ ବୃଦ୍ଧଙ୍କ ଗଳିତ ଶବ ଉଦ୍ଧାର ଘଟଣାରେ ପୁଣି ୫ ଗିରଫ

ମହୁଲଡିହା,୧୦।୬ (ସମିସ): ମୟୁରଭଞ୍ଜ ଜିଲ୍ଲା ମହୁଲଡ଼ିହା ଥାନା ଅନ୍ତର୍ଗତ ଘୁଲୁଘୁଲିଆ ଗ୍ରାମ ବିଦିରି ସାହି ନିକଟ ଦଣ୍ଡାହୁଡ଼ି ପଥର ଖୋଲ ଭିତରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ଘଟଣାରେ ପୁଲିସ ଆଉ ୫ ଜଣଙ୍କୁ ଗିରଫ କରିଛି। ଗତ ୨୦୨୧ ମସିହା ଫେବୃଆରୀ ୫ ତାରିଖରେ ପୁଲିସ ଶବକୁ ଉଦ୍ଧାର କରିଥିଲା। ଏ ନେଇ ପୁଲିସ ଅନୁସନ୍ଧାନ ଜାରି ରଖିଥିଲା। ପ୍ରାୟ ୧ ବର୍ଷ ୯ ମାସ ପରେ ପୁଲିସ ଏହି ଘଟଣାରେ ୫ ଜଣକୁ ଗିରଫ କରିଥିଲା। ଗିରିଫ ୫ ଅଭିଯୁକ୍ତ ଗୁଣିଗାରେଡି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କରି ପଥର ଖୋଲରେ ପକାଇ ଦେଇଥିବା ନେଇ ତତ୍କାଳୀନ ମହୁଲଡ଼ିହା ଥାନା ଆଇଆଇସି ସଞ୍ଜୀବ କୁମାର ପରିଡାଙ୍କୁ ସୂଚନା ଦେଇଥିଲେ। ସେତେବେଳେ ଗିରଫ ୫ ଜଣ ଅଭିଯୁକ୍ତ ହେଲେ ଘୁଲୁଘୁଲିଆ ଗ୍ରାମର ସାଲୁକା ହାଇବୁରୁ (୨୪), ଶ୍ୟାମସୁନ୍ଦର ହାଇବୁରୁ (୪୫), ଚକ୍ରଧର ହାଇବୁରୁ (୬୨), ମାର୍କଣ୍ଡ ହାଇବୁରୁ (୧୯), ମାର୍ତମ ହାଇବୁରୁ (୨୪)। ସୂଚନା ଅନୁଯାୟୀ ମୃତ ବୃଦ୍ଧଙ୍କ ନାତି ବନ ହାଇବୁରୁ ୨୦୨୧ ମସିହା ଜାନୁଆରୀ ୨୫ ତାରିଖରେ ଜେଜେବାପାଙ୍କ ନିଖୋଜ ନେଇ ମହୁଲଡ଼ିହା ଥାନାରେ ଅଭିଯୋଗ କରିଥିଲେ। ଫେବ୍ରୁଆରୀ ମାସ ୫ ତାରିଖ ଦିନ ପଥର ଖୋଲରୁ ବୃଦ୍ଧଙ୍କ ଗଳିତ ଶବ ପୋଲିସ ଠାବ କରିଥିଲା। ବୃଦ୍ଧଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଥିଲେ। ପୁଲିସ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ ନେଇ ତଦନ୍ତ କରିଥିଲେ ମଧ୍ୟ ସନ୍ଦେହ କରାଯାଉଥିବା ହତ୍ୟାକାଣ୍ଡ ସମ୍ପର୍କରେ କୌଣସି ସୁରାକ ସେ ସମୟରେ ପୁଲିସ ପାଇପାରିନଥିଲା। ପୁଲିସ କିନ୍ତୁ ଏହି ଘଟଣାର ତଦନ୍ତ ଜାରି ରଖିଥିଲା। ହତ୍ୟାକାଣ୍ଡର ୨୧ ମାସ ପରେ ପୋଲିସ ହତ୍ୟାକାଣ୍ଡର ସୁରାକ ପାଇ ଉପରୋକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ୫ ଜଣ ହେଲେ ଡମ୍ବରୁ ହାଇବୁରୁ (୪୫), ବାଗୁନ ହାଇବୁରୁ (୨୫), ରାଜା ସୋରେନ (୨୫), ନାରାୟଣ ବଦ୍ରା (୨୫) ଓ ସାଲୁକା ହାଇବୁରୁ (୪୦)କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦୁର୍ନୀତିର ନିରପେକ୍ଷ ତଦନ୍ତ ଦାବି

ବାରିପଦା,୧୦।୬(ସମିସ): ଡବଲ ଇଞ୍ଜିନ ସରକାରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଦୁର୍ନୀତିର ଉତ୍ସରେ ପରିଣତ ହୋଇସାରିଛି। ତଳୁ ଉପର ସମସ୍ତଙ୍କ ସମ୍ପୃକ୍ତି ରହିଥିବା ପରିଲକ୍ଷିତ ହୋଇଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବାରିପଦା କାର୍ଯ୍ୟାଳୟରେ। ଏହି କାର୍ଯ୍ୟାଳୟ ପକ୍ଷରୁ ପ୍ରାୟ ୧୪ କୋଟି ଟଙ୍କାରୁ ଅଧିକ ଦୁର୍ନୀତି ହୋଇଥିବା ଜଣାପଡିଛି। କୌଣସି ପ୍ରକଳ୍ପ ନିର୍ମାଣ ନକରି ଅଥବା ପ୍ରକଳ୍ପ ନିର୍ମାଣର ଟେଣ୍ଡର ନ ହୋଇ ମିଥ୍ୟା ବିଲ ପାସ କରାଯାଇଛି। ବିଭିନ୍ନ ଅଞ୍ଚଳରେ ବିନା କାମରେ ମିଥ୍ୟା ବିଲ ପାସ କରାଯାଇ ସର୍ବସାଧାରଣଙ୍କ ଟଙ୍କା ଆତ୍ମସାତ କରାଯାଇଛି। ଏହି ସମସ୍ତ ଦୁର୍ନୀତିର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ। ଜିଲ୍ଲା ଉପସଭାପତି ଅରବିନ୍ଦ ଦାସଙ୍କ ନେତୃତ୍ୱରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଘୋଷାଲ, ଛାତ୍ର କଂଗ୍ରେସ ସଭାପତି ମୋତିପ୍ରକାଶ ଦାଶ, କିଷାନ ସେଲ ଅଧ୍ୟକ୍ଷ ଦୀପକ ଦାଶ, ଜିଲ୍ଲା ପଞ୍ଚାୟତ ସେଲ ଅଧ୍ୟକ୍ଷ ଶିବାନନ୍ଦ ଦାସ, ଓବିସି ସେଲ ଚେୟାରମ୍ୟାନ ଦିଲ୍ଲୀପ ନାୟକ, ସେକ ଇକବାଲ, କଂଗ୍ରେସ ନେତା ସ୍ୱରୂପ ମିଶ୍ର, ଭବାନୀ ବେହେରା ପ୍ରମୁଖ ନେତୃବୃନ୍ଦ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଗାମୀ ୭ ଦିନ ମଧ୍ୟରେ ଉପରୋକ୍ତ ଦୁର୍ନୀତିର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତାହାହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

## ଘର ସମ୍ମୁଖରୁ ବାଇକ୍ ଚୋରି

ବାରିପଦା, ୧୦।୬(ସମିସ): ରାତିରେ ଘର ସମ୍ମୁଖରେ ରଖାଯାଇଥିବା ଏକ ବାଇକ ଚୋରି ହୋଇଛି। ଏନେଇ ପୋଡାଅସ୍ତିଆ ଅଞ୍ଚଳର ଚନ୍ଦ୍ରଶେଖର ଦାସ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ଘର ସମ୍ମୁଖରେ ବାଇକ ପାର୍କିଂ କରିଥିଲେ। ବିଳମ୍ବିତ ରାତିରେ ଜନଶୂନ୍ୟର ସୁଯୋଗ ନେଇ କେହି ଚୋରି କରିଛନ୍ତି। ସକାଳୁ ବାଇକ ନଥିବା ଦେଖି ଖୋଜାଖୋଜି କରି ବିଫଳ ହେବାରୁ ସେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଗତ ୬ମାସ ମଧ୍ୟରେ ଉକ୍ତ ଅଞ୍ଚଳରେ ଅନେକ ବାଇକ ଚୋରି ହୋଇଥିବାର ନେଇ ଥାନାରେ ଅଭିଯୋଗ ହୋଇଛି। ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଅନେକ ବାଇକ ଚୋରି ହେବାର ଅଭିଯୋଗ ପରେ ବି ପୁଲିସ ହାତ ଖାଲି ପଡ଼ିଛି।

■ 'ବିକଶିତ ଗାଁ ବିକଶିତ ଓଡିଶା' ପ୍ରଚାରରେ ଅସହଯୋଗ କରିବେ ତିରିଂ ଜନପ୍ରତିନିଧି

## ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦେଲେ ଦାବିପତ୍ର

ବହଳଦା, ୧୦।୬(ସମିସ):

ରାଜ୍ୟ ସରକାର ସାଧାରଣ ଲୋକଙ୍କ ମଧ୍ୟରେ ବିଜେପି ସରକାରଙ୍କ ଗୁଣଗାନ ପ୍ରଚାର ପାଇଁ ବିକଶିତ ଗାଁ ବିକଶିତ ଓଡିଶା ନାମରେ ଏକ ପ୍ରଚାର ରଥ ଗାଁ ଗାଁରେ ବୁଲାଇବାର କାର୍ଯ୍ୟକ୍ରମ ରଖିଛନ୍ତି। ଯାହାକୁ ନେଇ ବିଡିଓଙ୍କ ଜରିଆରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହଯୋଗ ଲଡାଯାଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏ ନେଇ କିଛିଦିନ ହେଲା ଘନ ଘନ ବୈଠକ ମଧ୍ୟ ଅନୁଷ୍ଠିତ ହେଉଛି। ବିକଶିତ ଗାଁ ବିକଶିତ ଓଡିଶା ଅଭିଯାନର ପ୍ରଚାର ପ୍ରସାର ପାଇଁ ପ୍ରତି ପଞ୍ଚାୟତର ଗ୍ରାମଗୁଡିକରେ ପ୍ରଚାର ରଥ ବୁଲାଇବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଏଥିରେ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଜିଲ୍ଲା ପରିଷଦ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସହିତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକରେ ଆଲୋଚନା କରାଯାଉଛି। ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଅନ୍ୟାନ୍ୟ ବିଭାଗିୟ ଅଧିକାରୀଙ୍କୁ ମଧ୍ୟ ସାମିଲ କରାଯାଉଛି। ପର୍ଯ୍ୟାୟକ୍ରମେ ବିକଶିତ ଗାଁ, ବିକଶିତ ଓଡିଶା ରଥ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତରେ ପରିକ୍ରମା କରିବାର କର୍ଯ୍ୟକ୍ରମ ରହିଛି। ତେବେ ତିରିଂ ବ୍ଲକରେ ଏ ନେଇ ପଞ୍ଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧିଙ୍କ ସହ ବୈଠକରେ ଆଲୋଚନ କରାଯାଇଥିବାବେଳେ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅଭିଯାନକୁ କୌଣସି ପ୍ରକାରର ସହଯୋଗ କରିବେ ନାହିଁ ବୋଲି ତିରିଂ ବ୍ଲକର ନିର୍ବାଚିତ ପ୍ରତିନିଧିମାନେ ବିଡିଓଙ୍କୁ ଜଣାଇଦେଇଛନ୍ତି। କାରଣ ସ୍ଥାନୀୟ ବିଧାୟକ ଜଲେନ ନାଏକ ପଞ୍ଚାୟତ ସମିତିର ସମସ୍ତ ଉନ୍ନୟନ ମୂଳକ କାମ ଦଳୀୟ ଲୋକଙ୍କ ମଧ୍ୟରେ ବଣ୍ଟନ କରୁଥିବା ଅଭିଯୋଗ କରିଛନ୍ତି। ଯଦି ଆଗକୁ ଏ ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ଆସେ ତାହେଲେ ଆଗକୁ କୌଣସି ସରକାରୀ କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ଜନପ୍ରତିନିଧିମାନେ ବିଡିଓଙ୍କ ଜଣାଇ ଦେଇଛନ୍ତି। ଏପରିକି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତିରିଂ ବ୍ଲକ ୨୦ନଂ. ଜୋନ ଜିଲ୍ଲା ପରିଷଦ ସଦସ୍ୟ ପରେଶ ମୁଣ୍ଡା ଏବଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡଙ୍କ ନେତୃତ୍ୱରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଏକମତ ହୋଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ସହିତ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ରାଜ୍ୟ ବିଜେପି ସରକାରଙ୍କୁ ପ୍ରଥମ ବର୍ଷପୂର୍ତ୍ତି

# ୨୦୩୬ ସୁଦ୍ଧା ଶ୍ରେଷ୍ଠ ୫ ରାଜ୍ୟ ତାଲିକାରେ ରହିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ



### ୨୦୨୬ ସୁଦ୍ଧା ୯୦% ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ

ଭୁବନେଶ୍ୱର,୧୦।୬(ସମିସ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସରକାରଙ୍କୁ ଶାସନର ପ୍ରଥମ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ସରକାରଙ୍କ ସଫଳତା ବଖାଣିଛନ୍ତି। ମୁଖ୍ୟମନ୍ତ୍ରୀ ବିଗତ ଏକବର୍ଷରେ ରାଜ୍ୟ ସରକାରଙ୍କ ସଫଳତା ଓ ୧୧ ବର୍ଷର କେନ୍ଦ୍ର ସରକାରଙ୍କ ସଫଳତା ସମ୍ପର୍କରେ ଉଲ୍ଲେଖ କରିବା ସହ ଆଗାମୀ ଦିନର ରୋଡମ୍ୟାପ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଛନ୍ତି। ଆମ ସରକାରର ପ୍ରଥମ ବର୍ଷରେ ମୋଟ ୨୧ଟି ପ୍ରତିଶ୍ରୁତିରୁ ୧୧ଟି ପ୍ରତିଶ୍ରୁତି ପୂରଣ କରିଛୁ। ୨୦୩୬ ସୁଦ୍ଧା ନିଶ୍ଚିତ ଭାବେ ଓଡ଼ିଶା ଦେଶର ସର୍ବଶ୍ରେଷ୍ଠ ୫ଟି ରାଜ୍ୟରେ ସ୍ଥାନ ପାଇବ ଏବଂ ଆମେ ଓଡ଼ିଶାକୁ ଏକ ୫୦୦ ନିୟୁତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବୁ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତ ଗଢ଼ିବାରେ ଓଡ଼ିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମର ସବୁ ପ୍ରମୁଖ ପ୍ରତିଶ୍ରୁତିକୁ ଆମେ ପୂରଣ କରି ପାରିଛୁ। ଆମର ପ୍ରତ୍ୟେକ କାର୍ଯ୍ୟକ୍ରମ ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଗଦର୍ଶନ ରହିଛି। ଏହି ଉଦ୍ୟମ ଗତ ୧୨ ମାସରେ ନିରନ୍ତର ଭାବେ ଜାରି ରହିଛି ଏବଂ ଆମେ ପ୍ରାୟ ସବୁ ମୁଖ୍ୟ ପ୍ରତିଶ୍ରୁତି ପୂରଣ କରିବାରେ ସମର୍ଥ ହୋଇଛୁ। ମହିଳା ସଶକ୍ତିକରଣ ଦିଗରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିକରି ଭାରତ ବର୍ଷରେ ପ୍ରଥମ ହେବା, କୃଷି କ୍ଷେତ୍ରରେ ସମୃଦ୍ଧ କୃଷି ଯୋଜନା ସହିତ ରେକର୍ଡ ୩୭ ହଜାର ୮୩୮ କୋଟି ଟଙ୍କାର ପ୍ରାବଧାନ, ଶିକ୍ଷା କ୍ଷେତ୍ରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ତଥା ନୂତନ ଶିକ୍ଷା ନୀତିକୁ ଲାଗୁ କରିବା ଏବଂ ଏଥିରେ ଶିଶୁ ବାଟିକାକୁ ଲାଗୁ କରିବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରିବା, ଭିତ୍ତିଭୂମି ପାଇଁ ରେକର୍ଡ ୬୫,୧୦୨ କୋଟି ଟଙ୍କାର ପ୍ରାବଧାନ, ଜନଜାତି ଏବଂ ଅନୁସୂଚିତ ଜାତି କଲ୍ୟାଣ ପାଇଁ ୬୮ ହଜାର ୮୮୧ କୋଟି ଟଙ୍କା ପ୍ରାବଧାନ ଆମ ସରକାରଙ୍କ ନୀତି ଓ ନିୟତକୁ ଦର୍ଶାଉଛି। ୨୦୨୬ ସୁଦ୍ଧା ଆମେ ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ ଉଦ୍ୟମ ଆରମ୍ଭ କରିଛୁ। ଏଥି ସହିତ ୫ ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଗାଇଦେବୁ। ଏକ ବର୍ଷ ମଧ୍ୟରେ ସରକାରୀ ସ୍ତରରେ ପ୍ରାୟ ୨୮ ହଜାର ନିଯୁକ୍ତି ଦେଇଛୁ। ଚଳିତ ବର୍ଷ ଆହୁରି ୪୦ ହଜାର ନିଯୁକ୍ତି ଦେବୁ। ଭିତ୍ତିଭୂମି କ୍ଷେତ୍ରରେ ରେଳ, ଜାତୀୟ ରାଜପଥ ଏବଂ ବିମାନ ସେବା ସବୁଥିରେ ଉନ୍ନତି ଆସିଛି ବୋଲଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ ଖୁବଶୀଘ୍ର ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ସରକାରଙ୍କ ବିଫଳତା ଲୋକଙ୍କୁ ଜଣାଇବ ବିଜେଡି

ଭୁବନେଶ୍ୱର,୧୦।୬(ସମିସ): ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଫଳତାକୁ ରାଜ୍ୟବାସୀଙ୍କ ସମ୍ମୁଖରେ ଦୃଢ଼ ଭାବେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଜେପି ସରକାରଙ୍କ ଗତ ଏକ ବର୍ଷରେ, ମହିଳା, ଯୁବ ଓ ଛାତ୍ର ମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଅବିଚାରକୁ ବିରୋଧ କରି ବିଜେଡି ଆସନ୍ତା ୧୩ ତାରିଖରେ ଯାଜପୁରଠାରେ ମହିଳା ଓ ୧୮ ତାରିଖରେ ପୁରୀରେ ଯୁବ-ଛାତ୍ର ସମାବେଶ କରିବ ବୋଲି ଘୋଷଣା କରିଛି ବିଜେଡି।

ଶଙ୍ଖ ଭବନରେ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପ ସଭାପତି ପ୍ରମିଳା ମଲ୍ଲିକ ଓ ଉପସଭାପତି

**■ ୧୩ରେ ଯାଜପୁରଠାରେ ମହିଳା ସମାବେଶ**
**■ ୧୮ରେ ପୁରୀଠାରେ ଯୁବ ଓ ଛାତ୍ର ସମ୍ମିଳନୀ**

ସଞ୍ଜୟ ଦାସବର୍ମା ବିଜେପି ସରକାର ମହିଳା, ଯୁବ ଛାତ୍ରଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ବିଜୁ ପଟ୍ଟନାୟକ ପ୍ରଥମେ ପଞ୍ଚାୟତ ସ୍ତରରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ବିଜୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ପରବର୍ତ୍ତୀ ସମୟରେ ଏହି ସଂରକ୍ଷଣକୁ ୫୦ପ୍ରତିଶତକୁ ବଢ଼ାଇଥିଲେ । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନବୀନ ପଟ୍ଟନାୟକ ଆରମ୍ଭ କରିଥିବା ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ପ୍ରାୟ ୭୦ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସ୍ୱାବଲମ୍ବୀ କରିଥିଲେ। ରାଜ୍ୟ ସରକାରଙ୍କ ୨୦ଟି ବିଭାଗରେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ସେସବୁ କାର୍ଯ୍ୟକୁ ବନ୍ଦ କରିବାକୁ ବସିଛନ୍ତି । ସୁଭଦ୍ରା ଯୋଜନାରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି ବିଜେପିର ପ୍ରତିଶ୍ରୁତି ମିଛ ବୋଲି ପ୍ରମାଣିତ ହୋଇଛି। ତେଣୁ ମହିଳା ମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ବିରୋଧରେ, ଆସନ୍ତା ୧୩ ତାରିଖରେ ଯାଜପୁରଠାରେ ଏକ ବିରାଟ ମହିଳା ସମ୍ମିଳନୀ କରାଯିବ ବୋଲି ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଏକ ବର୍ଷର ବିଜେପି ସରକାର ପ୍ରତିଶ୍ରୁତି ପୂରଣରେ ବିଫଳ ହୋଇଛି। ରାଜ୍ୟର ୧.୫ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାର ବିଜେପିର ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଏହି ଏକ ବର୍ଷରେ ରାଜ୍ୟରେ ବିଭିନ୍ନ ପଦବୀ ପାଇଁ ଅନୁଷ୍ଠିତ ହୋଇଥିବା ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଛି। ଓଜେଏସ ପରୀକ୍ଷାରେ ପ୍ରଶ୍ନ ପତ୍ର ବିଭ୍ରାଟକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଟିପ୍ପଣୀ ରାଜ୍ୟ ସରକାରଙ୍କ ପାରିବାପଣିଆକୁ କାଠଗଡାରେ ଛିଡ଼ା କରିଛି। ସେହିପରି ଷ୍ଟାଫ ସିଲେକ୍ସନ, ଓପିଏସସିର ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଛି।ଯାହା ଫଳରେ ଗତ ଏକ ବର୍ଷ ଭିତରେ ଗୋଟିଏ ବି ପରୀକ୍ଷା ତ୍ରୁଟିଶୂନ୍ୟ ଭାବରେ କରିବାରେ ସରକାର ସକ୍ଷମ ହୋଇ ପାରି ନାହାନ୍ତି। ଅପରପକ୍ଷରେ ଉଚ୍ଚ ଶିକ୍ଷା ପାଇଁ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଉଥିବା ନୂଆ ଓ ଛାତ୍ରବୃତ୍ତିକୁ ମଧ୍ୟ ରାଜ୍ୟ ବିଜେପି ସରକାର ବାତିଲ କରି ଦେଇଛନ୍ତି । ରାଜ୍ୟର ଯୁବ ଛାତ୍ର ମାନଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ହୋଇଥିବା ରାଜ୍ୟ ସରକାରଙ୍କ ବିରୋଧରେ ଏକ ବିରାଟ ସମ୍ମିଳନୀ ଆସନ୍ତା ୧୮ ତାରିଖରେ ପୁରୀ ଠାରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ଦାସବର୍ମା ସୂଚନା ଦେଇଛନ୍ତି।

# ୬୦ ହୋମ୍‌ଗାର୍ଡ ପଦକୁ ୬୪୮୧ ଆବେଦନକାରୀ

କେସିଙ୍ଗା,୧୦।୬(ସମିସ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଥାନାରେ ହୋମ୍‌ଗାର୍ଡ ପଦ ପୂରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ଦିନ ତଳେ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ୬୦ଟି ପଦ ପାଇଁ ୬୪୮୧ ଆବେଦନ ଆସିଛି। ଭବାନୀପାଟଣା ଟାଉନ୍ ଥାନାରେ ୮ଟି ପଦ ପାଇଁ ୩୭୫, ଭବାନୀପାଟଣା ସଦର ଥାନାରେ ୬ଟି ପଦ ପାଇଁ ୭୯୪, କେସିଙ୍ଗା ଥାନାରେ ୯ଟି ପଦ ପାଇଁ ୮୩୪, ନର୍ଲା ଥାନାରେ ୭ଟି ପଦ ପାଇଁ ୫୬୭, ଲାଞ୍ଜିଗଡ଼ ଥାନାରେ ୩ଟି ପଦ ପାଇଁ ୬୮ ଜଣ ଆବେଦନ କରିଛନ୍ତି। ସେହିପରି ଜୁନାଗଡ଼ ଥାନାରେ ୯ଟି ପଦ ପାଇଁ ସର୍ବାଧିକ ୯୯୦, ଗୋଲାମୁଣ୍ଡା ଥାନାରେ ୨ଟି ପଦ ପାଇଁ ୩୧୩, କେଗାଆଁ ଥାନାରେ ୨ଟି ପଦ ପାଇଁ ୩୭୫, କୋକସରା ଥାନାରେ ଗୋଟିଏ ପଦ ପାଇଁ ୩୫୮, ଜୟପାଟଣା ଥାନାରେ ୫ ପଦ ପାଇଁ ୪୩୯, ଧର୍ମଗଡ଼ ଥାନାରେ ୮ଟି ପଦ ପାଇଁ ୪୬୦ ଜଣ ଆବେଦନ କରିଛନ୍ତି। ଅନ୍ୟପକ୍ଷେ କଳମପୁର ଅଞ୍ଚଳରୁ ୨୧୫, କର୍ଲାପାଟ ଅଞ୍ଚଳରୁ ୧୧, ଥୁଆମୂଳରାମପୁର ଅଞ୍ଚଳରୁ ୧୧୧, ବିଶ୍ୱନାଥପୁର ଅଞ୍ଚଳରୁ ୫୬, ବିଜେପୁର ଅଞ୍ଚଳରୁ ୧୮ ଏବଂ ଆମପାଣି ଅଞ୍ଚଳରୁ ୪୫ ଜଣ ଯୁବକଯୁବତୀ ଆବେଦନ କରିଛନ୍ତି। ଏଥିରେ ସମୁଦାୟ ୬୦୧ ଜଣ ମହିଳା ଆବେଦନକାରୀ ରହିଛନ୍ତି।

# ୮ ହଜାର ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଲାମତାପୁଟ ବ୍ଲକ୍ ସହକାରୀ ଯନ୍ତ୍ରୀ



### ମନରେଗା ବିଲ ପାସ୍ ପାଇଁ ନେଉଥିଲେ ଟଙ୍କା


କୋରାପୁଟ/ ଲମତାପୁଟ,୧୦।୬ (ସମିସ): ମଙ୍ଗଳବାର ଅପରାହ୍ନରେ ଲମତାପୁଟ ବ୍ଲକର ସହକାରୀ ଯନ୍ତ୍ରୀ ସୁଚିସ୍ମିତା ପରିଜା ମନରେଗା ବିଲ ପାସ କରିବାକୁ ଜଣେ ଠିକାଦାରଙ୍କ ଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନସ୍ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ଟିମ୍ ସହକାରୀ ଯନ୍ତ୍ରୀଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି। ଯନ୍ତ୍ରୀଙ୍କ କାର୍ଯ୍ୟଳୟ ସମେତ ତାଙ୍କ ବାସଗୃହ,ସେମିଳିଗୁଡା ଏବଂ ଭୁବନେଶ୍ୱରରେ ଥିବା ଘରେ ମଧ୍ୟ ଚଢ଼ଉ ଜାରି ରହିଥିବା ଜଣା ପଡ଼ିଛି। କୋରାପୁଟ ଭିଜିଲାନ୍ସ ପିଏସ୍ କେସ ନଂ ୨୨/ ୨୦୨୫ , ଦୁର୍ନୀତି ନିବାରଣ ଆଇନ ପ୍ରକାରେ ମାମଲା ରୁଜୁ କରାଯାଇ ତଦନ୍ତ କରା ଯାଉଥିବା ଭିଜିଲାନ୍ସ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆ ଯାଇଛି। ଚଢ଼ଉରେ ୩ ଜଣ ଡିଏସପି, ୨ ଜଣ ଇନ୍ସପେକ୍ଟର ସାମିଲ ଥିଲେ। ସୂଚନା ମୁତାବକ ଲମତାପୁଟ ବ୍ଲକ ନନ୍ଦପୁର ଥାନା ଅଧୀନରେ ଥିବା ଉମ୍ବେଲ ପଞ୍ଚାୟତର ଜୈନିକ ବ୍ୟକ୍ତି କରିଥିବା ମନରେଗା ଯୋଜନାର ଘାଟ କଟିଙ୍ଗ କାର୍ଯ୍ୟର ବିଲ କରିବାକୁ ସହକାରୀ ଯନ୍ତ୍ରୀ ସୁଚିସ୍ମିତା ପରିଜା ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବ୍ୟକ୍ତି ଜଣକ ପ୍ରଥମେ ୫ ହଜାର ଟଙ୍କା ଦେଇ ବଳକା ୧୦ ହଜାର ପରେ ଦେବାକୁ କହି ସୋମବାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ଉକ୍ତ ୧୦ ହଜାର ଟଙ୍କା ମଧ୍ୟରୁ ୮ ହଜାର ଟଙ୍କା ଦେବା ବେଳେ ଭିଜିଲାନ୍ସ ଦଳ ଚଢ଼ଉ କରି ରାସାୟନିକ ରଙ୍ଗ ଦିଆଯାଇଥିବା ୮ ହଜାର ଟଙ୍କା ଜବତ କରିବା ସହ ଯନ୍ତ୍ରୀଙ୍କୁ ଗିରଫ କରିଛନ୍ତି।

# ମଧୁମେହରେ ଆକ୍ରାନ୍ତ ମେଧାବୀ ଛାତ୍ରୀଙ୍କ ମୃତ୍ୟୁ

ବୈପାରିଗଡ଼ା,୧୦।୬(ସମିସ): ବୈପାରିଗୁଡା ବ୍ଲକ ଅନ୍ତର୍ଗତ ମହୁଲି ପଞ୍ଚାୟତର ତୋଲା ଗ୍ରାମର ଗୋପି ଖିଲଙ୍କ ୧୧ ବର୍ଷିୟା ଝିଅ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଗୋପି ଖିଲଙ୍କ ଝିଅ ଶୁଭଶ୍ରୀ ଖିଲ ତୋଲା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଥିଲେ। ଦୀର୍ଘ ୫ ବର୍ଷ ଧରି ସେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଜୟପୁର ଜିଲ୍ଲା ହସ୍‌ପିଟାଲର ଡାକ୍ତରଙ୍କ ପରାମର୍ଶକ୍ରମେ ଘରେ ରହି ଔଷଧ ଖାଉଥିଲେ। ତିନି ବର୍ଷ ଔଷଧ ଖାଇବା ପରେ ଔଷଧ କାମ ନ କରିବାରୁ ଦିନକୁ ଦୁଇ ଥର ଇନ୍‌ସୁଲିନ୍ ଇଞ୍ଜେକସନ ନେବାକୁ ଆରମ୍ଭ କରିଥିଲେ। ଚଳିତ ମାସ ୭ ତାରିଖ ଦିନ ହଠାତ୍ ଅସୁସ୍ଥ ହୋଇ ପଡିବାରୁ ବାପା ଗୋପି ଖିଲ ଜୟପୁର ଜିଲ୍ଲା ହସପିଟାଲକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ଡାକ୍ତର ଶୁଭଶ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ଗୋପି ଖିଲ ଜଣେ ଗରିବ ଏବଂ ଦିନ ମଜୁରିଆ ହୋଇଥିବା ବେଳେ ଆର୍ଥିକ ଅନଟନ ଯୋଗୁଁ ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସା କରାଇବା ପାଇଁ ଅସମର୍ଥ ଥିଲେ। ଗୋପି ଝିଅ ଶୁଭଶ୍ରୀଙ୍କୁ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କିନ୍ତୁ ୯ ତାରିଖ ଅପରାହ୍ନ ୩ଟା ବେଳେ ଶୁଭଶ୍ରୀଙ୍କ ଚିକିତ୍ସା ସମୟରେ ମୃତ୍ୟୁ ହୋଇଯାଇଥିଲା। ଛୋଟ ବୟସରେ ଏଭଳି ମୃତ୍ୟୁକୁ ନେଇ ତୋଲା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୫୮
- ପାଉଣ୍ଡ ୧୧୫.୫୭
- ୟୁରୋ ୯୭.୮୨
- ୟେନ୍ ୦.୫୯


## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୯,୫୦୦ (ଭୁବନେଶ୍ୱର)
- ରୁପା : ୧,୧୦,୪୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୩୯୧.୭୨
- ନିଫ୍ଟି ୨୫,୧୦୪.୨୫



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଅର୍ଥମନ୍ତ୍ରୀଙ୍କ ନିର୍ଦ୍ଦେଶ

# ପଡ଼ି ରହିଥିବା ଟଙ୍କା ଶୀଘ୍ର ଫେରାନ୍ତୁ ବ୍ୟାଙ୍କ




### ବ୍ୟାଙ୍କରେ ପଡ଼ିରହିଛି ୭୮, ୨୧୩ କୋଟି ଟଙ୍କା
### କେୱାଇସି ସରଳୀକରଣର ଆବଶ୍ୟକତା ରହିଛି

ମୁମ୍ବାଇ, ୧୦।୬ (ଏଜେନ୍ସି): ବ୍ୟାଙ୍କରେ ପଡ଼ି ରହିଥିବା ଟଙ୍କାକୁ ସଠିକ୍ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିୟାମକ ଏବଂ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଆର୍ଥିକ ସ୍ଥିରତା ଏବଂ ବିକାଶ ପରିଷଦ (ଏଫଏସଡିସି)ର ୨୯ତମ ବୈଠକରେ ଅର୍ଥମନ୍ତ୍ରୀ ଏହା ଉପରେ ଜୋର ଦେଇଛନ୍ତି। ଏହା ସହିତ କେୱାଇସି ପ୍ରକ୍ରିୟାକୁ ଅଧିକ ସରଳ କରିବା ପାଇଁ ଏହି ପରିଷଦକୁ ଅର୍ଥ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଅର୍ଥମନ୍ତ୍ରୀ କହିଛନ୍ତି ଯେ କେୱାଇସି ମାନଦଣ୍ଡରେ ସରଳୀକରଣ ଏବଂ ଡିଜିଟାଲକରଣର ଆବଶ୍ୟକତା ରହିଛି। ସେହିପରି ଭାରତର ପ୍ରତିଭୂତି ବଜାରରେ ପିଆଇଓ ଏବଂ ଓସିଆଇ ସହିତ ଏନଆରଆଇଙ୍କ ଡିଜିଟାଲ ଅନବୋର୍ଡିଂ ସୁବିଧା କରିବାକୁ କୁହାଯାଇଛି। ବ୍ୟାଙ୍କରେ ଥିବା ଜମାରାଶି ଫେରସ୍ତ ଲାଗି ଅର୍ଥମନ୍ତ୍ରୀ ନିୟାମକ ଏବଂ ବିଭାଗଗୁଡ଼ିକୁ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦାବିହୀନ ଅର୍ଥକୁ ସଠିକ୍ ମାଲିକମାନଙ୍କୁ ଫେରସ୍ତ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି। ଏଥିରେ କୁହାଯାଇଛି ଯେ ଆରବିଆଇ, ସେବି, ଏମସିଏ, ପିଏଫଆରଡିଏ ଏବଂ ଆଇଆରଡିଏ ସହିତ ବ୍ୟାଙ୍କ, ପେନସନ ଏଜେନ୍ସି, ବୀମା କମ୍ପାନୀ ଇତ୍ୟାଦିଙ୍କ ସମନ୍ୱୟରେ ଏହି ଅଭିଯାନ ଚାଲିବ।

ଆରବିଆଇର ସଦ୍ୟତମ ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୪ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କଗୁଡ଼ିକରେ ଦାବିହୀନ ଜମା ୨୬ ପ୍ରତିଶତ ବୃଦ୍ଧି ପାଇଛି। ଏହା ୭୮, ୨୧୩ କୋଟିରେ ପହଞ୍ଚି ଯାଇଛି। ସେହି ସମୟରେ ଜମାକାରୀ ଶିକ୍ଷା ଏବଂ ସଚେତନତା ପାଣ୍ଠିର ପରିମାଣ ୬୨, ୨୨୫ କୋଟି ଟଙ୍କା ଥିଲା। ସୂଚନା ଅନୁଯାୟୀ ଏଫଏସଡିସି ବୈଠକରେ ବିଶ୍ୱସ୍ତରରେ ଆର୍ଥିକ ଅସ୍ଥିରତା ମୁକାବିଲା ପାଇଁ ଭାରତର ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଘରୋଇ ଏବଂ ବିଶ୍ୱସ୍ତରୀୟ ମାକ୍ରୋ-ଆର୍ଥିକ ପରିସ୍ଥିତିରୁ ଆଗକୁ ଯିବା ଉପରେ ବିଚାରବିମର୍ଶ ହୋଇଥିଲା। ଏହା ସହିତ ସତର୍କ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଦସ୍ୟମାନେ ଆର୍ଥିକ କ୍ଷେତ୍ରର ବ୍ୟାପକ ବିକାଶ ପାଇଁ ଆନ୍ତଃ-ନିୟାମକ ସମନ୍ୱୟକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ବ୍ୟତୀତ ଭାରତୀୟ ଆର୍ଥିକ କ୍ଷେତ୍ରର ସାଇବର ସ୍ଥିରତା ଢାଞ୍ଚାକୁ ସୁଦୃଢ଼ କରିବା ଉପରେ ବିଚାର କରାଯାଇଥିଲା। ଅନ୍ୟପକ୍ଷରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସୋମବାର କେନ୍ଦ୍ର ସରକାରଙ୍କୁ ୮ ହଜାର କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛି।

# ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଟାଟା ଷ୍ଟିଲ୍‌ର ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୦।୬(ସମିସ): ମାଟ୍ରିକ ପରୀକ୍ଷାରେ ଉତ୍କର୍ଷ ପ୍ରଦର୍ଶନ କରିଥିବା କେଉଁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ଗୁଆଲି ଏବଂ ଲୋଇଡାପଡା ପଞ୍ଚାୟତର ମେଧାବୀ ଛାତ୍ରଛାତ୍ରୀଙ୍କୁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ ଟାଟା ଷ୍ଟିଲ୍ ଜେନେରାଲ ମ୍ୟାନେଜର ଅତୁଲ ଭଟ୍ଟନାଗର, ଯୋଡା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାୟକ, ସାମାଜିକ କର୍ମୀ ବିଦ୍ୟାଧର ନାୟକ, ଖୁସା ଆପଟ, ଡବରା ମୁଣ୍ଡା ଏବଂ ଝୁରିଆ ମୁଣ୍ଡା ପ୍ରମୁଖ ଅତିଥି ଭାବେ ସାମିଲ ହୋଇ କୃତୀ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ । ସମ୍ମାନୀତ ହୋଇଥିବା ୯ ଜଣ ମେଧାବୀଙ୍କ ମଧ୍ୟରୁ ଗୁଆଲିର ଝରଣା ମହାନ୍ତି ୬୮% ନମ୍ବର ରଖିଥିବାବେଳେ ସୁମନ ମୁଣ୍ଡା ୭୦%, ସ୍ନେହାରାଣୀ ପାତ୍ର ୬୨% ଏବଂ ସୁନାମ ମୁଣ୍ଡା ୬୫% ମାର୍କ ରଖିଛନ୍ତି । ସେହିପରି ଲୋଇଡାପଡାର ସ୍ୱପ୍ନା ଆପଟ ୭୩% ଏବଂ ଦେବାଶିଷ ବାରିକ ୬୦%, ଟୋପାଡିହିର ଦୋଳଗୋବିନ୍ଦ ନାହାକ ୬୧%, ବରପଦାର ପ୍ରତିମା ନାଏକ ୬୦% ଏବଂ କମାରପୋଷର ରେମା ମୁଣ୍ଡା ୬୮% ମାର୍କ ରଖିଛନ୍ତି । ସେମାନଙ୍କ ମଧ୍ୟରୁ ସ୍ନେହାରାଣୀ ପାତ୍ର, ଦୋଳଗୋବିନ୍ଦ ନାହାକ ଏବଂ ରେମା ମୁଣ୍ଡା ଟାଟା ଷ୍ଟିଲ ଫାଉଣ୍ଡେସନର ଜ୍ୟୋତି ଫେଲୋସିପ୍ ପାଉଛନ୍ତି। ଟାଟା ଷ୍ଟିଲ୍‌ର ସମ୍ବର୍ଦ୍ଧନା ଛାତ୍ରଛାତ୍ରୀଙ୍କୁ ପେରରିତ କରିବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଛନ୍ତି ।

# ସ୍ଥାୟୀ ଜଳ ପରିଚାଳନାକୁ ପ୍ରୋତ୍ସାହନ ଦେଉଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, ୧୦।୬ (ସମିସ): ଏକବିଂଶ ଶତାବ୍ଦୀରେ ଜଳ ଦ୍ରୁତ ଗତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ମଧ୍ୟରୁ ଗୋଟିଏ ହେବାକୁ ଯାଉଛି। ଜଳବାୟୁ ପରିବର୍ତ୍ତନ ତୀବ୍ର ହେବା ଏବଂ ଜଳ ସମ୍ପଦ ଅଧିକ ସୀମିତ ହେବା ସହିତ, ଦାୟିତ୍ୱପୂର୍ଣ୍ଣ ଜଳ ପରିଚାଳନାର ଆବଶ୍ୟକତା କେବେ ଏତେ ଜରୁରୀ ହୋଇନାହିଁ। ଆଜି ଶିଳ୍ପ ନେତାମାନେ କେବଳ ବ୍ୟବହାର ହ୍ରାସ କରିବା ପାଇଁ ନୁହେଁ ବରଂ ସେମାନେ କାର୍ଯ୍ୟ କରୁଥିବା ଇକୋସିଷ୍ଟମରେ ସକାରାତ୍ମକ ଯୋଗଦାନ ଦେବା ପାଇଁ ସକ୍ରିୟ ଭାବରେ ଉପାୟ ଅନୁସନ୍ଧାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ବେଦାନ୍ତ ଆଲୁମିନିୟମ - ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ - ସ୍ଥାୟୀ ଜଳ ପରିଚାଳନାରେ ଏକ ନେତା ଭାବରେ ଉଭା ହେଉଛି। ୨୦୩୦ ସୁଦ୍ଧା ଜଳ ସକାରାତ୍ମକ ହେବାର ଦୃଷ୍ଟିକୋଣ ସହିତ, କମ୍ପାନୀ କିପରି ବ୍ୟବସାୟିକ ଅଭିବୃଦ୍ଧି ପରିବେଶଗତ ଦାୟିତ୍ୱ ସହିତ ଘନିଷ୍ଠ ଭାବରେ ସମନ୍ୱିତ ହୋଇପାରିବ ତାହା ପୁନଃପରିଭାଷିତ କରୁଛି।

ବେଦାନ୍ତ ଆଲୁମିନିୟମ ଭାରତର ଆଧୁନିକ ଶିଳ୍ପ ଦୃଶ୍ୟପଟରେ ସବୁଠାରୁ ପ୍ରଭାବଶାଳୀ ଜଳ ପରିଚାଳନା କାର୍ଯ୍ୟକ୍ରମ ମଧ୍ୟରେ ନିୟୋଜିତ କରିଛି, ଜଳ ପରିଚାଳନାକୁ ଏହାର ସ୍ଥାୟୀତ୍ୱ ଯାତ୍ରାର ମୂଳକୁ ପଥେୟ କରି - କେବଳ ଆର୍ଥିକ ବର୍ଷ୨୫ ରେ ଏହାର କାର୍ଯ୍ୟରେ ୧୬ ବିଲିୟନ ଲିଟରରୁ ଅଧିକ ପାଣିର ପୁନଃଚକ୍ରଣ କରିଛି। ଏହା ପ୍ରାୟ ୬,୪୦୦ ଅଲିମ୍ପିକ୍-ଆକାରର ସୁଇମିଂ ପୁଲର ପରିମାଣ ସହିତ ସମାନ। ଏହା ସମ୍ବଳ ପରିଚାଳନା ପାଇଁ ଏକ ଅତ୍ୟନ୍ତ



ଶୃଙ୍ଖଳିତ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ୧୫% ପୁନଃବ୍ୟବହାର ହାର ସହିତ, ବେଦାନ୍ତ ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଅଭିନବ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରକ୍ରିୟାଗୁଡ଼ିକୁ ନିୟୋଜିତ କରି ଜଳ ଦକ୍ଷତାରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି।

କମ୍ପାନୀର ରଣନୀତି ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ - କଠୋର ଜଳ ନିରୀକ୍ଷଣ, ସର୍ବାଧିକ ପୁନଃବ୍ୟବହାର, ସମ୍ପ୍ରଦାୟ ପ୍ରବେଶ ଏବଂ ଶୂନ୍ୟ ନିର୍ଗମନ। ଏହାର କାର୍ଯ୍ୟ ମଧ୍ୟରେ, ଜଳ ସୁରକ୍ଷା ପ୍ରତି ବେଦାନ୍ତର ପ୍ରତିବଦ୍ଧତା ସ୍କେଲ୍ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଭାଷିତ। କମ୍ପାନୀ ଏହାର ଶୂନ୍ୟ ତରଳ ନିର୍ଗମନ (ଜେଡଏଲଡି) ପଦ୍ଧତିର ଅଂଶ ଭାବରେ ଏହାର ଝାରସୁଗୁଡା ପ୍ଲାଣ୍ଟରେ ଓଡ଼ିଶାର ସର୍ବବୃହତ ଶିଳ୍ପ ରିଭର୍ସ ଅସମୋସିସ୍ (ଆରଓ) ପ୍ଲାଣ୍ଟ ପରିଚାଳନା କରେ - ଏହା ନିଶ୍ଚିତ କରେ ଯେ ଏହାର କାର୍ଯ୍ୟ ମାଧ୍ୟମରେ ସୃଷ୍ଟି ହେଉଥିବା ସମସ୍ତ ବର୍ଜ୍ୟଜଳକୁ ପ୍ଲାଣ୍ଟ ମଧ୍ୟରେ ବିଶୋଧନ ଏବଂ ପୁନଃବ୍ୟବହାର କରାଯାଏ। ଓଡ଼ିଶାର କଳାହାଣ୍ଡିରେ ପ୍ରକଳ୍ପ ସଙ୍ଗମ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ ଭାରତର କିଛି ଦୁର୍ଗମ ଅଂଚଳରେ ସାମୁଦାୟିକ ଜଳ ଭିତ୍ତିଭୂମିକୁ ପରିବର୍ତ୍ତନ କରୁଛି। ଏହି ଅଂଚଳରେ ଚାଷ କରାଯାଉଥିବା ୩,୫୦୦ ଏକରରୁ ଅଧିକ ଜମିକୁ ନିର୍ଭରଯୋଗ୍ୟ ଜଳସେଚନ ଆଣିବା, ଯାହା ଦ୍ୱାରା ୨୨,୦୦୦ ରୁ ଅଧିକ ଲୋକ ବର୍ଷସାରା ଏହି ପ୍ରକଳ୍ପରୁ ଉପକୃତ ହୋଇପାରିବେ।

# ସ୍ଥପତି ସଂଘର ପ୍ରସ୍ତାବ: ସରଳୀକରଣ ହେଉ ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ୍



ଭୁବନେଶ୍ୱର, ୧୦।୬ (ସମିସ): ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଆର୍କିଟେକ୍ଟସ୍ (ଆଇଆଇଏ) ଓଡ଼ିଶା ଚାପ୍ଟରର ଅଧକ୍ଷା ସ୍ୱପ୍ନଦତ୍ତା ମହାନ୍ତିଙ୍କ ନେତୃତ୍ୱରେ ପ୍ରସ୍ତାବିତ ଚିଠା ଓଡ଼ିଶା ବିକାଶ ପ୍ରାଧିକରଣ (ପ୍ଲାନିଂ ଓ ନିର୍ମାଣ ମାନକ ନିୟମ) ୨୦୨୫, ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଏବଂ ସହରାଞ୍ଚର ବିକାଶର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ପ୍ରଦାନ କରିଛି । କ୍ରେଡାଇ ଓଡ଼ିଶା, କ୍ରେଡାଇ ଭୁବନେଶ୍ୱର, ଆଫର୍ଡ ଏନଂ ନରେଡକୋ ଓଡ଼ିଶା ସମେତ ପ୍ରମୁଖ ଅଂଶୀଦାରଙ୍କ ସହିତ ବ୍ୟାପକ ଆଲୋଚନା ପରେ ଏହା ପ୍ରଦାନ କରାଯାଇଛି । ଚିଠା ପ୍ରସ୍ତାବ ଯେଉଁଳି ସମାବେଶୀ ଏବଂ ବାସ୍ତବବାଦୀ ହେବ ତାହା ସୁନିଶ୍ଚିତ କରିବାକୁ ଜନସାଧାରଣଙ୍କ ମତାମତକୁ ମଧ୍ୟ ବିଚାରକୁ ନିଆଯାଇଛି । ଆଇନକୁ କମ୍ ଜଟିଳ ଏବଂ ଅଧିକ ଲୋକାଭିମୁଖୀ କରି ଗଢିତୋଳିବା ଏବଂ ପରିଶେଷରେ ସାଧାରଣ ଲୋକଙ୍କୁ ଫାଇଦା ଦେବା ଲକ୍ଷ୍ୟରେ ଶ୍ରୀମତୀ ପାଢ଼ୀଙ୍କ ମାର୍ଗଦର୍ଶନରେ ଏହି ପ୍ରୟାସ ହାତକୁ ନିଆଯାଇଥିଲା । ପ୍ରସ୍ତାବିତ ନିୟମାବଳୀଗୁଡିକ ଲୋକାଭିମୁଖୀ ଏବଂ ଏହା ସାଧାରଣ ଜନତା ପ୍ଲାନିଂ ଏବଂ ବିକାଶ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ପଦ୍ଧତିଗତ ପ୍ରତିବନ୍ଧକଗୁଡିକୁ ସହଜ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି। ସାମ୍ପ୍ରତିକ ନିୟମଗୁଡିକ କୋଠାବାଡି ଅନୁମୋଦନ ପ୍ରକ୍ରିୟାକୁ ସୁଗମ କରିବା ଦ୍ୱାରା ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକର ସମାଧାନ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଛି। ବହୁସ୍ତରୀୟ କଟକଣାଯୁକ୍ତ ନିୟମାବଳୀକୁ ନେଇ ନାଗରିକମାନଙ୍କୁ ଭାରାକ୍ରାନ୍ତ କରିବା ପରିବର୍ତ୍ତେ ଏହି ନିୟମଗୁଡିକ ସେମାନଙ୍କୁ ସରଳୀକୃତ ଏବଂ ସହଜ ପଦ୍ଧତିଗୁଡିକ ଜରିଆରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି ।

କମ୍ ଆପଦଯୁକ୍ତ କୋଠାବାଡିଗୁଡିକର ଅନୁମୋଦନ ପଦ୍ଧତି ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହା ଅର୍ଥ ଆକାରରେ ୫୫୦୦ ବର୍ଗଫୁଟ ପର୍ଯ୍ୟନ୍ତ ପ୍ଲଟ ଏବଂ ତିନି ମହଲା ପର୍ଯ୍ୟନ୍ତ କୋଠାଗୁଡିକୁ ସିଙ୍ଗଲ ୱିଣ୍ଡୋ ସେବା ଜରିଆରେ ପଞ୍ଜିକୃତ ସ୍ଥପତିଙ୍କ ଦ୍ୱାରା ଅନୁମୋଦନ କରାଯାଇପାରିବ । ଏହା ଲୋକଙ୍କ ପାଇଁ ସହାୟକ ହେବ । ଦିଆଯାଇଥିବା ପ୍ରସ୍ତାବରେ ମଧ୍ୟ କୋଠାବାଡିର ପ୍ରକାର, ପ୍ଲିନ୍ଥ ଉଚ୍ଚତା, ଷ୍ଟିଲ୍ଟ ପାର୍କିଂ ଉଚ୍ଚତା, କୋଠାର ଉଚ୍ଚତା, ଭୂମି ବ୍ୟବହାର ଜୋନ୍, ପହଞ୍ଚିବାର ଉପାୟ, ସଡ଼କର ଓସାର ଏବଂ ସ୍ୱଷ୍ଟତାର ଅଭାବ ରହିଥିବା ଏହିଭଳି ଅନେକ ବିଷୟର ସଂଜ୍ଞାକୁ ଯେଉଁଳି ଦ୍ୱିଅର୍ଥ ବୋଧକ କରାଯାଉଛି ତାହାର ଦୂର କରାଯିବା ଅନ୍ତର୍ଭୁକ୍ତ । ଆପ୍ରୁଭାଲ୍‌ର ବୈଧତା ପାଞ୍ଚବର୍ଷ ପାଇଁ ବୃଦ୍ଧି କରାଯିବା ଏବଂ ସହଜ ନବୀକରଣ ପଦ୍ଧତି କାର୍ଯ୍ୟକାରୀ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏହି ପରିବର୍ତ୍ତନ ସ୍ୱଚ୍ଛତା, ସମାବେଶୀ ଏବଂ ଜୀବନ ଧାରଣ ସହଜ କରିବା ଦିଗରେ ପଦକ୍ଷେପକୁ ପ୍ରତିଫଳିତ କରୁଛି । ଦୀର୍ଘସ୍ଥାୟିତା ଲକ୍ଷ୍ୟ ସହିତ ତାଳଦେଇ ଏହି ଚିଠା ପ୍ରସ୍ତାବରେ ଆଧୁନିକ ବୈଷୟିକ ମାନକ, ସବୁଜ କୋଠାବାଡି ସର୍ତ୍ତାବଳୀ ଏବଂ ମଜଭୁତ ସହରାଞ୍ଚଳ ଡିଜାଇନ ନୀତିକୁ ସାମିଲ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ପରିବାରର ସହଯୋଗ ମିଳିବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିପାରେ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ଚାକିରିଆଙ୍କୁ ଶୁଭ ଖବର ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇପାରନ୍ତି। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ। ସଙ୍ଗୀତପ୍ରତି ରୁଚି ବଢ଼ିବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଐତିହ୍ୟ

- ୧୭୭୦: କ୍ୟାପ୍ଟେନ୍ ଜେମ୍ସ କୁକ୍ ଅଷ୍ଟ୍ରେଲିଆର 'ଗ୍ରେଟ୍ ୱାରିୟର୍ ରିଫ୍'କୁ ଠାବ କରିଥିଲେ।
- ୧୮୬୬: ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୨୧: ବ୍ରାଜିଲ୍‌ରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୪୦- ଇଟାଲୀ ମିତ୍ରରାଷ୍ଟ୍ରଙ୍କ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୨୦୦୮: ବ୍ରହ୍ମୋସ୍ ସୁପରସୋନିକ୍ ମିସାଇଲ୍‌କୁ ଭାରତୀୟ ବାୟୁସେନାରେ ସାମିଲ କରାଗଲା।

## ମହାନ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ



ଆଜି ବାହୁଡ଼ିଥିଲେ

ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର (ପଠାଣି ସାମନ୍ତ) ଜଣେ ଅସାଧାରଣ ଜ୍ୟୋତିର୍ବିଜ୍ଞାନୀ ଏବଂ ପଣ୍ଡିତ ଥିଲେ। ସେ ଆଧୁନିକ ଯନ୍ତ୍ରପାତି ବିନା ନିର୍ଭୁଲ୍ ବୈଜ୍ଞାନିକ ଗଣନା କରି ସାରା ବିଶ୍ୱର ଧ୍ୟାନ ଆକର୍ଷଣ କରିପାରିଥିଲେ। ପଠାଣି ସାମନ୍ତ ୧୮୩୫ ମସିହା ଡିସେମ୍ବର ୧୩ ତାରିଖ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ନୟାଗଡ଼ର ଖଣ୍ଡପଡ଼ା ରାଜବଂଶରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଶ୍ୟାମବନ୍ଧୁ ସିଂହ ଓ ମାତାଙ୍କ ନାମ ବିଷ୍ଣୁମାଳୀ ଦେବୀ ଥିଲା। ଖଣ୍ଡପଡ଼ା ନିକଟସ୍ଥ ଖୁଣ୍ଟୁପଡ଼ା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ କୃପାରୁ ସେ ଜନ୍ମଗ୍ରହଣ କରିଥିବା ବିଶ୍ୱାସ କରି, ବାପାମାଆ ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ତାଙ୍କ ଆଗରୁ ଦୁଇଟି ଝିଅ ଓ ଗୋଟିଏ ପୁଅ ମରିଯାଇଥିବାରୁ ତାଙ୍କର ଅପର୍ତ୍ତ୍ୟାଣି ନାମ ପଠାଣି ରଖାଯାଇଥିଲା। ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ପଠାଣି ସାମନ୍ତଙ୍କ ପ୍ରତିଭାର ଉନ୍ମେଷ ବାଲ୍ୟକାଳରୁ ହିଁ ଘଟିଥିଲା। ପିଲାଦିନେ ସେ ଗଛ ଛାଇ ମାପୁଥିଲେ। ମାତ୍ର ୯ ବର୍ଷ ବୟସରେ ସେ ନକ୍ଷତ୍ରମାନଙ୍କର ଗତିବିଧି ଲକ୍ଷ୍ୟ କରୁଥିଲେ। ଦଶବର୍ଷ ବୟସ ବେଳେ ଚନ୍ଦ୍ରଶେଖର ପିତା ଶ୍ୟାମବନ୍ଧୁଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷା ଆରମ୍ଭ କରିଥିଲେ। କ୍ରମେ ଜ୍ୟୋତିର୍ବିଜ୍ଞାନ ପ୍ରତି ତାଙ୍କର ଆଗ୍ରହ ବଢ଼ିବାକୁ ଲାଗିଲା। ସେ ଆକାଶରେ ନକ୍ଷତ୍ରମାନଙ୍କର ସ୍ଥାନ ପରିବର୍ତ୍ତନ ଓ ଗତିବିଧି ନିରୂପଣ ପାଇଁ ମନ ନିବେଶ କଲେ। ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତି ଅବଲୋକନ କରି ସେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଲେ ତାହା ପୁରାତନ ସଂସ୍କୃତ ଜ୍ୟୋତିଷ ଶାସ୍ତ୍ରର ସିଦ୍ଧାନ୍ତ ସହିତ ଅମେଳ ଥିଲା। ତାଙ୍କର ନିଜ ସିଦ୍ଧାନ୍ତରୁ ପ୍ରମାଣିତ ହେଲା ଯେ, ପୁରାତନ ଭାରତୀୟ ଜ୍ୟୋତିର୍ବିଦମାନଙ୍କ ଗଣନା ଦିବସରୁ ନକ୍ଷତ୍ର ଜଗତର ସ୍ଥିତିଗତି ବଦଳିଯାଇଛି। ଦୀର୍ଘ ବର୍ଷର ଅନୁଶୀଳନ ପରେ ସେ ରଚନା କରିଥିଲେ 'ସିଦ୍ଧାନ୍ତ ଦର୍ପଣ'। ଏହି ରଚନା ପାଇଁ ସେ ଆନ୍ତର୍ଜାତିକ ସ୍ତରରେ ସଫଳତା ସାଉଣ୍ଟିଥିଲେ। ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇଲା ୧୮୯୯ ମସିହାରେ। ଫଳିତ ଜ୍ୟୋତିଷଶାସ୍ତ୍ରର ନିର୍ଭୁଲ ଗଣନା ପାଇଁ ତାଙ୍କୁ ୧୮୯୩ ମସିହାରେ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରାଯାଇଥିଲା। ଶଙ୍କୁ, ସୂର୍ଯ୍ୟଘଡ଼ି, ଗୋଲଯନ୍ତ୍ର, ମାନଯନ୍ତ୍ର, ଧନୁଯନ୍ତ୍ର ଇତ୍ୟାଦି ଦେଶୀ ମାଧ୍ୟମ ବ୍ୟବହାର କରି ମହାକାଶର ଜଟିଳ ସିଦ୍ଧାନ୍ତକୁ ସେ ଲିପିବଦ୍ଧ କରୁଥିଲେ। ୧୯୦୪ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ।




## ବିସ୍କୁଟ୍ ମାଧ୍ୟମରେ କର୍କଟ ସଚେତନତା ବାର୍ତ୍ତା

ଧୂମପାନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା କର୍କଟ ଭଳି ମାରାତ୍ମକ ରୋଗର କାରଣ ହୋଇଥାଏ। ଏହାସତ୍ତ୍ୱେ ମଧ୍ୟ ଲୋକେ ଧୂମପାନଠାରୁ ନିବୃତ୍ତ ରହି ନ ଥାନ୍ତି। ଏହି କ୍ରମରେ ଭାରତୀୟ କ୍ୟାନ୍ସର ସୋସାଇଟି ପକ୍ଷରୁ ଏକ ଲଘୁ ଫିଲ୍ମ ମାଧ୍ୟମରେ ରିସ୍କି ନାମକ ଏକ ବିସ୍କୁଟ୍ ବ୍ରାଣ୍ଡର କାଳ୍ପନିକ ଲଞ୍ଚ ମାଧ୍ୟମରେ କର୍କଟ ପ୍ରତି ଲୋକଙ୍କୁ ନିଆରା ଶୈଳୀରେ ସଚେତନ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ବଲିଉଡ଼ର ମହାନ୍ ଅଭିନେତା ଅମିତାଭ ବଚ୍ଚନ ସେୟାର୍ କରିଛନ୍ତି। ଏଥିରେ ଦେଖିବାକୁ ମିଳିଛି, ଜଣେ ଯୁବକ ସିଗାରେଟ୍ ତଥା ଗୁଟ୍‌ଖା ଦୋକାନ ପାଖରେ ବିସ୍କୁଟ୍ ବିକ୍ରି କରୁଛନ୍ତି। ସେ ସିଗାରେଟ୍ ପିଉଥିବା ଲୋକଙ୍କୁ ନୂଆ ବିସ୍କୁଟ୍ ଲଞ୍ଚ କରିଥିବା କହୁଛନ୍ତି। ଏହାକୁ ଖାଇ ସ୍ୱାଦ ବାବଦରେ ପ୍ରତିକ୍ରିୟା ଦେବା ପାଇଁ ସେ ଲୋକଙ୍କୁ କହନ୍ତି। କିଛି ଲୋକ ବିସ୍କୁଟ୍ ଖାଇ ଏହାକୁ ଥୁ ଥୁ କରୁଥିବା ବେଳେ ଆଉ କେତେଜଣ ଏହାକୁ ଖାଇବାକୁ ମନା କରି ଦେଇଛନ୍ତି। ତେବେ ଏହି ବିସ୍କୁଟ୍ ପ୍ୟାକେଟ୍‌ରେ ଚେତାବନୀ ଲେଖାଯାଇଛି ଯେ, ଏହାକୁ ଖାଇଲେ କର୍କଟ ହେବ। ହେଲେ ବିସ୍କୁଟ୍ ବିକ୍ରି କରୁଥିବା ବ୍ୟକ୍ତି ଜଣକ କର୍କଟ ନ ହେବା କହିଛନ୍ତି। ତେବେ କିଛି ଲୋକ ଏହାକୁ ଖାଇଲେ କର୍କଟ ହେବା କହି ମନା କରି ଦେଉଥିବାବେଳେ ବିସ୍କୁଟ୍ ବିକ୍ରି କରୁଥିବା ବ୍ୟକ୍ତି ସେମାନଙ୍କୁ ପାଲଟା ପ୍ରଶ୍ନ କରିଛନ୍ତି। ସିଗାରେଟ୍ ପ୍ୟାକେଟ୍‌ରେ କର୍କଟ ହେବା ଚେତାବନୀ ଲେଖାଯାଇଥିବା ଜାଣି ଏହାକୁ କିଭଳି ବ୍ୟବହାର କରୁଥିବା ସେ ପ୍ରଶ୍ନ କରିଛନ୍ତି। ଏହି ଚିନ୍ତାଧାରା ଅମିତାଭଙ୍କୁ ଏତେ ବେଶି ପସନ୍ଦ ଆସିଲା, ସେ ଏହି ଭିଡିଓଟିକୁ ସେୟାର୍ କରିଛନ୍ତି। ଏହି ଭିଡିଓଟିକୁ ଲୋକେ ମଧ୍ୟ ଖୁବ୍ ପସନ୍ଦ କରିଛନ୍ତି।

## 'କଲ୍କି ୨୮୯୮ ଏଡି-୨'ରୁ ହଟିବେନି ଦୀପିକା



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍‌ଙ୍କୁ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍' ଫିଲ୍ମରୁ ବାଦ୍ ଦିଆଯିବା ପରେ ଏହାକୁ ନେଇ ଅନେକ ତୁମ୍ବିତୋଫାନ ହୋଇଥିଲା। ତେବେ ଦୀପିକା ସେଟ୍‌ରେ ଆଠଘଣ୍ଟା କାମ କରିବା ସହ ଆଉ କିଛି ସର୍ତ୍ତ ସନ୍ଦୀପଙ୍କ ସମ୍ମୁଖରେ ରଖିବାରୁ ତାଙ୍କୁ ଫିଲ୍ମରୁ ବାଦ୍ ଦିଆଗଲା ବୋଲି କୁହାଯାଉଛି। ତେବେ କାମକୁ ନେଇ ଦୀପିକା ଯେଉଁ ସର୍ତ୍ତ ରଖିଛନ୍ତି ସେଥିପାଇଁ 'ସ୍ପିରିଟ୍' ପରେ 'କଲ୍କି ୨୮୯୮ ଏଡି-୨'ରୁ ମଧ୍ୟ ତାଙ୍କୁ ବାଦ୍ ଦିଆଗଲା ବୋଲି ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। କିନ୍ତୁ ଏବେ ଏହାକୁ ନେଇ ଖବର ଆସିଛି। ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, 'କଲ୍କି ୨୮୯୮ ଏଡି-୨'ର ସୁଟିଂ ଏଯାଏଁ ଆରମ୍ଭ ହୋଇ ନାହିଁ, ଦୀପିକାଙ୍କୁ ବାଦ୍ ଦିଆଗଲା କେମିତି? ପ୍ରଭାସ ସମୟ ଦେଇ ପାରୁ ନ ଥିବାରୁ ଏହାର ସୁଟିଂ ବର୍ଷେ ପରେ ହେବ। ଏହାର ପ୍ରଥମ ପାର୍ଟରେ ଦୀପିକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ସିକ୍ୱେଲରେ ବି ତାଙ୍କ ଭୂମିକା ସେହିଭଳି ରହିବ।' ଏଥିରୁ ଦୀପିକା ଫିଲ୍ମରୁ ବାଦ୍ ପଡୁନାହାନ୍ତି ବୋଲି ଏକପ୍ରକାର ସ୍ପଷ୍ଟ ହୋଇ ଯାଇଛି।

## ସମ୍ଭାବନା



## କେଉଁ ଡିଗ୍ରୀର ଚାହିଦା ବେଶି

**ଆଜିକାଲି ଯୁବକଯୁବତୀମାନେ ଗୋଟିଏ ଡିଗ୍ରୀରେ ସନ୍ତୁଷ୍ଟି ଲାଭ କରୁ ନାହାନ୍ତି। ବିଭିନ୍ନ ଡିଗ୍ରୀ ପାଖରେ ଥିଲେ ଚାକିରି ମିଳିବା ସହଜ ହେଉଛି ବୋଲି ଏକାଧିକ ଡିଗ୍ରୀ ହାସଲ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ କେଉଁ ଡିଗ୍ରୀର ଲୋକପ୍ରିୟତା ବେଶି, ଜାଣିବା ସେ ସମ୍ପର୍କରେ।**



**କମ୍ପ୍ୟୁଟର ସାଇନ୍ସ ଏବଂ ଇନଫରମେସନ ଟେକ୍ନୋଲୋଜି:** ଆଜିର ଡିଜିଟାଲ ଯୁଗରେ କମ୍ପ୍ୟୁଟର ସାଇନ୍ସ ଏବଂ ଇନଫରମେସନ ଟେକ୍ନୋଲୋଜି ଡିଗ୍ରୀର ଚାହିଦା ବେଶି। ଏହି କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡାଟା ସାଇନ୍ସ ଏବଂ ସାଇବର ସୁରକ୍ଷା ସାମିଲ ଅଛି।

**ବିଜନେସ ଆଣ୍ଡ ମ୍ୟାନେଜମେଣ୍ଟ:** ଅନେକ ଛାତ୍ର ଛାତ୍ରୀଙ୍କୁ ଏହି ଡିଗ୍ରୀ ଆକର୍ଷିତ କରିଥାଏ। ଏହା କ୍ୟାରିୟରରେ ସଫଳ ହେବା ଲାଗି ଜରୁରି କଳା କୌଶଳ ପ୍ରଦାନ କରେ। ଡିଜିଟାଲ ମାର୍କେଟିଂ ଏବଂ ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟ ହେଉଛି ସବୁଠୁ ଲୋକପ୍ରିୟ କ୍ଷେତ୍ର।

**ହେଲଥ୍ କେୟାର୍:** କୋଭିଡ୍ ମହାମାରୀ ପରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲୋକଙ୍କ ଚାହିଦା ସବୁଠୁ ଅଧିକ ବଢ଼ିଛି। ମେଡିକାଲ, ନର୍ସିଂ ଏବଂ ପବ୍ଲିକ୍ ହେଲଥ୍ କେୟାର୍‌ରେ ଡିଗ୍ରୀ ରଖିଥିବା ଲୋକଙ୍କ ଚାହିଦା ବେଶି। ଆମେରିକା, କାନାଡ଼ା, ବ୍ରିଟେନରେ ନିଯୁକ୍ତିର ଭଲ ସୁଯୋଗ ଅଛି।

**ଇଞ୍ଜିନିୟରିଂ:** ଇଞ୍ଜିନିୟରିଂ ଡିଗ୍ରୀର ଆବଶ୍ୟକତା ସବୁବେଳେ ରହି ଆସିଛି। ପୋଲ ନିର୍ମାଣ, ରୋବଟିକ୍ ଡିଜାଇନ ଭଳି ଅନ୍ୟ ନୂତନ ଇନୋଭେସନ ଲାଗି ଏହା ଜରୁରି।

**ଡାଟା ସାଇଣ୍ଟିସ୍ ଏବଂ ଆନାଲିଟିକ୍ସ:** ଏବେ ଡାଟା ସାଇନ୍ସ ଏବଂ ଆନାଲିଟିକ୍ସ ବ୍ୟବସାୟ ପାଇଁ ଜରୁରି ହୋଇପଡ଼ିଛି। ଏଣୁ ତଥ୍ୟର ବ୍ୟାଖ୍ୟା କରୁଥିବା ଏକ୍ସପର୍ଟଙ୍କ ଚାହିଦା ବେଶି। ସେମାନେ ଗ୍ରାହକଙ୍କ ବ୍ୟବହାର ବୁଝିବା ଏବଂ ଉତ୍ପାଦକୁ ଅଧିକ ଉନ୍ନତମାନରେ କରିବା ଦିଗରେ ସାହାଯ୍ୟ କରନ୍ତି।


## କଲେଜ ଫେଷ୍ଟରୁ ଆତ୍ମବିଶ୍ୱାସ ବୃଦ୍ଧି



କଲେଜ ଫେଷ୍ଟ ବିଦ୍ୟାର୍ଥୀଙ୍କୁ ନିଜ କଲେଜ ବାଦ୍ ଅନ୍ୟ କଲେଜ ଛାତ୍ରଛାତ୍ରୀଙ୍କ ସହିତ ଯୋଡ଼ିବାର ସୁଯୋଗ ପ୍ରଦାନ କରେ। କଲେଜ ଫେଷ୍ଟ ମାଧ୍ୟମରେ ନୂଆ ସାଙ୍ଗ, ନୂଆ ଲୋକଙ୍କ ସହିତ ପରିଚିତ ହେବାର ସୁଯୋଗ ମିଳେ। ଯାହାକି ଭବିଷ୍ୟତରେ କାମ ଆସେ। କଲେଜ ଫେଷ୍ଟରେ ଗୀତ, ନାଚ, ନାଟକ, ବିତର୍କ ଭଳି ଅନେକ ପ୍ରତିଯୋଗିତା ରହିଥାଏ। ଏଥିରେ ଭାଗ ନେଇ ଜଣେ ନିଜର ଦକ୍ଷତା ପ୍ରତିପାଦନ କରିଥାନ୍ତି। ଏହାସହ ଏହି ମଞ୍ଚ ବିଦ୍ୟାର୍ଥୀଙ୍କ ପ୍ରତିଭାକୁ ଅଧିକ ବିକଶିତ କରିବାରେ ସାହାଯ୍ୟ କରେ। ଅନ୍ୟପଟେ ବହୁ ପିଲା ଷ୍ଟେଜ୍‌କୁ ଯିବାକୁ ଭୟ କରନ୍ତି। ହେଲେ ଫେଷ୍ଟରେ ଭାଗ ନେବା ଦ୍ୱାରା ମଞ୍ଚ ଭୟ ଦୂର ହୁଏ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଫେଷ୍ଟରେ ସାମିଲ ଥିବା ଅନେକ ଇଭେଣ୍ଟରେ ବିଦ୍ୟାର୍ଥୀଙ୍କୁ ଭିନ୍ନ ଭିନ୍ନ ଟିମ୍ ସହ ମିଶି କାମ କରିବାକୁ ପଡ଼େ। ଏହାଦ୍ୱାରା ସବୁ ଲୋକଙ୍କ ସହ ମିଶିବା କଳା ନିଜ ଭିତରେ ବିକଶିତ ହୁଏ।

ତେବେ କଲେଜ ଜୀବନରେ ପଢ଼ାର ଚାପ ଥାଏ। ତେଣୁ ଏହା ହେଉଛି ଚାପ କମ୍ କରିବା ଏବଂ ମନୋରଞ୍ଜନର ଏକ ନୂଆ ଉପାୟ। ଏହା ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୁଏ। ଫେଷ୍ଟରେ ସାହାଯ୍ୟ କରୁଥିଲେ ଇଭେଣ୍ଟ ମ୍ୟାନେଜମେଣ୍ଟ, ପ୍ଲାନିଂ ଏବଂ ଏଗଜିକ୍ୟୁସନ କଳାର ବିକାଶ ଘଟେ। ଏହି କଳା ଭବିଷ୍ୟତ ଲାଗି ସହାୟକ ହୁଏ। ଏକ ଅଭୁଲା ସ୍ମୃତି ପ୍ରଦାନ କରେ କଲେଜ ଫେଷ୍ଟ। ଏହା କଲେଜ ଜୀବନକୁ ଅଧିକ ମଜାଦାର ଓ ରୋମାଞ୍ଚକ ଅନୁଭବ ଦେଇଥାଏ।


## 'ୱାର୍କହଲିକ୍'ଙ୍କ ଜୀବନ



ଆଜିକାଲି ଲୋକେ କାମରେ ବହୁତ ବ୍ୟସ୍ତ ରହୁଛନ୍ତି। ତେବେ ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ ବସି କାମ କରିବା ନିଶାକୁ 'ୱାର୍କହଲିକ୍' କୁହାଯାଏ। ହେଲେ କାମର ଏଭଳି ନିଶା ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ସମସ୍ୟା ପାଲଟିଛି। ଏହା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ସେହିପରି କାମ ନ ଥିଲେ ବି ଲଗାତାର କାମ ସହ ଜଡ଼ିତ ବିଚାରଧାରା ମନରେ ଚାଲେ। ସେହିପରି ଯେଉଁମାନେ ୱାର୍କହଲିକ୍, ସେମାନେ ଛୁଟି କି ପରିବାର ସହିତ ଥିଲେ ବି ସେମାନଙ୍କ ଧ୍ୟାନ ସବୁବେଳେ କାମ ଉପରେ ରହିଥାଏ। ଅବଶ୍ୟ ଏହି କାମ ଯୋଗୁଁ ସେମାନେ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହିତ ସମୟ ବାହାର କରିପାରନ୍ତି ନାହିଁ। ପାର୍ଟି, ଇଭେଣ୍ଟ ଆଦିରେ ସାମିଲ ହେବାରୁ ରକ୍ଷା ପାଆନ୍ତି। କାରଣ ଏଭଳି ଲୋକଙ୍କୁ ଲାଗେ, କାମ ବହୁତ ଜରୁରି।

ସେହିପରି ଘଣ୍ଟା ଘଣ୍ଟା ଧରି ବିନା ବ୍ରେକ୍‌ରେ ଡେସ୍କରେ ବସି ରହି କାମ କରିବା ଦ୍ୱାରା ଶରୀର ଉପରେ ଖରାପ ପ୍ରଭାବ ପଡ଼ିଥାଏ। କାମର ଏହି ନିଶା ଯୋଗୁଁ ନିଦ ବାଧାପ୍ରାପ୍ତ ହୁଏ। ସେହିପରି ଠିକ୍ ଭାବେ ନ ଶୋଇବା ଦ୍ୱାରା ଲଗାତାର ଥକ୍କା ଓ ଶକ୍ତିହୀନ ଲାଗେ। ସେମାନେ କାମ ଚାପ ଯୋଗୁଁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେଇପାରନ୍ତି ନାହିଁ। ସ୍ୱାସ୍ଥ୍ୟକର ଖାଦ୍ୟ ନ ଖାଇବା, ବ୍ୟାୟାମ ନ କରିବା, ବ୍ୟସ୍ତ ଓ ଚିଡ଼ଚିଡ଼ ହେବା ସେମାନଙ୍କଠାରେ ସାଧାରଣ କଥା ପାଲଟିଯାଏ। ସେହିପରି କାମର ଏହି ନିଶା ଯୋଗୁଁ ସମ୍ପର୍କରେ ଫାଟ ବି ସୃଷ୍ଟି ହୁଏ।

## ହ୍ୱାଟ୍ସଆପ୍‌ରେ 'ଡିଜିଟାଲ ସାଙ୍ଗ'




ହ୍ୱାଟ୍ସଆପ୍‌ରେ କଥା ହେବାକୁ କେହି ନ ଥିଲେ ଏଣିକି ଆଉ ଚିନ୍ତା କରିବାକୁ ପଡ଼ିବନି। ହ୍ୱାଟ୍ସଆପ୍‌ରେ ଖୁବ୍‌ଶୀଘ୍ର ବ୍ୟବହାରକାରୀ ନିଜସ୍ୱ ଏଆଇ ଚାଟ୍‌ବଟ୍ ତିଆରି କରିପାରିବେ। ଏହି ଫିଚର୍‌ର ନାଁ 'କ୍ରିଏଟ୍ ଆନ୍ ଏଆଇ'। ଏହି ଚାଟ୍‌ବଟ୍ ସହିତ ଜଣେ ନିଜର ଅସଲ ସାଙ୍ଗ ଭଳି କଥାବାର୍ତ୍ତା କରିପାରିବେ। ହେବେ ଏହି ଚାଟ୍‌ବଟ୍ ଭର୍ଚୁଆଲ ସାଥୀ ହେବ। ବ୍ୟବହାରକାରୀ ପ୍ରଦାନ କରୁଥିବା ତଥ୍ୟ ଆଧାରରେ ଉକ୍ତ ଚାଟ୍‌ବଟ୍ କଥାବାର୍ତ୍ତା କରିବ। ଏହି ଚାଟ୍‌ବଟ୍‌ର ସ୍ୱଭାବ, କଥାବାର୍ତ୍ତାର ତରିକା, ଅବତାର ନିଜ ପସନ୍ଦ ଅନୁସାରେ ବ୍ୟବହାରକାରୀ ସ୍ଥିର କରିପାରିବେ। ଏହି ଏଆଇ ସାଙ୍ଗ ମେଣ୍ଟାଲ ହେଲଥ୍ କୋଚ୍, ଷ୍ଟଡି ପାର୍ଟନର, ପ୍ରଡକଟିଭିଟି ଆସିଷ୍ଟାଣ୍ଟ କିମ୍ବା ସମୟ ଅତିବାହିତ କରୁଥିବା ଚାର୍ଟ ପାର୍ଟନର ମଧ୍ୟ ହୋଇପାରେ। ତେବେ ଥରେ ଏହି ଏଆଇ ଚାଟ୍‌ବଟ୍ ତିଆରି ହୋଇଯିବା ପରେ ବ୍ୟବହାରକାରୀ ଏହାକୁ ନିଜର ପର୍ସନାଲ ଚାଟ୍ ଭାବେ ବ୍ୟବହାର କରିପାରିବେ। ଏବେ ଏହାକୁ ଆଣ୍ଡ୍ରଏଡ୍‌ର କିଛି ବ୍ୟବହାରକାରୀଙ୍କ ବିଟା ଭର୍ସନରେ ଟ୍ରାଏ କରିବାର ସୁବିଧା ମିଳିବ। ଆଗାମୀ ଦିନରେ ଏହା ସମସ୍ତଙ୍କ ପାଇଁ ଉପଲବ୍ଧ ହେବ।

# ୨୯ ବର୍ଷରେ କ୍ରିକେଟ୍ ଛାଡ଼ିଲେ ପୂରନ



ଜାମାଇକା, ୧୦।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ବିସ୍ଫୋରକ ବ୍ୟାଟର୍ ନିକୋଲସ ପୂରନ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ମାତ୍ର ୨୯ ବର୍ଷ ବୟସରେ ଅଚାନକ କ୍ରିକେଟ୍‌କୁ ଅଲ୍‌ବିଦା କହି ଏହି କାରବୀୟ ବ୍ୟାଟର୍ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ପୂରନ ଏହି ସୂଚନା ଦେଇଛନ୍ତି। 'ବହୁ ଚିନ୍ତା ଓ ବିଚାର ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଏହି ଖେଳ ମୋତେ ବହୁତ କିଛି ଦେଇଛି। ଆନନ୍ଦ, ଅବିସ୍ମରଣୀୟ ସ୍ମୃତି ଓ ମେରୁନ ପୋଷାକ ପିନ୍ଧି ୱେଷ୍ଟଇଣ୍ଡିଜ ଲୋକଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ। ମୋର ଅନ୍ତର୍ଜାତୀୟ କ୍ୟାରିୟରର ଅଧ୍ୟାୟ ଶେଷ ହୋଇଯାଇଛି, କିନ୍ତୁ ୱେଷ୍ଟଇଣ୍ଡିଜ କ୍ରିକେଟ୍‌କୁ ଭଲପାଇବା କେବେ ମଧ୍ୟ କ୍ଷୀଣ ହେବ ନାହିଁ ବୋଲି ପୂରନ ତାଙ୍କ ଅବସର ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ମଧ୍ୟ ପୂରନଙ୍କୁ ଜଣେ ବିଶ୍ୱସ୍ତରୀୟ ଖେଳାଳି ଓ ଗେମ୍ ଚେଞ୍ଜର ବୋଲି ଅଭିହିତ କରିଛି।

୨୦୧୬ରେ ପାକିସ୍ତାନ ବିପକ୍ଷ ଟି-୨୦ ଖେଳି ପୂରନ ୨୦ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ସ୍ୱଳ୍ପ ଅବଧିର କ୍ୟାରିୟରରେ ଏହି ବାମହାତୀ ବ୍ୟାଟର୍ ୱେଷ୍ଟଇଣ୍ଡିଜ ପାଇଁ ୬୧ ଏକଦିବସୀୟ ଓ ୧୦୬ ଟି-୨୦ ମ୍ୟାଚରେ ଖେଳି ମୋଟ୍ ଉପରେ ୪୨୫୮ ରନ ସଂଗ୍ରହ କରିଛନ୍ତି। ଟେଷ୍ଟ ଫର୍ମାଟ୍‌ରେ କିନ୍ତୁ ସେ ଖେଳିବାର ସୁଯୋଗ ପାଇ ନ ଥିଲେ। ସେ ମଧ୍ୟ ସୀମିତ ଓଭର ଫର୍ମାଟ୍‌ରେ କାରବୀୟ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ ମଧ୍ୟ ପୂରନ ବିଭିନ୍ନ ଦେଶରେ ଅନୁଷ୍ଠିତ ଟି-୨୦ ଲିଗ୍‌ରେ ଖେଳ ଜାରି ରଖିବେ। ଗତ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ତାଙ୍କୁ ୨୧ କୋଟି ଟଙ୍କା ବ୍ୟୟରେ କ୍ରୟ କରିଥିଲା।

**ସଂକ୍ଷେପରେ ଅନ୍ତର୍ଜାତୀୟ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ରନ | ହାରାହାରି | ୧୦୦/୫୦ |
|---|---|---|---|---|
| ଦିନିକିଆ | ୬୧ | ୧୯୮୩ | ୩୯.୬୬ | ୩/୧୧ |
| ଟି-୨୦ | ୧୦୬ | ୨୨୭୫ | ୨୬.୧୪ | ୦/୧୩ |

# ମ୍ୟୁନିକ ସୁଟିଂ ବିଶ୍ୱକପ୍: ଏଲାଭେନିଲଙ୍କୁ କାଂସ୍ୟ



ମ୍ୟୁନିକ, ୧୦।୬ (ଏଜେନ୍ସି): ଜର୍ମାନୀରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭାରତର ଉଦୀୟମାନ ସୁଟର୍ ଏଲାଭେନିଲ ଭାଲାରିଭାନ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ଫାଇନାଲରେ ସେ ୨୩୧.୨ ସ୍କୋର କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଚାଇନାର ୱାଙ୍ଗ୍ ଜିଫେଇ (୨୫୨.୭) ଓ କୋରିଆର କ୍ୱୋନ ଏଉଞ୍ଜି (୨୫୨.୬) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟପଦକ ବିଜୟୀ ହୋଇଥିଲେ। ଏହି ବିଶ୍ୱକପ୍‌ରେ ଭାରତର ଏହା ପ୍ରଥମ ପଦକ ହୋଇଛି। ୨୦୧୮ରେ ଏହି ବିଶ୍ୱକପ୍‌ରେ ଏଲାଭେନିଲ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ଏଥର କିନ୍ତୁ ସେ ପୋଡିୟମ ଫିନିଶ କରିବାରେ ସଫଳ ହୋଇଛନ୍ତି। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ଏଲଭେନିଲ ୬୩୯.୯ ସ୍କୋର କରି ଫାଇନାଲକୁ ଉନ୍ନିତ ହୋଇଥିଲେ। ଯାହାକି ନୂଆ ଜାତୀୟ ରେକର୍ଡ ମଧ୍ୟ ପ୍ରତିଷ୍ଠା ହୋଇଛି। ପୂର୍ବରୁ ମହିଳା ୧୦ ମିଟର ଏୟାର ରାଇଫଲ୍‌ରେ ଜାତୀୟ ରେକର୍ଡ ନାନ୍ସି (୬୩୪.୭)ଙ୍କ ନାମରେ ରହିଥିଲା।

**ଆଜିଠାରୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ**


# ଅଷ୍ଟ୍ରେଲିଆକୁ ଟକ୍କର ଦେବ ଦକ୍ଷିଣ ଆଫ୍ରିକା





ଲର୍ଡ୍ସ,୧୦।୬ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ତୃତୀୟ ସଂସ୍କରଣର ଫାଇନାଲ ମୁକାବିଲା ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତାକାଲି ଖେଳାଯିବ। ଏହି ଫାଇନାଲ ମୁକାବିଲାକୁ ବିଶ୍ୱ କ୍ରିକେଟ ପ୍ରେମୀ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ମଧ୍ୟ ଅଷ୍ଟ୍ରେଲିଆର ଦକ୍ଷତା, ଅଭିଜ୍ଞତା ଓ ଫର୍ମ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ଟକ୍କର ଦେବ ବୋଲି ପୂର୍ବାନୁମାନ କରାଯାଉଛି। ଦକ୍ଷିଣ ଆଫ୍ରିକା କ୍ରମାଗତ ୭ଟି ଟେଷ୍ଟ ଜିତି ଏହି ଫାଇନାଲରେ ପ୍ରବେଶ କରିଛି, କିନ୍ତୁ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିନାହିଁ। ଏଣୁ ୧୯୧୨ରେ ଅଷ୍ଟ୍ରେଲିଆ ସହ ହୋଇଥିବା ତ୍ରିରାଷ୍ଟ୍ରୀୟ ଟେଷ୍ଟ ମୁକାବିଲାରେ ଦକ୍ଷିଣ ଆଫ୍ରିକା ଏଠାରେ ୧୦ ୱିକେଟରେ ହାରିଥିଲା। ଏଥର ପରାଜୟର ପ୍ରତିଶୋଧ ନେବା ଏହି ଦଳର ଦକ୍ଷତାର ବାହାରେ। ତେମ୍ବା ବଭୂମାଙ୍କ ଦକ୍ଷିଣ ଆଫ୍ରିକା ଦଳ ଇତିହାସ ବିପକ୍ଷରେ ମୁକାବିଲା କରିବାକୁ ଯାଉଛି ବୋଲି କୁହାଯାଉଛି। ଏହି ମୁକାବିଲାରେ ପ୍ୟାଟ କମିନ୍ସଙ୍କ ନେତୃତ୍ୱରେ ଗଠିତ ଅଷ୍ଟ୍ରେଲିଆ ଦଳ ସବୁଥିରେ ଦକ୍ଷିଣ ଆଫ୍ରିକାଠାରୁ ବହୁ ଆଗରେ। ଗତ ୪ ବର୍ଷରେ ଅଷ୍ଟ୍ରେଲିଆ ଭିନ୍ନ ଭିନ୍ନ ଫର୍ମାଟରେ ୩ଟି ଟାଇଟଲ ଜିତିଛି। ଏହି ଦଳର କୋର ବ୍ୟାଟର ଏବେ ମଧ୍ୟ ଦଳରେ ରହିଛନ୍ତି। କେବଳ ଓପନିଂରେ ମାର୍ନସ ଲାବୁସେନ୍ ସାଥିଖେଳାଳି ଉସ୍‌ମାନ ଖୱାଜାଙ୍କ ଗତ ୯ଟି ଟେଷ୍ଟରେ ୫ମ ପାର୍ଟନର ହେବେ। ଆହତ ସମସ୍ୟାରୁ ମୁକୁଳିଥିବା କାମେରନ ଗ୍ରୀନ୍ ନଂ-୩ରେ ଖେଳିବେ। ବିଶ୍ୱବିଖ୍ୟାତ ବ୍ୟାଟର ଷ୍ଟିଭେନ ସ୍ମିଥଙ୍କ ପରି ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିବା ଗତ ଦୁଇଟି ବିଶ୍ୱକପ୍ ଫାଇନାଲରେ ଟ୍ରାଭିସ ହେଡ ଶତକ ହାସଲ କରିଛନ୍ତି। ଏଣୁ ବ୍ୟାଟିଂରେ ଅଷ୍ଟ୍ରେଲିଆକୁ ଟକ୍କର ଦେବା ଏତେଟା ସହଜ ନୁହେଁ। ଏହି ଦଳ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ତେମ୍ବା ବଭୂମା ଓ ଆଇଡେନ୍ ମାର୍କରାମଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳିଙ୍କର ଖେଳିବା ଅଭିଜ୍ଞତା ନାହିଁ। ଟ୍ରିଷ୍ଟାନ ଷ୍ଟବ୍ସ ଓ ରିୟାନ ରିକ୍ଲେଟନ ଆଇପିଏଲ୍‌ରେ ଅଷ୍ଟ୍ରେଲିଆର ଖେଳାଳିଙ୍କ ସହ ଓ ବିପକ୍ଷରେ ଖେଳିଛନ୍ତି। ଯେଉଁ ଖେଳାଳିମାନଙ୍କୁ ନେଇ ଦକ୍ଷିଣ ଆଫ୍ରିକା କ୍ରମାଗତ ୭ଟି ଟେଷ୍ଟରେ ବିଜୟୀ ହୋଇଛି, ସେ ସମସ୍ତ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି।



**ଖେଳାଳି ଦଳ**

**ଅଷ୍ଟ୍ରେଲିଆ** : ଉସ୍‌ମାନ ଖୱାଜା, ମାର୍ନସ ଲାବୁସେନ, କାମେରନ ଗ୍ରୀନ୍, ଷ୍ଟିଭେନ ସ୍ମିଥ, ଟ୍ରାଭିସ୍ ହେଡ୍, ବିଉ ୱେବ୍‌ଷ୍ଟର, ଆଲେକ୍ସ କାରୀ (ୱିକେଟ ରକ୍ଷକ), ପ୍ୟାଟ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ଜୋଶ ହାଜ୍‌ଲେଉଡ୍, ନାଥାନ ଲାୟନ।

**ଦକ୍ଷିଣ ଆଫ୍ରିକା** : ଆଇଡେନ୍ ମାର୍କରାମ, ରିୟାନ ରିକେଲଟନ, ୱିଆନ ମୁଲ୍ଡର, ତେମ୍ବା ବଭୂମା (ଅଧିନାୟକ), ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ ବେଡିଂହାମ୍, କାଏଲ ଭେରିନ୍ (ୱିକେଟରକ୍ଷକ), ମାର୍କୋ ଜାନସେନ, କେଶବ ମହାରାଜ, କାଗିସୋ ରାବାଡା, ଲୁଙ୍ଗି ନିଗିଡି।

ଖେଳ ଆରମ୍ଭ : ଅପରାହ୍ଣ ୩ଟା
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

**ଚତୁଃରାଷ୍ଟ୍ରୀୟ ହକି ଲାଗି ଭାରତୀୟ କନିଷ୍ଠ ଦଳ ଘୋଷଣା**

# ଓଡ଼ିଶାରୁ ୫ ଖେଳାଳି ସାମିଲ

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଜର୍ମାନୀର ରାଜଧାନୀ ବର୍ଲିନ୍‌ରେ ଚଳିତମାସ ୨୧ରୁ ୨୫ ତାରିଖଯାଏ ଚତୁଃରାଷ୍ଟ୍ରୀୟ କନିଷ୍ଠ ହକି ଖେଳାଯିବ। ଏଥିରେ ଆୟୋଜକ ଜର୍ମାନୀ ସହ ସ୍ପେନ୍ ଓ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ସହ ଖେଳିବ ଭାରତ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଲାଗି ଫରୱାର୍ଡ ଖେଳାଳି ଅରାଇଜିତ ସିଂହ ହୁଣ୍ଡାଲଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୫ଜଣ ଖେଳାଳି ସାମିଲ ହୋଇଥିଲାବେଳେ ଜଣେ ଖେଳାଳି ପ୍ରଶାନ୍ତ ବାର୍ଲାଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ଦଳରେ ସାମିଲ ହୋଇଥିବା ଖେଳାଳିମାନେ ହେଲେ ଗୋଲରକ୍ଷକ ବିବେକ ଲାକ୍ରା, ଡିଫେଣ୍ଡର ଅନ୍‌ମୋଲ ଏକ୍କା, ମିଡ୍‌ଫିଲ୍ଡର ରୋଶନ କୁଜୁର, ରୋହିତ କୁଲୁ ଓ ଆଦ୍ରୋହିତ ଏକ୍କା। ଦୀର୍ଘଦିନ ପରେ ଯେ କୌଣସି ଭାରତୀୟ ଦଳରେ ଏତେ ସଂଖ୍ୟକ ଓଡ଼ିଶାର କିମ୍ବା ଓଡ଼ିଆ ଖେଳାଳି ସାମିଲ ହେବା ହକି ପ୍ରେମୀଙ୍କ ମନରେ ଆନନ୍ଦ ଆଣିଛି। ଚଳିତବର୍ଷ ଭାରତର ଚେନ୍ନାଇ ଓ ମଦୁରାଇରେ କନିଷ୍ଠ ପୁରୁଷ ବିଶ୍ୱକପ୍ ହକି ପ୍ରତିଯୋଗିତା ଆୟୋଜିତ ହେବ। ଜର୍ମାନୀରେ ଖେଳାଯିବାକୁ ଥିବା ଶକ୍ତିଶାଳୀ ଟୁର୍ଣ୍ଣାମେଣ୍ଟ ଭାରତର ପ୍ରସ୍ତୁତିରେ ବେଶ ସହାୟକ ହେବ ବୋଲି କୋଚ୍ ପିଆର ଶ୍ରୀଜେଶ କହିଛନ୍ତି। ଉଲ୍ଲେଖଯୋଗ୍ୟ ଓଡ଼ିଶାର ଅଲିମ୍ପିଆନ ବୀରେନ୍ଦ୍ର ଲାକ୍ରାଙ୍କୁ ନିକଟରେ ଜୁନିଅର ଦଳର ସହାୟକ ପ୍ରଶିକ୍ଷକ ନିଯୁକ୍ତ କରାଯାଇଥିଲା।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

# କ୍ରିଷ୍ଣାଙ୍କୁ ୪ ୱିକେଟ; କେନ୍ଦ୍ରାପଡ଼ା ବିଜୟୀ



ଆୟୁଷ ମନ୍ତ୍ରୀ

କଟକ,୧୦।୬(ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ୪ ୱିକେଟରେ ଦେବଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ଼ ୯ ୱିକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା। ଆରିକ ଆୟାନ ଅପରାଜିତ ୩୨ରନ କରିଥିଲେ। କେନ୍ଦ୍ରାପଡ଼ାର କ୍ରିଷ୍ଣା ମହାନ୍ତି ୨୫ରନ ବ୍ୟୟ କରି ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ୩୨ତମ ଓଭରରେ ୬ ୱିକେଟ ହରାଇ କେନ୍ଦ୍ରାପଡା ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମୋହନରାଜ ରାଉତ ୬୩ ରନର ମ୍ୟାଚ ବିଜୟୀ ପାଳି ଖେଳିଥିଲେ। କ୍ରିଷ୍ଣାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କୋରାପୁଟ ୬ ୱିକେଟରେ ଅନୁଗୋଳକୁ ପରାସ୍ତ କରିଛି। ବିଜୟୀ ଦଳର ସନଶ୍ରୟ ସାହା ୩୧ରନ ବ୍ୟୟରେ ୪ଟି ୱିକେଟ ଦଖଲ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କଟକ-ବି ଦଳ ବିଜୟ ଧାରା ଜାରି ରଖିଛି। ଆଜି ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ-ବି ଦଳ ୧୫୭ରନରେ ଜଗତସିଂହପୁରକୁ ହରାଇଥିଲା। ବିଜୟୀ ଦଳର ଆୟୁଷ ମନ୍ତ୍ରୀ ୬୧ବଲରୁ ଦ୍ରୁତ ୯୮ ରନର ପାଳି ଖେଳିଥିଲେ।

**ଆନ୍ତଃରାଜ୍ୟ ଦୃଷ୍ଟିହୀନ ମହିଳା କ୍ରିକେଟ**

# ଓଡ଼ିଶା-ଆନ୍ଧ୍ର ଫାଇନାଲ


ଭୁବନେଶ୍ୱର, ୧୦।୬ (ସମିସ): ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏନ୍‌ଟିପିସି ଇଏମ୍ ପାୱାର ଆନ୍ତଃରାଜ୍ୟ ଟି-୨୦ ମହିଳା ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ବିଶାଖାପାଟଣାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାତିଲ କରିବାକୁ ପଡ଼ିଥିଲା। ଫଳରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦିଲ୍ଲୀ ଓ କେରଳ ବିପକ୍ଷରେ ଉଭୟ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଆସନ୍ତାକାଲି ବିଶାଖାପାଟଣାର ଉକ୍କୁ ଷ୍ଟାଡିୟମ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଓଡ଼ିଶା ସିଏବିଆଇର ସଭାପତି ମହମ୍ମଦ୍ ଜାଫର ଇକବାଲ ଜଣାଇଛନ୍ତି।

# ହଂକଂଠୁ ହାରିଲା ଭାରତ

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଏଏଫ୍‌ସି ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟରେ ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ୧-୦ ଗୋଲରେ ଘରୋଇ ହଂକଂ ନିକଟରୁ ପରାସ୍ତ ହୋଇଛି। ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଭାରତ ପୂର୍ବରୁ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିଲା। ଫଳରେ ୨ଟି ମ୍ୟାଚରୁ ମାତ୍ର ୧ ପଏଣ୍ଟ ପାଇ ଭାରତ ସର୍ବନିମ୍ନ ୪ର୍ଥ ସ୍ଥାନରେ ରହିଛି। ଉଲ୍ଲେଖଯୋଗ୍ୟ, ହଂକଂକୁ ପରାସ୍ତ କଲେ ଭାରତୀୟ ଦଳକୁ ୪୩ ଲକ୍ଷ ଟଙ୍କା ବୋନସ ପୁରସ୍କାର ରାଶି ପ୍ରଦାନ କରିବାକୁ ଭାରତର ସର୍ବୋଚ୍ଚ ଫୁଟ୍‌ବଲ ସଂସ୍ଥା ଏଆଇଏଫ୍‌ଏଫ୍ ଘୋଷଣା କରିଥିଲା।



ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ୍ ଆଥଲେଟିକ ଚାମ୍ପିଅନସିପ୍‌ର ରୌପ୍ୟ ପଦକ ଜିତି ଓଡ଼ିଶା ଫେରିବା ପରେ ଭୁବନେଶ୍ୱର ବିମାନ ବନ୍ଦରରେ ମଙ୍ଗଳବାର ଶ୍ରାବଣୀ ନନ୍ଦଙ୍କୁ ସମ୍ବର୍ଦ୍ଧନା।





**ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍**

# ବାଳିକାରେ ଜୋତିକା ଏକକ ଅଗ୍ରଣୀ



ଭୁବନେଶ୍ୱର,୧୦।୬ (ସମିସ)

କଟକର ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୫ ବର୍ଷରୁ କମ୍ ଉପକନିଷ୍ଠ ଚେସ୍‌ର ଷଷ୍ଠ ରାଉଣ୍ଡ ଶେଷସୁଦ୍ଧା ବାଳିକା ବିଭାଗରେ ଜୋତିକା ସାହୁ ଏକକ ଅଗ୍ରଣୀ ନେଇ ପ୍ରଥମ ସ୍ଥାନରେ ରହିଛନ୍ତି। ସେ ୬ ରାଉଣ୍ଡରୁ ୬ ପଏଣ୍ଟ ପାଇଛନ୍ତି। ଷଷ୍ଠ ରାଉଣ୍ଡରେ ସେ ସୃଷ୍ଟି ଶ୍ରେୟସୀଙ୍କୁ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ଟପ୍ ସିଡ୍ ଶ୍ରଦ୍ଧା ସ୍ମରଣିକା ନନ୍ଦ, ସୃଷ୍ଟି, ଇ ରାଗିଣୀ, ଅମୃତି ପ୍ରିୟଲକ୍ଷ୍ମୀ ଓ ପ୍ରୀତିଷା ମିଶ୍ର ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଓପନ (ବାଳକ ଓ ବାଳିକା) ବିଭାଗରେ ହିମାଂଶୁ ନାୟକ, ବିଶ୍ୱପ୍ରୀତ୍ ରାୟ, ଟପ୍ ସିଡ ଲଳିତରଞ୍ଜନ ସାହୁ, ସାତ୍ତ୍ୱିକ ସ୍ୱାଇଁ ଓ ସାଇଶକ୍ତି ପଣ୍ଡା ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ଉଦୟକାନ୍ତ ନାୟକ, ସାର୍ଥକ ମହାନ୍ତି, ଆଦିତ୍ୟ ଜେନା, ପ୍ରିୟଦର୍ଶନ ରାୟ, ସୌଭିକ୍ ପାଢ଼ୀ, ମନୀଷ ମିଶ୍ର ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆସନ୍ତାକାଲି ଆଉ ୨ ରାଉଣ୍ଡ ଖେଳ ସହ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS